

ଦିନକରେ ଦୁଇଟି ପରୀକ୍ଷା

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 92 ଭାଗ ୩୪ | ସଂଖ୍ୟା ୯୨ | Tuesday 23 June 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୨୩ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଏଲ୍-ନିନୋ ମୁକାବିଲା ପାଇଁ ପ୍ରସ୍ତୁତ ହେଲା ବ୍ଲୁପ୍ରିଣ୍ଟ୍

# ଜିରୋ କାଜୁଆଲ୍ଟି ଆମର ସଙ୍କଳ୍ପ: ମୁଖ୍ୟମନ୍ତ୍ରୀ

- ଏଲ୍-ନିନୋର ସାମନା କରିବାକୁ ମିଳିତ ପଦକ୍ଷେପ ପାଇଁ ପରାମର୍ଶ
- କୃଷି ବିଭାଗକୁ କଣ୍ଟିନ୍‌ଜେନ୍ସି ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ
- ବିପର୍ଯ୍ୟୟ ପରିଚାଳନାକୁ ଫୁଲ୍‌ପ୍ରୁଫ କରିବା ଉପରେ ଗୁରୁତ୍ୱ
- ବିପର୍ଯ୍ୟୟ ପରିଚାଳନାରେ ଶିଥିଳତା ବରଦାସ୍ତ କରାଯିବନି
- ୯୧୧ ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ମିଳିବ ୬ ଲକ୍ଷ
- ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲରେ ମିଳିବ ସଠିକ୍ ସୂଚନା




**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି। ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ 'ଏଲ୍-ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନ ହେବ, ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି 'ହୋଲ୍ ଅଫ୍ ଗଭର୍ଣ୍ଣମେଣ୍ଟ' ଆଭିମୁଖ୍ୟରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗକୁ ସ୍ୱତନ୍ତ୍ର 'କଣ୍ଟିନଜେନ୍ସି ଯୋଜନା' ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜମ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଂ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି। ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ➪ପୃଷ୍ଠା-୬

### କୋଚିଂ ସେଣ୍ଟରର କୋଠାରେ ଭୟାବହ ଅଗ୍ନିକାଣ୍ଡ

# ୧୫ ଛାତ୍ରଛାତ୍ରୀ ଜୀବନ୍ତ ଦଗ୍ଧ






**ଲକ୍ଷ୍ନୌ,୨୨।୬:** ଆଜି ଏକ ଅଭାବନୀୟ ଘଟଣାକ୍ରମରେ ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ଉତ୍ତର ପଶ୍ଚିମ ଆଲିଗଞ୍ଜ ସହରସ୍ଥିତ ଏକ କୋଚିଂ ସେଣ୍ଟରରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ଏହି ଭୟଙ୍କର ଅଗ୍ନିକାଣ୍ଡରେ ଅତି କମ୍‌ରେ ୧୫ ଜଣ ଛାତ୍ର ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୪ ଜଣ ଗୁରୁତର ଭାବେ ପୋଡ଼ି ଯାଇଛନ୍ତି। ସେମାନଙ୍କୁ କିଙ୍ଗ୍ ଜର୍ଜ ମେଡିକାଲ ସେଣ୍ଟର (କେଜିଏମ୍‌ସି) ଟ୍ରମା ବିଭାଗରେ ଭର୍ତ୍ତି କରାଯାଇଛି। ଖବର ପାଇ ୮ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ପୁଲିସ ଓ ଅଗ୍ନିଶମ ବାହିନୀର କର୍ମକର୍ତ୍ତା ୧୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଏବେବି ଅନେକ ଛାତ୍ର ନିଆଁ ଭିତରେ ଫସିରହିଥିବା ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଦଳ କାନ୍ଥରେ ବଡ଼ ଗାତ କରି ଛାତ୍ରମାନଙ୍କୁ ବାହାରକୁ ଆଣୁଥିବା ଦେଖାଯାଇଛି। ଏହି ମାମଲାରେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତ ଛାତ୍ରଛାତ୍ରୀଙ୍କ ନିକଟ ସମ୍ପର୍କୀୟଙ୍କ ➪ପୃଷ୍ଠା-୬

# ବଢ଼ିଲା ଆଇନଜୀବୀଙ୍କ ସହାୟତା ରାଶି

### ଅବସର କିମ୍ବା ଦେହାନ୍ତ କ୍ଷେତ୍ରରେ ୪୦% ବୃଦ୍ଧି

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ସହାୟତା ପାଇଁ ଥିବା ରାଜ୍ୟ କଲ୍ୟାଣ ପାଣ୍ଠିରୁ ଆଇନଜୀବୀଙ୍କୁ ଅବସର କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନଜୀବୀଙ୍କ ପାଇଁ ଏହି ସହାୟତା ରାଶିର ପରିମାଣ ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ହଜାର ହଜାର ଆଇନଜୀବୀ ଉପକୃତ ହୋଇପାରିବେ।

ସୂଚନାଯୋଗ୍ୟ ଯେ ଶେଷ ଥର ପାଇଁ ଆଇନଜୀବୀମାନଙ୍କର ଏହି ସହାୟତା ରାଶି ଗତ ୨୦୨୧ରେ ବୃଦ୍ଧି ପାଇଥିଲା। ଏହି ସହାୟତା ରାଶି ବୃଦ୍ଧି ଦ୍ୱାରା ୫ ବର୍ଷ କିମ୍ବା ଏଥିରୁ କମ୍ ସମୟ ପାଇଁ କାର୍ଯ୍ୟରତ ଆଇନଜୀବୀଙ୍କୁ କେବଳ ଦେହାନ୍ତ କ୍ଷେତ୍ରରେ ପରିବାରର ନିକଟତମ ଆତ୍ମୀୟଙ୍କୁ ୧ ଲକ୍ଷ ୫ ହଜାର ଟଙ୍କାର ସହାୟତା ଦିଆଯିବ। ଏହାପରେ ପ୍ରତ୍ୟେକ ଅଧିକ ବର୍ଷର ➪ପୃଷ୍ଠା-୬

### କଲ୍ୟାଣସିଂହପୁର ଭିଡ଼ ହିଂସା ଘଟଣା

# ଡିଜିପିଙ୍କୁ ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ




**ନୂଆଦିଲ୍ଲୀ,୨୨।୬:** ନିକଟରେ ରାୟଗଡ଼ାର କଲ୍ୟାଣସିଂହପୁରଠାରେ ଜନୈକା ୨୨ ବର୍ଷୀୟା ଇନଟର୍ନଙ୍କୁ ପିଲା ଚୋର ଭାବି ସ୍ଥାନୀୟ ଲୋକେ ମାରପିଟ୍ କରିବା ସହ ତାଙ୍କ ପୋଷାକ ଚିରି ପକାଇବା ଭଳି ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥିଲେ। ଏହି ଘଟଣାକୁ ଜାତୀୟ ମହିଳା କମିଶନ୍ (ଏନ୍‌ସିଡବ୍ଲ୍ୟୁ) ଗୁରୁତର ଭାବେ ଗ୍ରହଣ କରି ଏହି ମାମଲାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହି ମାମଲାରେ ଅଦ୍ୟାବଧି ପୁଲିସ୍ କ'ଣ ପଦକ୍ଷେପ ନେଇଛି, ସେ ସମ୍ପର୍କରେ ଡିଜିପି ଶ୍ରୀ ଖୁରାନିଆଙ୍କୁ ଆସନ୍ତା ୭ ଦିନ ଭିତରେ ଆକ୍ସନ୍ ଟେକେନ୍ ରିପୋର୍ଟ (ଏଟିଆର୍) ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ➪ପୃଷ୍ଠା-୬

### ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା

# ୫ ଓଡ଼ିଆ ମୃତ, ପରିବାର ପାଇଁ ୪ଲକ୍ଷ ଘୋଷଣା

### ଚେନ୍ନାଇରେ ସହାୟତା କରୁଛନ୍ତି ରାଜ୍ୟ ସରକାରଙ୍କ ଟିମ୍

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ମୋଟ ୫ ଜଣ ଓଡ଼ିଆ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ଏନେଇ ଆଜି ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୃତକମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଓ ଫୁଲମଣି ଜୁଆଙ୍ଗ। ସେହିପରି ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ। ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଆହତ ଓଡ଼ିଆ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ସେ ମୃତକଙ୍କ ସକାଶେ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ତାଙ୍କ ଘୋଷଣା ଅନୁସାରେ, ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ।





ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କ ସହାୟତା ପାଇଁ ଓଡ଼ିଶା ସରକାର ନିରନ୍ତର ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି। ଗତକାଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରି ଯେପରି ଓଡ଼ିଆ ଶ୍ରମିକ ମାନଙ୍କ ଉପଯୁକ୍ତ ଚିକିତ୍ସା ହୋଇ ପାରିବ ଏବଂ ଅନ୍ୟାନ୍ୟ ସହାୟତା ଠିକ୍ ଭାବରେ ମିଳି ପାରିବ, ସେ ବିଷୟରେ ଆଲୋଚନା କରିଥଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶା ସରକାରଙ୍କ ତିନି ଜଣ ବରିଷ୍ଠ ଅଧିକାରୀ ତାମିଲନାଡୁର ➪ପୃଷ୍ଠା-୬

# ସଭ୍ୟପଦ ରଦ୍ଦ କରିବାକୁ ଯାଇ ଦୁଇ ଦଳ ଲୋକହସା



- ମାନ ରଖିବାକୁ ଅଦାଲତି ଧମକ
- ରୋକ୍‌ଠୋକ୍ ମନା କରିଦେଲେ ବାଚସ୍ପତି

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ନିଜ ନିଜର ନିଲମ୍ବିତ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଆବେଦନ କରି ଉଭୟ ବିଜେଡି ଓ କଂଗ୍ରେସ ଲୋକହସା ହୋଇଛନ୍ତି। ବାଚସ୍ପତିଙ୍କ ନିକଟରେ ଆବେଦନ ଦାଖଲ କରିବା ସମୟରେ ସର୍ବନିମ୍ନ ସତ୍ୟପାଠଟିଏ ଦାଖଲ କରି ନ ଥିବାରୁ ବାଚସ୍ପତି ତାହାକୁ ଗ୍ରହଣ କରିନାହାନ୍ତି। ଏହା ଫଳରେ କେବଳ ବିଜେଡି ଓ କଂଗ୍ରେସ ଲୋକହସା ହୋଇନାହାନ୍ତି, ସେମାନେ ବାସ୍ତବରେ କ'ଣ ଚାହୁଁଥିଲେ ବୋଲି ଦଳୀୟ କର୍ମୀମାନେ ପ୍ରଶ୍ନ କରୁଛନ୍ତି।

ଗତ ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ଜଣ ଓ କଂଗ୍ରେସର ୩ ଜଣ ବିଧାୟକ କ୍ରସଭୋଟିଂ କରିଥିଲେ। ଏମାନେ ଦଳୀୟ ହୁଇପ୍ ନ ମାନି ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିଲେ। ଫଳରେ ଉଭୟ ବିଜେଡି ଓ କଂଗ୍ରେସର ସମର୍ଥିତ ପ୍ରାର୍ଥୀ ଡାକ୍ତର ତେଜେଶ୍ୱର ପରିଡ଼ା ରାଜ୍ୟସଭା ନିର୍ବାଚନ ହାରିଯାଇଥିଲେ। କ୍ରସଭୋଟିଂ କରିଥିବାରୁ କଂଗ୍ରେସ ଓ ବିଜେଡି ତତ୍‌କ୍ଷଣାତ୍ ଦଳୀୟ ବିଧାୟକମାନଙ୍କୁ ନିଲମ୍ବିତ କରିଥିଲେ। ଅବଶ୍ୟ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ପୂର୍ବରୁ କ୍ରସଭୋଟିଂ ତାଲିକାରେ ଥିବା ନିଜର ଦୁଇ ବିଧାୟକଙ୍କୁ ନିଲମ୍ବିତ କରିଥିଲା।

ନିଲମ୍ବିତ କରିବା ସମୟରେ ଉଭୟ ଦଳ ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଆବେଦନ କରିବେ ବୋଲି କହିଥିଲେ। ସେହି ଅନୁଯାୟୀ ବାଚସ୍ପତିଙ୍କ ନିକଟରେ ଆବେଦନ ➪ପୃଷ୍ଠା-୬

## ମାଓବାଦୀଙ୍କ ଅସ୍ତ୍ର ଓ ବିସ୍ଫୋରକ ଭଣ୍ଡାର ଠାବ



**କୋରାପୁଟ,୨୨।୬(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାରେ ସୁରକ୍ଷା ବାହିନୀକୁ ଆଜି ଏକ ବଡ଼ ସଫଳତା ମିଳିଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଚାଲିଥିବା ସର୍ଚ୍ଚ ଅପରେସନରେ ବୈପାରିଗୁଡ଼ା ଥାନା ଅଧୀନସ୍ଥ ବଡ଼ିଲିପାହାଡ଼ ଜଙ୍ଗଲ ଅଞ୍ଚଳରୁ ଏକ ବଡ଼ ମାଓବାଦୀ ଅସ୍ତ୍ର ଓ ବିସ୍ଫୋରକ ଭଣ୍ଡାର ଠାବ କରାଯାଇଛି। ସୋମବାର ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଜିଲ୍ଲା ସ୍ୱେଚ୍ଛାସେବୀ ବଳ (ଡିଭିଏଫ୍) ପକ୍ଷରୁ ଚାଲିଥିବା ଅଭିଯାନରେ ଏହି ଭଣ୍ଡାରକୁ ଠାବ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଇନସାସ୍ ରାଇଫଲ, ୬ଟି ଦେଶୀ ବନ୍ଧୁକ, ପ୍ରାୟ ୧୮ କିଲୋଗ୍ରାମ ଓଜନର ଏକ କ୍ଲେମୋର ମାଇନ, ପ୍ରାୟ ୧୦ କିଗ୍ରା ଓଜନର ଗୋଟିଏ ଟିଫିନ ବୋମା ଆଇଇଡି ଓ ପ୍ରାୟ ୪ କିଗ୍ରା ଓଜନର ୬ଟି ଟିଫିନ ବୋମା ଆଇଇଡି ରହିଛି। ଏଥିସହ ମାଓବାଦୀ କିଟ୍ ବ୍ୟାଗ ସହ ଔଷଧ ଓ ଖାଦ୍ୟ ସାମଗ୍ରୀ ମଧ ଜବତ କରାଯାଇଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ଅସ୍ତ୍ର ଓ ବିସ୍ଫୋରକ ଆନ୍ଧ୍ର-ଓଡ଼ିଶା ସୀମା ସ୍ପେଶାଲ ଜୋନାଲ କମିଟି (ଏଓବିଏସଜେଡସି) ମାଓବାଦୀ ସଂଗଠନର ➪ପୃଷ୍ଠା-୬

## ହର୍ମୁଜ୍ ପାର୍‌ହେଲା ୪ ସାର ବୋଝେଇ ଜାହାଜ

**ନୂଆଦିଲ୍ଲୀ,୨୨।୬:** ଗତ ସପ୍ତାହରେ ୪ଟି ସାର ବୋଝେଇ ଜାହାଜ ହର୍ମୁଜ୍ ପ୍ରଣାଳୀ ପାର୍ ହୋଇ ଭାରତ ଉପକୂଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ଜଣାପଡ଼ିଛି। ଏହା ଭାରତର ସାର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ଉତ୍ପନ୍ନ ବିଶ୍ୱ ବାଣିଜ୍ୟିକ ଆହ୍ୱାନ ସତ୍ତ୍ୱେ ଏହି ଜାହାଜଗୁଡ଼ିକ ୟୁରିଆ, ଡିଏପି ଓ ସଲଫର୍ ସାର ନେଇ ଭାରତ ଉପକୂଳରେ ଖୁବ୍‌ଶୀଘ୍ର ପହଞ୍ଚିବେ। ଏସବୁ ଜାହାଜ ପାରାଦୀପ, କ୍ରିଷ୍ଣାପଟନମ, କାକିନାଡ଼ା ଓ ମୁନ୍ଦ୍ରା ବନ୍ଦରରେ ପହଞ୍ଚିବେ। ଫଳରେ ଖରିଫ୍ ଋତୁ ୨୦୨୬ ପାଇଁ ସାର ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେବ।

## ହଜାରେ ଟପିଲା ଇବୋଲା ସଂକ୍ରମଣ

**କିନସାସା,୨୨।୬:** କଂଗୋ ଗଣରାଜ୍ୟରେ ବ୍ୟାପିଥିବା ଇବୋଲା ସଂକ୍ରମିତଙ୍କ ସଂଖ୍ୟା ୧ ହଜାର ଅତିକ୍ରମ କରିଥିବା ବେଳେ ଇବୋଲା ମୃତ୍ୟୁସଂଖ୍ୟା ୨୫୪ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିଛି। କଙ୍ଗୋର ସମ୍ବେଦନଶୀଳ ଇତୁରି ପ୍ରଦେଶରେ ଏବେ ଇବୋଲା ଘାତକ ରୂପରେ ବ୍ୟାପୀ ଚାଲିଛି। କଂଗୋ ଗଣରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ମେ' ୧୫ରେ ଇବୋଲା ସଂକ୍ରମଣ ଘୋଷଣା କରାଯିବା ପରଠାରୁ ଏଥିରେ ୧୦୦୩ଜଣ ସଂକ୍ରମିତ ହୋଇଛନ୍ତି। ୧୦୦ ଜଣ ସଂକ୍ରମଣରୁ ମୁକ୍ତ ହୋଇଛନ୍ତି। ଅଦ୍ୟାବଧି ୩୫୬ ଜଣ ଆଇସୋଲେସନ (ଏକାନ୍ତ)ରେ ରହି ଚିକିତ୍ସିତ ହେଉଛନ୍ତି। ଜାତିସଂଘର ଶରଣାର୍ଥୀ ସଂସ୍ଥା ଇବୋଲାର ସାମ୍ପ୍ରତିକ ଗତିକୁ ଦେଖି ସତର୍କ ରହିବାକୁ ପରାମର୍ଶ ଦେଇଛି।

## ରିଲାଏନ୍ସ କମର୍ସିଆଲ ଫାଇନାନ୍ସ ସିଇଓ ଗିରଫ

**ନୂଆଦିଲ୍ଲୀ, ୨୨।୬:** ଏକାଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସୋମବାର ରିଲାଏନ୍ସ କମର୍ସିଆଲ ଫାଇନାନ୍ସ ଲିମିଟେଡର ସିଇଓ ଦେବାଙ୍ଗ ମୋଦି ଓ ରିଲାଏନ୍ସ ହୋମ ପାଇନାନ୍ସ ଲିମିଟେଡର ପୂର୍ବତନ ସିଇଓ ରବୀନ୍ଦ୍ର ସୁଧାଲକରଙ୍କୁ ଗିରଫ କରିଛି। ଦେବାଙ୍ଗ ମୋଦି ୧୩ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଅନ୍ୟୁନ ୪ କୋଟିରୁ ଉର୍ଦ୍ଧ୍ୱ କ୍ଷତି କରିଥିବା ବେଳେ ରବୀନ୍ଦ୍ରଙ୍କ ନାମରେ ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ୩ କୋଟିରୁ ଅଧିକ ଠକେଇ ରହିଛି ବୋଲି ତଦନ୍ତ ଅଧିକାରୀମାନେ ପ୍ରକାଶ କରିଛନ୍ତି।



## କାନ ଡେରିଥା

ଡାକ୍ତର ଏଇଠି ସେବା କରୁକରୁ
ପ୍ରେମ ଜାଲେ ଫସାଇଲେ
ଲକ୍ଷ ଲକ୍ଷ ଟଙ୍କା ଚଲୁ କରିଦେଇ
ପ୍ରେମିକାକୁ ଭୁଲିଗଲେ
ଏବେ ସେ ଗିରଫ ହେଲେ...
ରଙ୍ଗିଲା ଡାକ୍ତର ଚିକିତ୍ସା ନକରି
ପ୍ରେମ ପାଠ ପଢୁଥିଲେ ।

▌ଦେବାଶିଷ

# କଟକ ସିଡିଏମଓ କାର୍ଯ୍ୟାଳୟରେ 'ବଦଳି ନିୟମକୁ ଫୁଁ'

### ୧୪ ବର୍ଷ ହେଲା ଗୋଟିଏ ପଦବୀରେ ଜଣେ ଅଧିକାରୀ

### ଧର୍ମକୁ ଆଖିଠାର ଭଳି ହେଲା ବଦଳି

### ୯ ମାସ ପରେ ସେହି ସ୍ଥାନକୁ ଫେରିଲେ

**କଟକ,୨୨।୬(ସଂଚାର ବ୍ୟୁରୋ):** ସରକାରଙ୍କ ବଦଳି ନିୟମ ଗୋଟେ ପଟେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) କାର୍ଯ୍ୟାଳୟରେ ନିୟମ ଗୋଟେ। ବୋଧହୁଏ କଟକ ସିଡିଏମଓଙ୍କ କାର୍ଯ୍ୟାଳୟରେ ସରକାରଙ୍କ ବଦଳି ନିୟମ ଲାଗୁ ହେଉନାହିଁ। ଜଣେ ଅଧିକାରୀ ଦୀର୍ଘ ୧୪ ବର୍ଷ ହେଲା ଗୋଟିଏ ପଦବୀକୁ ମାଡ଼ି ବସି ରହିଛନ୍ତି। ତାଙ୍କ ବିରୋଧରେ ବିଭିନ୍ନ ସମୟରେ ନାନା ଅଭିଯୋଗ ଆସୁଥିଲେ ବି କେଉଁ ଅଦୃଶ୍ୟ ଶକ୍ତି ତାଙ୍କୁ ସୁରକ୍ଷା ଦେଉଛି, ତାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଚର୍ଚ୍ଚା ଜୋର୍ ଧରିଛି।

ରାଜଧାନୀ ଭୁବନେଶ୍ୱରରେ ଯଦିଓ ବଡ଼ ବଡ଼ ଘରୋଇ ମେଡିକାଲ୍ ରହିଛି, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ କଟକ ହେଉଛି ବାସ୍ତବରେ ରାଜ୍ୟର ସ୍ୱାସ୍ଥ୍ୟ ରାଜଧାନୀ। ଛୋଟ ବଡ଼ କ୍ଲିନିକ୍, ନର୍ସିଂହୋମ୍, ହସ୍ପିଟାଲକୁ ହିସାବକୁ ନେଇ ଭୁବନେଶ୍ୱରଠାରୁ କଟକରେ ଅଧିକ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ରହିଛି। ଆଉ ସେସବୁ କ୍ଲିନିକ୍, ନର୍ସିଂହୋମ ଓ ହସ୍ପିଟାଲର ନିତିଦିନିଆ କାମ ପଡ଼ିଥାଏ ସିଡିଏମଓ କାର୍ଯ୍ୟାଳୟର କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ। ସ୍ୱାସ୍ଥ୍ୟ ବିଭାଗ ସହ ଜଡ଼ିତ ଲୋକଙ୍କ କହିବାନୁଯାୟୀ, ଏହି ସେକ୍ସନଟି ହେଉଛି ଲେଉଟିଆ କିଆରି ପରି। ତେଣୁ ଏହି ପଦରେ ଯିଏ ରହୁଛି ସେ ଆଉ ଛାଡିକି ଯିବାକୁ ନାଁ ଧରୁନି।



ଏକଥା ସିଡିଏମଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ, ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କଠାରୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି। ୨୦୧୨ରୁ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ବରିଷ୍ଠ ସହକାରୀ (ସିନିଅର ଆସିଷ୍ଟାଣ୍ଟ) ଭାବେ କାର୍ଯ୍ୟରତ ଅଛନ୍ତି ଅଜିତ କୁମାର ମହାରଣା। ଏ ଭିତରେ ୧୪ ବର୍ଷ ହେଲାଣି କିନ୍ତୁ ତାଙ୍କର ବଦଳି ହେଉନି। ତେବେ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିବା ପରେ ଗତ ୨୦୨୪ ଜୁନ ୧୩ ତାରିଖରେ ତାଙ୍କ ସହ ମୋଟ ୧୨ ଜଣଙ୍କ ବଦଳି ହୋଇଥିଲା। ହେଲେ ୯ ମାସ ପରେ ଅର୍ଥାତ ୨୦୨୫ ମାର୍ଚ୍ଚ ୨୦ ତାରିଖରେ ତାଙ୍କୁ ପୁଣି ଥରେ ସେହି ପଦବୀକୁ ଫେରାଇ ଅଣାଯାଇଥିଲା। ସେବେଠାରୁ ତାଙ୍କର ଆଉ ବଦଳି ➪ପୃଷ୍ଠା-୬

### ଚାମେଲି ମାମଲାରେ ଚତୁର୍ଥ ଗିରଫଦାରୀ

## ସୁକାନ୍ତ ସ୍ୱାଇଁଙ୍କୁ ବାନ୍ଧିଲା ପୁଲିସ



ମହାକାଳପଡ଼ା,୨୨।୬ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ହୁଲୁସ୍ଥୁଲ କରୁଥିବା ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ଘଟଣାରେ ନୂଆ ମୋଡ଼ ସାମ୍ନାକୁ ଆସିଛି। ଚାମେଲିଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ମହାକାଳପଡ଼ା ଥାନା ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଆଜି ଚତୁର୍ଥ ଗିରଫଦାରୀ ଭାବରେ କୋଚିଲା ଗ୍ରାମର ସୁକାନ୍ତ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁକାନ୍ତ ମହାକାଳପଡ଼ା ବିଧାୟକଙ୍କ ଏକାନ୍ତ ଅନୁଗତ ଓ ତାଙ୍କୁ ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ। ହେଲେ ଚାମେଲିଙ୍କ ଏତଲାରେ ସୁକାନ୍ତଙ୍କ ନାମ ଉଲ୍ଲେଖ ନାହିଁ କିନ୍ତୁ ସୁକାନ୍ତ ସେଦିନ ବିଡ଼ିଓଙ୍କ ଚ୍ୟାମ୍ବରରେ ଚାମେଲିଙ୍କୁ ଦୁର୍ବ୍ୟବହାର କରୁଥିବା ଭିଡିଓରେ ଦେଖିବାକୁ ମିଳିଥିଲା।

ପୂର୍ବରୁ ପାର୍ଥ ସାରଥି ସାମନ୍ତରାୟ, ହିମାଂଶୁ ପ୍ରଧାନ, ବିଶ୍ୱଜିତ ମହାପାତ୍ର ଗିରଫ ହୋଇ ଜାମିନରେ ଆସିଛନ୍ତି। ହେଲେ ଚାମେଲି ଦେଇଥିବା ଅଭିଯୋଗରେ ବିଧାୟକଙ୍କ ୭ ଅନୁଗତଙ୍କ ନାମ ମଧ୍ୟରୁ ହିମାଂଶୁ ଓ ବିଶ୍ୱଜିତଙ୍କ ନାମ ରହିଛି। ସିଧାସଳଖ କହିବାକୁ ଗଲେ ଘଟଣା ଘଟିବାର ଏଗାର ଦିନ ପରେ ମଧ୍ୟ ଚାମେଲିଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିବା ୭ ଜଣଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ କେବଳ ଦୁଇଜଣଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଦୁଇଜଣଙ୍କ ନାମ ଏତଲାରେ ଉଲ୍ଲେଖ ନଥିବା ବେଳେ ସିସିଟିଭି ଫୁଟେଜ ଓ ଭାଇରାଲ ଭିଡିଓ ଆଧାରରେ ଅନ୍ୟ ଦୁଇଜଣଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତ ମାନଙ୍କ ପାଖରେ ପହଞ୍ଚିବାରେ ପୁଲିସ ବିଫଳ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

ଅନ୍ୟପଟେ ୨୪ ଜୁନ ସୁଦ୍ଧା ଯଦି ଅନ୍ୟ ସମସ୍ତ ଦୋଷୀଙ୍କୁ ପୁଲିସ ଗିରଫ ନକରେ ଓ ବିଡ଼ିଓ ଓ ଥାନା ଅଧିକାରୀଙ୍କୁ ବଦଳି ନକରେ ତେବେ ଚାମେଲି ଏସ୍ପି ଅଫିସ୍ ସାମ୍ନାରେ ଆନ୍ଦୋଳନରେ ବସିବାକୁ ସେ ଡିଜିପି ଓଡ଼ିଶାଙ୍କୁ ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସରପଞ୍ଚ ସଙ୍ଘ ମାନେ ଚାମେଲିଙ୍କୁ ନ୍ୟାୟ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଥିବା ଦେଖିବାକୁ

## ପଟ୍ଟାମୁଣ୍ଡାଇ ବ୍ଲକରେ ମିଳିତ ଜନଶୁଣାଣି ଶିବିର



ପଟ୍ଟାମୁଣ୍ଡାଇ,୨୨।୬ (ସଂଚାର ବ୍ୟୁରୋ)ଃ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ଉପଜିଲ୍ଲାପାଳ ଅରୁଣ ନାୟକ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡ଼ିଓ ଶୀତଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ ।

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ, ଯୁବନେତା ପ୍ରଭାତ ମଲିକ ପ୍ରମୁଖ ପଟ୍ଟାମୁଣ୍ଡାଇ ସହର ରେ ୧୦୦କୋଟି ଟଙ୍କା ଜମି ଦୁର୍ନୀତି ତଦନ୍ତ, ପଟ୍ଟାମୁଣ୍ଡାଇ ସବ ଡିଭିଜନ ହସ୍ପିଟାଲରେ ନିଯୁକ୍ତ ବିଶେଷଜ୍ଞ ଡାକ୍ତରମାନଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲ ଡେପୁଟେସନ ବାତିଲ, ଅର୍ଥ ମଂଜୁର ହୋଇଥିବା ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ, ବର୍ଷା ଦିନ ପୂର୍ବରୁ ସମସ୍ତ ଡ୍ରେନ ନିର୍ମାଣ ଓ ସଫେଇ, ଅଚଳ ହୋଇଥିବା ଇକୋ ଟଲୟେଟକୁ କାର୍ଯ୍ୟକ୍ଷମ କରିବା, ପୂର୍ତ୍ତ ବିଭାଗର ପୁରାତନ କାର୍ଯ୍ୟାଳୟକୁ ଡାକବଙ୍ଗଳା ନିର୍ମାଣ କରିବା, ପୂର୍ବରୁ କରାଯାଇଥିବା ଅଭିଯୋଗର ତୁରନ୍ତ ସମାଧାନ ଆଦି ଦାବୀ ନେଇ ଜିଲ୍ଲା ପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ବନ୍ୟାରେ କ୍ଷତିଗସ୍ତ ଜଳସମ୍ପଦ ବିଭାଗ ପୋଲ ନିର୍ମାଣ ଓ ଏଲ ପି ଜି ଗ୍ୟାସ କଳା ବଜାରୀ ରୋକିବା, ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ଓ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସ୍ଥାନ ନିରୂପଣ ସତ୍ତ୍ୱେ ବଳଭଦ୍ରପୁର ପଂଚାୟତରେ ଏଏନଏମ ସେଣ୍ଟର ଖୋଲା ଯାଇନାହିଁ ଯାହାଫଳରେ ପଂଚାୟତବାସୀ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ଶୁଖୁଆ ବସ୍ତିରେ ଥିବା ବାସିନ୍ଦାମାନେ ଜିଲ୍ଲାପାଳଙ୍କୁ ଭେଟି ସରକାରୀ ଜାଗାର ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ଦାବୀ କରିଥିଲେ । ପେଟ୍ରୋଲ ପମ୍ପରେ ପେଟ୍ରୋଲ ମିଳୁନଥିବାରୁ ଚାଷୀ ମାନେ ପମ୍ପ ଧରି ବ୍ଲକ ପରିସରକୁ ଆସି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଜନଶୁଣାଣି ଶିବିରରେ ଆଗତ ୮୯ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯିବା ସହିତ ୨୦ଟି ଅଭିଯୋଗର ସମାଧାନ କରାଯାଇଥିଲା।

### ଜାତୀୟ ରାଜପଥ ନିର୍ମାଣରେ ବନ୍ଦ ହେଲା ଜଳ ନିଷ୍କାସନ ବାଟ

# ଚାଷୀଙ୍କ ଅଭିଯୋଗ ପରେ ତଦାରଖ କଲେ ବିଧାୟକ



**ତୁରନ୍ତ ନୂଆ ଡ୍ରେନ ନିର୍ମାଣ ପାଇଁ ନିର୍ଦ୍ଦେଶ**

**ବର୍ଷା ପୂର୍ବରୁ ସମାଧାନ ଦାବି**

କେନ୍ଦ୍ରାପଡ଼ା,୨୨।୬ (ସଂଚାର ବ୍ୟୁରୋ)ଃ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ଆଠ ଲେନ୍ ବିସ୍ତାର କାର୍ଯ୍ୟ ସମୟରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାରୁ ଡେରାବିଶ ବ୍ଲକର ପଞ୍ଚୁପାଣ୍ଡବ ଛକ ନିକଟବର୍ତ୍ତୀ ଅଞ୍ଚଳର ଶତାଧିକ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ବର୍ଷା ଋତୁ ପୂର୍ବରୁ ଏହି ସମସ୍ୟାର ସମାଧାନ ନହେଲେ ଏଣ୍ଡର, ଲକ୍ଷ୍ମୀନାରାୟଣପୁର, ଭରତପୁର ସମେତ ବହୁ ଗ୍ରାମର ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହେବାର ଆଶଙ୍କା ପ୍ରକାଶ ପାଇଛି ।

ପଞ୍ଚୁପାଣ୍ଡବ ଛକ ନିକଟରେ ନିର୍ମିତ ବ୍ରିଜ ତଳ ଦେଇ ଯାଇଥିବା ମୁଖ୍ୟ ଜଳସେଚିତ କେନାଲ ଭିତରେ ପ୍ରାୟ ଚାରି ଫୁଟ ଉଚ୍ଚତାରେ ମାଟି ଜମି ରହିଥିବାରୁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଛି । ଜାତୀୟ ରାଜପଥ ନିର୍ମାଣ ସମୟରେ କେତେକ ସ୍ଥାନରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ପାଣି ନିଷ୍କାସନ ବାଟ ବନ୍ଦ ହୋଇଥିବା ନେଇ ଚାଷୀମାନେ ଦୀର୍ଘଦିନ ଧରି ଅଭିଯୋଗ କରି ଆସୁଛନ୍ତି । କଟକ ଜିଲ୍ଲା ଅଚ୍ୟୁତପୁର ସେକ୍ସନର କେନ୍ଦୁପାଟଣାଠାରୁ ଡେରାବିଶ ବ୍ଲକର ସଦାନନ୍ଦପୁର ପର୍ଯ୍ୟନ୍ତ ବିସ୍ତୃତ ୮ ନମ୍ବର କେନାଲରେ ପ୍ରତିବର୍ଷ ନିମ୍ନମାନର କାମ ହେଉଥିବା ବେଳେ ଶେଷମୁଣ୍ଡକୁ ପାଣି ପହଞ୍ଚୁ ନଥିବା ଅଭିଯୋଗ ମଧ୍ୟ ଉଠିଛି ।

କେନାଲ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ କେନାଲ ଭିତରେ ଜମି ରହିଥିବା ମାଟି ଅପସାରଣ କରାଯାଇନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଏ ସମ୍ପର୍କରେ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଓ ଜଳସମ୍ପଦ ବିଭାଗକୁ ଏକାଧିକ ଥର ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳପ୍ରସୂ ଉଦ୍ୟମ ହୋଇନଥିବା ଚାଷୀମାନେ କହିଛନ୍ତି ।

ଚାଷୀଙ୍କ ଅଭିଯୋଗ ପାଇବା ପରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଶନିବାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ । ସେ ଜିଲ୍ଲାପାଳ ଏବଂ ଏନଏଚଏଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ତୁରନ୍ତ ନୂଆ ଡ୍ରେନ ନିର୍ମାଣ ସହ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଚାରୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଦିନରେ ଚାଷ ଜମି ଜଳମଗ୍ନ ହୋଇ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ନହେବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସେ ଜୋର ଦେଇଥିଲେ।

ବର୍ଷା ଆଗମନ ପୂର୍ବରୁ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ପାଇଁ ବିଧାୟକ ଅରବିନ୍ଦ ମହାପାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ କରିଛନ୍ତି।

## ଯାତାୟାତ ରାସ୍ତାରେ ଟ୍ରାକ୍ଟର ରଖି ଅବରୋଧ

**ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ମଧ୍ୟ ଫଳ ଶୂନ**



ଡେରାବିଶ,୨୨।୬ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳ ଗ୍ରାମରେ ଜନୈକ ବ୍ୟକ୍ତି ଲୋକଙ୍କ ଚଳାଚଳ ରାସ୍ତାରେ ଜବରଦସ୍ତ ଟ୍ରାକ୍ଟର ରଖି ରାସ୍ତା ଅବରୋଧ କରିବା ନେଇ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଫଳ ଶୂନ।

ଅର୍ଡାମୂଳ ଗ୍ରାମର ସଙ୍ଗୀତା ପରିଡ଼ାଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର ପ୍ଲଟ ନଂ-୩୮ କିସମ ରାସ୍ତା ହୋଇଥିବା ବେଳେ ତାଙ୍କ ଶ୍ୱଶୁର ଲକ୍ଷ୍ମୀଧର ବଳଙ୍କ ସମେତ ଅନ୍ୟ ପଡ଼ୋଶୀମାନେ ଏହି ରାସ୍ତାରେ ଗତାଗତ କରିବାର ଅଧିକାର ରହିଥିବା ପଟ୍ଟାରେ ଉଲ୍ଲେଖ ରହିଛି। ମାତ୍ର ରାମଚନ୍ଦ୍ର ସାହାଣୀ ଏବଂ ତାଙ୍କ ତିନିପୁଅ ଜୋର ଜବରଦସ୍ତ ତାଙ୍କର ଏକ ଟ୍ରାକ୍ଟରକୁ ସେହି ରାସ୍ତାରେ ରଖିବା ସହିତ ରାସ୍ତା ଉପରେ ଗାଈଗୋରୁ ବାନ୍ଧିବା, ଛଣଗଦା କରିବା ଓ ଗୋବର ଗଦା କରି ଜବରଦସ୍ତ ଅବରୋଧ କରୁଛନ୍ତି। ଏହାର ପ୍ରତିବାଦ କଲେ ସେମାନେ ତାଙ୍କୁ ଓ ତାଙ୍କ ପରିବାରଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଏ ସମ୍ପର୍କରେ ସଙ୍ଗୀତା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ତହସିଲ ଓ ପୋଲିସ୍ ପ୍ରଶାସନକୁ ରାସ୍ତାକୁ ସଫା କରାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିମାନେ ଜିଲ୍ଲାପାଳ, ତହସିଲ ପ୍ରଶାସନ ଓ ପୋଲିସ୍ ପ୍ରଶାସନର ନିର୍ଦ୍ଦେଶକୁ ଫୁ କରି ଜୋର ଜବରଦସ୍ତ ଟ୍ରାକ୍ଟର ରଖିଥିବା ସଙ୍ଗୀତା କହିଛନ୍ତି।

ଦୀର୍ଘ ସାତ ଆଠ ବର୍ଷ ଧରି ଏହି ରାସ୍ତା ବନ୍ଦ ହେବା ଫଳରେ ସଙ୍ଗୀତାଙ୍କ ପରିବାର ନିଜ ଘରକୁ ଯିବା ଆସିବାରେ କଷ୍ଟ ଭୋଗୁଥିବା ପ୍ରକାଶ କରିଛନ୍ତି। ତୁରନ୍ତ ପୋଲିସ୍ ପ୍ରଶାସନ ରାସ୍ତାରେ ରଖାଯାଇଥିବା ଟ୍ରାକ୍ଟରଟିକୁ ଉଠାଇ ଅନ୍ୟତ୍ର ରଖିବା ପାଇଁ ସଙ୍ଗୀତା ନିବେଦନ କରିଛନ୍ତି।

## ଭଡ଼ାରେ ଚାଲିଛି ଜଳସମ୍ପଦ ବିଭାଗର ଅଫିସ ଗୃହ

- ପ୍ରଶାସନିକ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ



କେନ୍ଦ୍ରାପଡ଼ା,୨୨।୬(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ବସୁପୁର ସେକ୍ସନ୍‌ର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। ସରକାରୀ ଅଫିସ ଗୃହରେ ବାହାର ଲୋକଙ୍କ ରହଣି ଏବଂ ସରକାରୀ ବିଦ୍ୟୁତ ବ୍ୟବହାର ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଜଳସମ୍ପଦ ବିଭାଗର ଅଫିସ ଗୃହରେ ଠିକାଦାରଙ୍କ ଶ୍ରମିକମାନେ ରହୁଥିବା ଦେଖିବାକୁ ମିଳୁଛି। ଏପରିକି ଅଫିସ ସମୟରେ ମଧ୍ୟ କେତେକ ଶ୍ରମିକଙ୍କୁ କାର୍ଯ୍ୟାଳୟ ଭିତରେ ଅବସ୍ଥାନ କରୁଥିବା ଦେଖାଯାଇଛି। ସରକାରୀ କାର୍ଯ୍ୟାଳୟ ପରିସରରେ ଏଭଳି ବ୍ୟବସ୍ଥା କାହାର ଅନୁମତିରେ ଚାଲିଛି ତାହାକୁ ନେଇ ପ୍ରଶ୍ନ ଉଠିଛି।

ଅନ୍ୟପଟେ, ଅଫିସ ସମୟରେ ଜଣେ ବ୍ୟକ୍ତି ଲୁଙ୍ଗି ପିନ୍ଧି ଜେଇଙ୍କ ଟେବୁଲ ସମ୍ମୁଖରେ ଚେୟାର ଉପରେ ଗୋଡ଼ ରଖି ବସିଥିବା ଦୃଶ୍ୟ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ସରକାରୀ କାର୍ଯ୍ୟାଳୟର ଶୃଙ୍ଖଳା ଓ କାର୍ଯ୍ୟ ପରିବେଶକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି।

ଘଟଣା ସମ୍ପର୍କରେ ସମ୍ପୃକ୍ତ ଜେଇଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ।

ସରକାରୀ ଅଫିସ ଗୃହରେ କିପରି ବାହାର ଲୋକ ରହୁଛନ୍ତି, କାହା ଅନୁମତିରେ ବିଦ୍ୟୁତ ଓ ଅନ୍ୟାନ୍ୟ ସରକାରୀ ସୁବିଧା ବ୍ୟବହାର ହେଉଛି, ତାହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି।

## ବ୍ଲକସ୍ତରୀୟ ସ୍ୱାବଲମ୍ବୀ ଯୁବସମୃଦ୍ଧ ଓଡ଼ିଶା ସମାବେଶ



ମାର୍ଶାଘାଇ,୨୨।୬(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବ୍ଲକ ସଭାଗୃହରେ ସୋମବାର 'ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡିଶା' ସମାବେଶ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଭାରପ୍ରାପ୍ତ ବିଡ଼ିଓ ତୃପ୍ତି ମହାନ୍ତି, ଏବିଡ଼ିଓ ଇତିଶ୍ରୀ ପଣ୍ଡା, ଶିଳ୍ପ ପର୍ଯ୍ୟବେକ୍ଷକ ଶୁଭଶ୍ରୀ ଜେନା, ସହକାରୀ ଶିଳ୍ପ ଅଧିକାରୀ ଶିବ ପ୍ରସାଦ ଦାସ,କେନ୍ଦ୍ରାପଡ଼ା ଛତାସ୍ଥିତ ସରକାରୀ ପଲିଟେକନିକ ପ୍ରିନ୍ସିପାଲ ସୁନୀଲ କୁମାର ସେଠୀ, ଦକ୍ଷତା ବିକାଶ ବିଭାଗର ଜିତେନ୍ଦ୍ର କୁମାର ସେଠୀ , ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶୈଳବାଳା ଚାଷୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ବିଭାଗ ଅଧିକାରୀ ତ୍ରିଲୋଚନ ବେହେରା, ଯୁବନେତା ଦେବଜ୍ୟୋତି ଜେନା,ଯୁବନେତା ଅବିନାଶ ସ୍ୱାଇଁ ପ୍ରମୁଖ ମଂଚାସୀନ ଥିଲେ ।

ଯୁବପୀଢ଼ିଙ୍କ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ଯୋଜନାରେ ସଫଳ ଯୁବ ଉଦ୍ୟୋଗୀ ଅମରଜିତ ମହାନ୍ତି, ମହୁଚାଷୀ ରଜନୀକାନ୍ତ ଦାସ, କ୍ଷୀରୋଦ ଦାସ,ଯୁବ ଉଦ୍ୟୋଗୀ ଜ୍ଞାନରଞ୍ଜନ ସୁତାର, ସୁଧାଂଶୁ ନାୟକଙ୍କ ସମେତ କୃତି ଛାତ୍ରଛାତ୍ରୀ ମାର୍ଶାଘାଇ କଲେଜର ଟପ୍ପର ପ୍ରାଣିବିଜ୍ଞାନ ବିଭାଗର ଅଭିଲିପ୍ସା ମିଶ୍ର, ସୁବ୍ରତ ସ୍ୱାଇଁଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବନେତା ବଳଭଦ୍ର ଦାସ,କାହ୍ନୁ ପରିଡ଼ା, ରଂଜିତ ବେହେରା, ପିଏସ ସିମ୍ରୋନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା



କେନ୍ଦ୍ରାପଡ଼ା,୨୨।୬ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ୩୧ତମ ବାର୍ଷିକ ସାଧାରଣ ସଭା ଉତ୍ସାହ ଓ ଗାମ୍ଭିର୍ଯ୍ୟର ସହିତ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ଡ. ଅପର୍ଣ୍ଣା ମହାନ୍ତି, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ସୁକାନ୍ତ କୁମାର ଦ୍ୱିବେଦୀ, ଅମୂଲ୍ୟ ପ୍ରଧାନ, ସିଦ୍ଧାର୍ଥଶଙ୍କର ଜେନା, ମହେନ୍ଦ୍ର କୁମାର ପରିଡା, ବିଧୁଭୂଷଣ ମହାପାତ୍ର, ସୁଧାଂଶୁଶେଖର ପ୍ରତାପ, କଳ୍ପତରୁ ମହାପାତ୍ର, ଶ୍ରୀକାନ୍ତ କୁମାର ନାୟକ, ରଶ୍ମୀରଞ୍ଜନ ଚୌଧୁରୀ ଏବଂ ବୋର୍ଡ ଅଫ ମ୍ୟାନେଜମେର ଅଧ୍ୟକ୍ଷ ବିଜୟ କୁମାର ବରାଳ, ସଭ୍ୟ ଦୟାନିଧି ଜେନା ଓ ଶାନ୍ତିସ୍ୱରୂପ ଭୂୟାଁ ସଭାରେ ଉପସ୍ଥିତ ଥିଲେ ।

ବ୍ୟାଙ୍କର ସଭାପତି ଆର୍ଥିକ ବର୍ଷ ୨୦୨୫-୨୬ର ବୈଧାନିକ ସମୀକ୍ଷା ବିବରଣୀ ଗ୍ରହଣ ଏବଂ ଅନୁମୋଦନ ୨୦୨୫-୨୬ର ଲାଭାଂଶ ବନର ଅନୁମୋଦନ, ୨୦୨୬-୨୭ ଆର୍ଥିକ ବର୍ଷର ଆୟ ବ୍ୟୟର ଅଟ୍ଟକଳର ଗ୍ରହଣ ଓ ଅନୁମୋଦନ ଏବଂ ୨୦୨୫-୨୬ର ଅତିରିକ୍ତ ଆୟ ବ୍ୟୟର ମଞ୍ଜୁରୀ ପ୍ରଦାନ ନିମନ୍ତେ ସାଧାରଣ ସଭାର ଅନୁମୋଦନ ପାଇଁ ପ୍ରସ୍ତାବ ରଖିଥିଲେ । ଏଥିସହିତ ଗତ ଆର୍ଥିକ ବର୍ଷ ୨୦୨୫-୨୬ର କାର୍ଯ୍ୟାବଳି ଓ ପ୍ରଗତି ଏବଂ ଚଳିତବର୍ଷ ୨୦୨୬-୨୭ ନିମନ୍ତେ ବ୍ୟାଙ୍କର କାର୍ଯ୍ୟକ୍ରମ ବିଷୟରେ ଅଭିଭାଷଣ ମାଧ୍ୟମରେ ଆଲୋକପାତ କରିଥିଲେ। ବ୍ୟାଙ୍କର ସନ୍ତୋଷଜନକ ଆର୍ଥିକ ପ୍ରଗତି/ ପ୍ରଦର୍ଶନକୁ ଆଧାର କରି ଅଂଶୀଦାରମାନଙ୍କୁ ବାର୍ଷିକ ଶତକଡା ୮ପ୍ରତିଶତ ଲାଭାଂଶ ପ୍ରଦାନ କରିବା ନିଷ୍ପି ଗୃହିତ ହୋଇଥିଲା ।

ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ୨ଟି ନୂତନ ଯୋଜନା ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଡୋର ଷ୍ଟେପ ବ୍ୟାଙ୍କିଂ ସେବା, ନାବାଳକ ପିଲାଙ୍କ ମଧ୍ୟରେ ସଞ୍ଚୟ ଓ ବ୍ୟାଙ୍କି ଅଭ୍ୟାସ ବିକଶିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କିଂ ସେବା ଯୋଜନା ପ୍ରଚଳନ କରାଯାଇଥିଲା । ଗ୍ରାହକ ସେବାକୁ ଆହୁରୁ ମାର୍ଜିତ ଓ ସ୍ପନ୍ଦିତ କରିବା ପାଇଁ ବ୍ୟାଙ୍କର ପୁରୁଣା ବସଷ୍ଟା ଶାଖାକୁ ବାରଘିଆ ବ୍ୟାଙ୍କ ସେବା ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଉପଲବ୍ଧ କରାଇବାକୁ ସୂଚନା ପ୍ରଦାନ କରାଯାଇଥିଲା ।

ପ୍ରତିବର୍ଷ ପରି ଚଳିତ ବର୍ଷ ଜିଲ୍ଲାର ମାଟ୍ରିକ ଟପ୍ପର ଖରିନାସୀ ହାଇସ୍କୁଲର ଛାତ୍ର ଦେବଦର୍ଶୀ ମଣ୍ଡଳ ଏବଂ ଓଏଏସ ପରୀକ୍ଷାରେ ଜିଲ୍ଲାରୁ କୃତିତ୍ୱ ଅର୍ଜନ କରିଥିବା ଅତସୀ ଅପରାଜିତା, ସୁଚିସ୍ମିତା ନାୟକ, ସ୍ୱାତୀସ୍ମିତା ବେହେରା, ବିଶ୍ୱଜିତ ପ୍ରଣ୍ଡା, ରଶ୍ମୀରଞ୍ଜନ ସ୍ୱାଇଁ ଓ ଶୁଭମ ସୌମେନ ସେନାପତିଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆର୍ଥିକ ବର୍ଷ ୨୦୨୫-୨୬ର ଉମ ପ୍ରଦର୍ଶନ ନିମନ୍ତେ ଚାନ୍ଦୋଳ ଶାଖାର କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବ୍ୟାଙ୍କର ବିକାଶ ଓ ସଫଳତାର ମୂଳଦୁଆ ରଚନା କରିଥିବା ପ୍ରତିଷ୍ଠାତା ସଭ୍ୟମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତତ ସଙ୍ଗେ ସଙ୍ଗେ ବ୍ୟାଙ୍କର ବିଭିନ୍ନ ଶାଖାର ଆଦର୍ଶ ଗ୍ରାହକମାନଙ୍କୁ ଏହି ସଭାରେ ସମ୍ବର୍ଦ୍ଧନା ପ୍ରଦାନ ସହିତ ସହଯୋଗ କାମନା କରାଯାଇଥିଲା। ଅନ୍ୟପକ୍ଷରେ ଜାତୀୟ ଛତ୍ର ସଂଗଠନ ଏନୟୁସିଏଫଡିସି ସହକାରୀ କାଉନସିଲ ବ୍ୟାଙ୍କର ସଭାପତିଙ୍କୁ ମନୋନିତ କରାଯାଇଥିବାରୁ ସଭ୍ୟମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଶିଶୁ ଶ୍ରମିକ ନିରାକରଣ ପାଇଁ ସଚେତନତା ପଦଯାତ୍ରା



କୋରାପୁଟ,୨୨।୬ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ଲକ୍ଷ୍ୟରେ ଚାଲିଥିବା ୧୫ ଦିନିଆ ସ୍ୱତନ୍ତ୍ର ଅଭିଯାନ ମଧ୍ୟରେ ରବିବାର ଆୟୋଜିତ ହୋଇଥିଲା ଏକ ବିଶାଳ ସଚେତନତା ପଦଯାତ୍ରା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସହରର ବିଭିନ୍ନ ରାସ୍ତା ପରିକ୍ରମା କରିଥିବା ଏହି ଶୋଭାଯାତ୍ରା ମାଧ୍ୟମରେ ଶିଶୁ ଶ୍ରମିକ ନିରୋଧୀ ଆଇନ, ଶିଶୁଙ୍କ ମୌଳିକ ଅଧିକାର ଓ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ଶିଶୁଙ୍କୁ ଶ୍ରମରେ ନିୟୋଜିତ କରିବା କେବଳ ଆଇନ ବିରୋଧୀ ନୁହେଁ, ଏହା ସେମାନଙ୍କ ଭବିଷ୍ୟତକୁ ମଧ୍ୟ ଅନ୍ଧକାର ଦିଗକୁ ଠେଲି ଦେଉଥିବା ବାର୍ତ୍ତା ଦିଆଯାଇଥିଲା। ଏହି ପଦଯାତ୍ରାରେ ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ଲକର ସହକାରୀ ଶ୍ରମ ଅଧିକାରୀମାନେ ଯୋଗଦେଇଥିଲେ। ଶିଶୁ ଶ୍ରମିକମୁକ୍ତ କୋରାପୁଟ ଗଠନ ପାଇଁ କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସମାଜର ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା।

## ବାଲିଆପାଳରେ ବିକାଶ ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ



ବାଲିଆପାଳ,୨୨।୬ (ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସୋମବାର ବାଲିଆପାଳ ପଞ୍ଚାୟତ ସମିତି ଆନୁକୁଲ୍ୟରେ 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ତୃତୀୟ ଦିବସ ଉତ୍ସବ ବିଡିଓ ରାଧା ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ସିଡିପିଓ ସୁନିତା ନାୟକ,ସମ୍ମାନିତ ଅତିଥି ଭାବେ ଏଆଇଓ ଅମ୍ବୁଜ ମହନ୍ତ, ଜିଲ୍ଲା ଏମ୍ପ୍ଲେଏମେଣ୍ଟ ଏକ୍ସଚେଞ୍ଜ ଅଫିସର ଅବନୀ ବେହେରା, ଯୋଗୀ କଲେଜ ଅଧ୍ୟାପକ ଅଭିଳାଷ ବେହେରା ପ୍ରମୁଖ ଯୋଗଦେଇ ଦୁଇ ବର୍ଷ ମଧ୍ୟରେ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

ଏହି ଅବସରରେ ବାଲିଆପାଳରେ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରୀତି ବଲ୍ଲଭ ପାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ଲକ୍ଷପତି ଦିଦି ଚନ୍ଦ୍ରକାନ୍ତି ବେହେରା, ସୁଭଦ୍ରାର ସଫଳ ମହିଳା ଆରତୀ କୁହ୍ଲାରୀ, ସଫଳ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀ ରଘୁନାଥ ବେହେରାଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଜିପିଡିଓ ପ୍ରୀୟବ୍ରତ ଗିରି ,ବିପିଏମ ଉତ୍ତମ ସାହୁ, ଡ଼ବ୍ଲ୍ୟୁଇଓ ଉଦିତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସୁପରଭାଇଜର ଅରସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବହି ଖାତା ଛାଡ଼ି ରାସ୍ତାରେ ପ୍ଲାଷ୍ଟିକ ଗୋଟାଉଛନ୍ତି ଛୋଟ ପିଲା



ଯାଜପୁର ରୋଡ଼,୨୨।୬(ସଂଚାର ବ୍ୟୁରୋ)ଃ ସରକାର କୁନି କୁନି ପିଲାମାନଙ୍କୁ ଉତମ ଶିକ୍ଷା ପ୍ରଦାନ କରିବାକୁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ଏହି ଯୋଜନାର ସଫଳତା ଛୁଇଁ ପାରୁନାହିଁ । ଏ ଦିଗରେ କାମ କରୁଥିବା ଜିଲା ଶିଶୁ ସୁରକ୍ଷା ବିଭାଗ ସ୍ଥାଣୁ ପାଲଟିଥିବା ଉଦାହରଣ ବ୍ୟାସନଗର ପୌରାଅଂଚଳ ସହରରେ ଦେଖିବାକୁ ମିଳିଛି।

ଏହି ସହରର ଅବହେଳିତ ବସ୍ତି ଅଂଚଳର ରହୁଥିବା ଶ୍ରମିକ ଶ୍ରେଣୀୟ ପରିବାର ଶିଶୁ ଏବଂ ଅନାଥ ପିଲାମାନେ ପେଟକୁ ମୁଠାଏ ଦାନାପାଇଁ ପାଠ ପଢା ଛାଡି ସହର ବଜାରର ବିଭିନ୍ନ ଗଳିକନ୍ଦି, ଛକ, ମଲ୍ ନିକଟରୁ ସକାଳୁ ରାତି ପର୍ଯ୍ୟନ୍ତ ଅଦରକାରୀ ପ୍ଲାଷ୍ଟିକ ବୋତଲ, ପଟି ଓ ଜରି ଆଦି ଗୋଟାଉଛନ୍ତି। ସେହି ସାମଗ୍ରୀଗୁଡ଼ିକୁ ବିକ୍ରି କରି ଟଙ୍କା ରୋଜଗାର କରୁଛନ୍ତି। ଅଧିକାଂଶ ଶିଶୁ ଅଳିଆ ଗଦାରୁ ଓ ରାସ୍ତା କଡ଼ରୁ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଛନ୍ତି। ସେମାନଙ୍କ ଦେହରେ ଦେହରେ ଭଲ ସାର୍ଟ ଖଣ୍ଡେ ନାହିଁ କି ପାଦରେ ଚପଲ । ନିଜ ଜୀବନକୁ ବାଜି ଲଗାଇ ରେଳ ଲାଇନ କଡ଼, ବସଷ୍ଟାଣ୍ଡ, ଡ୍ରେନ୍ ଓ ଅପନ୍ତରା ସ୍ଥାନରେ ବୁଲୁଛନ୍ତି। ଭୋକ ଲାଗିଲେ ଯାହା ମିଳୁଛି ଖାଇ ଦେଉଛନ୍ତି । ପାଠ ପଢା ଓ ଖେଳକୁଦ ବୟସରେ ସେମାନେ ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଏପରି କାମକୁ ଆଦରି ନେଇଛନ୍ତି । ସରକାର ଅବହେଳିତ ଓ ବସ୍ତିରେ ଥିବା ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା,ଖାଦ୍ୟ, ବସ୍ତ୍ର ଓ ଖେଳ ଉପକରଣ ଯୋଗାଇଦେବାକୁ ବାର୍ଷିକ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସେହି ପିଲାମାନେ ସରକାରୀ ଯୋଜନାଠାରୁ ବହୁ ଦୂରରେ ରହିଛନ୍ତି। ତେଣୁ ନାନା ଯୋଜନା କେବଳ କାଗଜ କଲମରେ ସୀମିତ ରହିଥିବା ସାଧାରଣରେ ମତପ୍ରକାଶ ପାଇଛି।

ତେବେ ଏନେଇ ଜିଲା ଶିଶୁ ସୁରକ୍ଷା ବିଭାଗ ଦୃଷ୍ଟି ଦେବା ସହ ଏପରି ଶିଶୁମାନଙ୍କ ଉତମ ଭବିଷ୍ୟତ ଗଠନ ପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମୋତେ ବଦନାମ କରିବାକୁ ଷଡ଼ଯନ୍ତ୍ରଃ ବାପି ସର୍କେଲ



ପାରାଦ୍ୱୀପ,୨୨।୬(ସଂଚାର ବ୍ୟୁରୋ)ଃ ଗତ କିଛିଦିନ ହେବ ପାରାଦୀପ ରାଜନୀତି ବେଶ ସରଗରମ ହେବାରେ ଲାଗିଛି | ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋତଲ ବୋମା ମଦ ହେଉ ଅବା ଗୋଟିଏ ଶ୍ରମିକ ସଂଘ ଛାଡି ଅନ୍ୟ ଶ୍ରମିକ ସଂଘ ସହ କିଛି ଶ୍ରମିକ ମିଶିବା ଘଟଣା | ପ୍ରତିଦିନ କିଛିନା କିଛି ଘଟଣାକୁ ନେଇ ପ୍ରେସ ମିଟ | ଥାନା ଘେରାଉ ହେଉ ଅବା ଜଣେ ଶ୍ରମିକ ନେତା ଅନ୍ୟ ଜଣେ ଶ୍ରମିକ ନେତାଙ୍କୁ ଟାର୍ଗେଟ କରିବା। ଏବେ ବନ୍ଦର ନଗରୀ ପାରାଦୀପ ରାଜନିତ ବେଶ ସରଗରମ |

ଆଜି ପୁଣି ବାପି ସର୍ଖେଲ ସାମ୍ବାଦିକ ସମ୍ମିଳନୀ କରି ମନ୍ତ୍ରୀ ଓ ତାଙ୍କ ସମର୍ଥକଙ୍କ ଉପରେ ରୋଷ ଝାଡିଛନ୍ତି | ବାପିଙ୍କ କହିବା କଥା ମୋତେ ବଦନାମ କରିବା ପାଇଁ ଏକ ରୀତିମତ ଷଡଯନ୍ତ୍ର ଆରମ୍ଭ ହୋଇଛି | ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନ ମୋତେ ଆଉ ଆମ ଶ୍ରମିକ ସଂଗଠନ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘକୁ ବଦ୍ନାମ କରିବାକୁ ଅପଚେଷ୍ଟା କରିଛନ୍ତି | ନିକଟରେ ଆମ ଶ୍ରମିକ ସଂଗଠନ ଛାଡି କିଛି ଶ୍ରମିକ ତାଙ୍କ ଶ୍ରମିକ ସଂଗଠନରେ ମିଶିଥିବା ମିଛ ପ୍ରଚାର ମଧ୍ୟ କରାଯାଇଥିବା ବାପି ଆଜି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି |

ବାମନ କମ୍ପାନିରେ କାର୍ଯ୍ୟରତ କିଛି ଶ୍ରମିକ ପଇସା ନପାଇଥିବା ବେଳେ କମ୍ପାନୀ ପଳାଇଲା | ଉକ୍ତ କମ୍ପାନୀ ଉପରେ ବାକି ଥିବା ୬୪୦ ଜଣ ଠିକ ଶ୍ରମିକଙ୍କ ପାଖାପାଖି ୧ କୋଟି ୨୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଟଙ୍କା ଆମ ସଂଗଠନ କେନ୍ଦ୍ରୀୟ ଉପ ମୁଖ୍ୟ ଶ୍ରମ କମିସନରଙ୍କ ନିକଟରେ ଅଭିଯୋଗ ପରେ କମ୍ପାନୀ ଆସି ଶ୍ରମିକ ମାନଙ୍କ ପାଉଣା ପ୍ରଦାନ କରିଛି | ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନ ବଦନାମ ହୋଇଥିବା ବେଳେ ଟଙ୍କା ପାଖକୁ ଆଉ କୌଣସି ଶ୍ରମିକ ମାନେ ଯାଉନଥିବା ବେଳେ ଟଙ୍କା ପାଖରେ ଥିବା କିଛି ସ୍ୱଳ୍ପ ଶ୍ରମିକଙ୍କୁ ଧରି ଲୋକ ଦେଖାଣିଆ ମିଶ୍ରଣପର୍ବ କରି ବାପି ସର୍ଖେଲଙ୍କ ଶ୍ରମିକ ସଙ୍ଗଠନକୁ ଶ୍ରମିକ ମାନେ ଛାଡି ଆମ ସହ ଯୋଗ ଦେଉଥିବା ଏକ ଅପପ୍ରଚାର ଆରମ୍ଭ କରାଯାଇଥିବା ବାପି ସର୍ଖେଲ ଆଜି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରକାଶ କରିଛନ୍ତି|

ଶ୍ରମିକ ଭାଇ ମାନେ ଜାଣିଛନ୍ତି ପାରାଦୀପରେ କିଏ ଶ୍ରମିକ ମାନଙ୍କ ପାଇଁ ଲଢେଇ କରୁଛି, ମିଛ କଥା କହି ଶ୍ରମିକ ମାନଙ୍କମନରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରୁଥିବା ଶ୍ରମିକ ସଂଗଠନ ଠାରୁ ଶ୍ରମିକ ଭାଇ ମାନେ ଦୁରେଇ ରହିବାକୁ ବାପି ସର୍ଖେଲ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି |



ରାଜ୍ୟର ସ୍ୱାସ୍ଥ୍ୟ ମିତ୍ରଙ୍କର ଏକ ପ୍ରତିନିଧିମଣ୍ଡଳୀ ସୋମବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

## ଜିତୁ ମୁଣ୍ଡା ଘଟଣା
# ବ୍ରାଞ୍ଚ ମ୍ୟାନେଜର ନିଲମ୍ବିତ

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଭଉଣୀର ମୃତଦେହ ବୋହିକି ବ୍ୟାଙ୍କକୁ ଯିବା ଘଟଣାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜରଙ୍କୁ ନିଲମ୍ବିତ କରାଯାଇଛି। ଜିତୁ ମୁଣ୍ଡା ଘଟଣାରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଲେଖିଥିବା ଚିଠିର ଉତ୍ତରରେ ଆଜି ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ। ଏଥିସହ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଗ୍ରାମ୍ୟ ବ୍ୟାଙ୍କକୁ ନିୟମର ଅନୁପାଳନ ସହ ଲୋକଙ୍କ ସହ ସହାନୁଭୂତିର ସହ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

ଗତ ମେ ୨ ତାରିଖରେ ନବୀନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଜିତୁ ମୁଣ୍ଡା ପ୍ରସଙ୍ଗରେ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ। କେନ୍ଦୁଝର ଜିଲ୍ଲାର ମାଲିପୋଶି ଗ୍ରାମ୍ୟ ବ୍ୟାଙ୍କର ଏହି ଘଟଣା ସେତେବେଳେ ଜାତୀୟ ସ୍ତରରେ ମଧ୍ୟ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାରେ ମୃତକଙ୍କ ଆକାଉଣ୍ଟରେ କେହି ଉତ୍ତରାଧିକାରୀ ନ ଥିଲେ। ଆଇନତଃ ବୈଧ ପ୍ରମାଣପତ୍ର ନଥିଲେ କ୍ଲେମ୍ ସେଟଲ୍ କରାଯାଇପାରିବ ନାହିଁ। ତେବେ ପରେ ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ଜିତୁ ମୁଣ୍ଡାଙ୍କ ଭଉଣୀ ଆକାଉଣ୍ଟରେ ଥିବା ୧୯,୪୨୦ ଟଙ୍କା ତାଙ୍କ ନାମରେ ଓ ଦୁଇ ଉତ୍ତରାଧିକାରୀଙ୍କୁ ଦିଆଯାଇଛି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ଯଦିଓ ବ୍ୟାଙ୍କିଂ କ୍ଷେତ୍ରରେ ନିୟମର ଅନୁପାଳନ ବାଧ୍ୟତାମୂଳକ, କେତେକ କ୍ଷେତ୍ରରେ ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ବ୍ୟାଙ୍କ ଅଧିକାରୀମାନେ ସମ୍ବେଦନଶୀଳ ଓ ସହାନୁଭୂତିଶୀଳ ହେବା ଉଚିତ। ତେଣୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବୋର୍ଡ ବୈଠକରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇ ଗ୍ରାହକଙ୍କ ପ୍ରତି ସମ୍ବେଦନଶୀଳ ଓ ଯତ୍ନବାନ ହେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ଜନ-କେନ୍ଦ୍ରିକ ବ୍ୟାଙ୍କିଂ ସେବା ଯୋଗାଇ ଦେବାକୁ ଦେଶର ସମସ୍ତ ୨୮ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କକୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯାଇଛି।



● ସ୍ମାର୍ଟ ସିଟିର ସୌନ୍ଦର୍ଯ୍ୟକରଣ ଅଭିଯାନ
# ସବୁଜ ସଜ୍ଜାରେ ନୂଆ ରୂପ ପାଇବ ଜନପଥ

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ସହରର ଅନ୍ୟତମ ପ୍ରମୁଖ ଓ ବ୍ୟସ୍ତବହୁଳ ରାସ୍ତା ଜନପଥରେ ଏକ ବଡ଼ ସୌନ୍ଦର୍ଯ୍ୟକରଣ ଓ ସବୁଜ ସଜ୍ଜା ପ୍ରକଳ୍ପ ଆରମ୍ଭ କରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଜନପଥକୁ ଏକ ସବୁଜ, ସୁନ୍ଦର ଓ ଆକର୍ଷଣୀୟ ସାର୍ବଜନୀନ ସ୍ଥାନରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ ଅଧୀନରେ ରାସ୍ତାର ସବୁଜ ସଜ୍ଜାର ସୌନ୍ଦର୍ଯ୍ୟ ବଢ଼ାଇବା ସହିତ ପରିବେଶର ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଏହି ପଦକ୍ଷେପ ବାସିନ୍ଦା ଓ ପରିଦର୍ଶକଙ୍କ ପାଇଁ ଜନପଥକୁ ଏକ ଆଦର୍ଶ ସ୍ଥାନ କରିବ ଏବଂ ସହରର ସବୁଜ ଆଚ୍ଛାଦନକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ବିଏସସିଏଲର ପରିଚାଳନା ନିର୍ଦ୍ଦେଶକ ଚଞ୍ଚଳ ରାଣା କହିଛନ୍ତି।

ସହରର ସୌନ୍ଦର୍ଯ୍ୟ ବଢ଼ାଇବା ଓ ନାଗରିକଙ୍କୁ ଏକ ସବୁଜ, ରଙ୍ଗିନ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ବିଏସସିଏଲ ଏକ ପ୍ରମୁଖ ପ୍ରକଳ୍ପ ହାତକୁ ନେଇଛି। ଏହି ପ୍ରକଳ୍ପର ଏକ ପ୍ରମୁଖ ଆକର୍ଷଣ ହେବ ଟାବେବୁଆ ରୋଜିଆ ଗଛର ଧାଡ଼ି, ଯାହା ଏହାର ସୁନ୍ଦର ଗୋଲାପୀ ଫୁଲ ପାଇଁ ଜଣାଶୁଣା। ଏହି ଫୁଲ ଗଛଗୁଡ଼ିକ ମନୋରମ ମୌସୁମୀ ଦୃଶ୍ୟ ସୃଷ୍ଟି କରିବ ଓ ଏକ ଲୋକପ୍ରିୟ ଆକର୍ଷଣ ପାଲଟିବ। ରାସ୍ତା ମଝିରେ ଥିବା ବିଭାଜକରେ ଉଜ୍ଜ୍ୱଳ ନାଲି ରଙ୍ଗର ରୁଦ୍ରପଳାଶ ଗଛ ମଧ୍ୟ ଲଗାଯିବ, ଯାହା ସେଠାରେ ପୂର୍ବରୁ ଥିବା ହଳଦିଆ ଗଛଗୁଡ଼ିକ ସହ ବେଶ୍ ମାନିବ। ହାମେଲିଆ ଓ ଆକାଲିଫା ଭଳି ଗୁଳ୍ମ ଏବଂ ରୋଓ ଭଳି ଭୂମି ଆଚ୍ଛାଦନକାରୀ ଗଛଗୁଡ଼ିକ ଏହି କରିଡରକୁ ଅଧିକ ରଙ୍ଗିନ ଏବଂ ସୁନ୍ଦର କରିବ। ଲୋକମାନେ ଏଠାରେ ପରିବାର ସହ ବୁଲିବା, ଫଟୋ ଉଠାଇବା ଓ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ ଆସିବେ ବୋଲି ଆଶା ରଖାଯାଇଛି। ଜନପଥ ରାସ୍ତାକୁ ଆହୁରି ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏକ ବଡ଼ ପ୍ରକଳ୍ପ ମଧ୍ୟ ଚାଲିଛି। ଏଥିରେ ଏକାମ୍ର କ୍ଷେତ୍ର, ମାଷ୍ଟର କ୍ୟାଣ୍ଟିନ୍ ଟ୍ରାଫିକ ଅଞ୍ଚଳ, ରାଜମହଲ ଫ୍ଲାଏଓଭର ତଳ ଭାଗ, ଇଡ୍‌କୋ ଟାୱାର ଓ ଓପିଟିସିଏଲ ସମ୍ମୁଖ ଭାଗ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧୦ଟି ପ୍ଲାଜା ତିଆରି ହେବ। ଅଗଷ୍ଟ ମାସ ସୁଦ୍ଧା ସମସ୍ତ ସୌନ୍ଦର୍ଯ୍ୟକରଣ କାମ ସରିବା ନେଇ ଯୋଜନା ରହିଛି।



## କବଚ ସ୍ଥାପନକୁ ରେଳବାଇ ମଞ୍ଜୁରୀ

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ସୁରକ୍ଷା ଓ ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଇଁ ପୂର୍ବତଟ ରେଳପଥର ୬୩୧ ରୁଟ୍ କିମିରେ ୨୭୦ କୋଟି ବ୍ୟୟରେ କବଚ ସ୍ଥାପନକୁ ଭାରତୀୟ ରେଳବାଇ ମଞ୍ଜୁରୀ ଦେଇଛି। ଏହି ପ୍ରକଳ୍ପ ଅଧୀନରେ ପୂର୍ବତଟ ରେଳପଥର ୬ଟି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନ ଯଥା ବାଘୁଆପାଳ-ବୁଢ଼ାପଙ୍କ, ହରିଦାସପୁର- ପାରାଦୀପ, ଖୋର୍ଦ୍ଧା ରୋଡ୍ -ବଲାଙ୍ଗୀର, ନୌପଡ଼ା -ଗୁଣୁପୁର, ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ଓ ବୋବିଲି-ସାଲୁରୁ ଆଦି ଅନ୍ତର୍ଭୁକ୍ତ ହୋଇଛି। ଏହି ଅନୁମୋଦିତ କାର୍ଯ୍ୟ ଭାରତୀୟ ରେଳପଥର ସମଗ୍ର ରେଳ ନେଟୱର୍କରେ ଏଲ୍‌ଟିଇ ଆଧାରିତ ଯୋଗାଯୋଗ ବ୍ୟବସ୍ଥା ସହ କବଚ ସ୍ଥାପନର ବୃହତ କାର୍ଯ୍ୟକ୍ରମର ଏକ ଅଂଶ। 'କବଚ୍' ହେଉଛି ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ, ଯାହାକି ସିଗନାଲ୍ ଅତିକ୍ରମଣଜନିତ ବିପଦ, ଅତ୍ୟଧିକ ବେଗ ଓ ଟ୍ରେନ୍ ମୁହାଁମୁହିଁ ଧକ୍କାକୁ ରୋକି ସୁରକ୍ଷା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ବ୍ୟବସ୍ଥା ନିରନ୍ତର ଭାବେ ଟ୍ରେନ୍‌ର ଗତିବିଧି ଉପରେ ନଜର ରଖେ ଓ ଆବଶ୍ୟକ ସ୍ଥଳେ ସ୍ୱୟଂଚାଳିତ ଭାବେ ବ୍ରେକ୍ ପ୍ରୟୋଗ କରିଥାଏ, ଯାହାଦ୍ୱାରା ପରିଚାଳନାଗତ ସୁରକ୍ଷାରେ ଉଲ୍ଲେଖନୀୟ ସୁଧାର ଆସିଥାଏ। ଏହି ରୁଟ୍‌ଗୁଡ଼ିକରେ କବଚ ସ୍ଥାପନ ଦ୍ୱାରା ସ୍ୱୟଂଚାଳିତ ଟ୍ରେନ ସୁରକ୍ଷା ଓ ଧକ୍କା ନିବାରଣ କ୍ଷମତା ଯୋଗାଇ ଟ୍ରେନ୍ ପରିଚାଳନାରେ ଉଚ୍ଚସ୍ତରୀୟ ସୁରକ୍ଷା ହାସଲ କରିବାରେ ସହାୟକ ହେବ। ଏଥିସହ କବଚ ଘନକୁହୁଡ଼ି ଭଳି ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ମଧ୍ୟ ଅଧିକ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବ।

## ସ୍ୱଚ୍ଛତା ପାଇଁ ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସଏଚଭିଆର) ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ୧୦ଟି ବିଦ୍ୟାଳୟକୁ ଚୟନ କରାଯାଇଛି। ଓଡ଼ିଶାର ପ୍ରାୟ ୨୦ଟି ବିଦ୍ୟାଳୟକୁ ଜାତୀୟ ସ୍ତରୀୟ ମୂଲ୍ୟାଙ୍କନ ପାଇଁ ମନୋନୀତ କରାଯାଇଥିଲା, ଯେଉଁଥିରୁ ୧୦ଟି ବିଦ୍ୟାଳୟକୁ ଏସ୍ଏଚ୍‌ଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଓ ସ୍ୱୀକୃତି ପାଇଁ ବଛାଯାଇଛି। ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ମୁଖ୍ୟତଃ ପରିମଳ ଓ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଓ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରେ। ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ। ଏହି ଜାତୀୟସ୍ତରୀୟ ମାନ୍ୟତା ଓଡ଼ିଶାର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି ଓ ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ପାଇବା ପରେ ବିଦ୍ୟାଳୟ ସ୍ତରରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ। ସୂଚନାଯୋଗ୍ୟ ଯେ ଜାତୀୟ ସ୍ତରରେ ୨୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୯୧ ସ୍କୁଲକୁ ଏସଏଚଭିଆର ୨୦୨୫-୨୬ ଅଧୀନରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର, ସ୍ୱୀକୃତି ପ୍ରମାଣପତ୍ର ଓ ତିନିଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।




# 'ନବ ଆର୍ଟ ହାଉସ୍' ପକ୍ଷରୁ 'ମଇଳା ଚଦର'ର ସ୍ୱତନ୍ତ୍ର ସ୍କ୍ରିନିଂ
## ଭାବପୂର୍ଣ୍ଣ ସନ୍ଧ୍ୟାରେ ସମ୍ବର୍ଦ୍ଧିତ ହେଲେ କଳାକାର

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଏକ ଆବେଗପୂର୍ଣ୍ଣ ମୁହୂର୍ତ୍ତରେ 'ନବ ଆର୍ଟ ହାଉସ୍' ପକ୍ଷରୁ ଓଡ଼ିଆ ସ୍ୱାଧୀନ ଚଳଚ୍ଚିତ୍ର 'ମଇଳା ଚଦର'ର ପ୍ରଥମ ସାଧାରଣ ସ୍କ୍ରିନିଂ ଅନୁଷ୍ଠିତ ହୋଇଛି। ଏହା ହେଉଛି ଦୁଇ ପିଢ଼ିର ଏକ ନିଚ୍ଛକ କାହାଣୀ, ଯାହାକୁ ମା' ସସ୍ମିତା ସାହୁ ରଚନା କରିଥିବା ବେଳେ ତାଙ୍କ ଝିଅ ତଥା ଯୁବ ନିର୍ଦ୍ଦେଶିକା ଅଭୀପ୍ସା ସାହୁ ନିଜ ନିପୁଣ ଦୂରଦୃଷ୍ଟି ଦ୍ୱାରା ପରଦାରେ ଜୀବନ୍ତ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଅନେକ ନୂତନ କଳାକାର ପ୍ରଥମ ଥର ପାଇଁ ପରଦାକୁ ଆସିଛନ୍ତି।



ଚଳଚ୍ଚିତ୍ର ପ୍ରଦର୍ଶନ ସମୟରେ ପ୍ରେକ୍ଷାଳୟରେ ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳିଥିଲା। ପରିବାର ଲୋକେ ପ୍ରଥମ ଥର ପାଇଁ ନିଜ ପ୍ରିୟଜନମାନଙ୍କୁ ବଡ଼ ପରଦାରେ ଦେଖି ଗର୍ବ ଅନୁଭବ କରୁଥିବା ବେଳେ ବର୍ଷ ବର୍ଷର ପରିଶ୍ରମ ଦର୍ଶକଙ୍କ ସାମ୍ନାରେ ସଫଳ ହେଉଥିବା ଦେଖି କଳାକାରମାନେ ମଧ୍ୟ ଭାବବିହ୍ୱଳ ହୋଇପଡ଼ିଥିଲେ। ଉପସ୍ଥିତ ଭିନ୍ନ ଭିନ୍ନ ପିଢ଼ିର ଦର୍ଶକ ଏକାଠି ହୋଇ ଚଳଚ୍ଚିତ୍ରର ହସ, ଲୁହ ଓ ନିରବ ଅନୁଭୂତିଗୁଡ଼ିକୁ ମନଭରି ଉପଭୋଗ କରିଥିଲେ। ଏହି ସ୍ମରଣୀୟ ସନ୍ଧ୍ୟାରେ ସିନେମା, ସାହିତ୍ୟ, ସମାଜସେବା, ଶିକ୍ଷା ଓ କଳା କ୍ଷେତ୍ରର ଅନେକ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ।

ଏହି ଅବସରରେ ଚଳଚ୍ଚିତ୍ରର ଏକମାତ୍ର ଗୀତର ସ୍ୱର ସଂଯୋଜନା କରି କାହାଣୀରେ ଆବେଗିକ ସ୍ପର୍ଶ ଦେଇଥିବା ବିଶିଷ୍ଟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ବିଜୟଲକ୍ଷ୍ମୀ ପ୍ରହରାଜ, ଜୟନ୍ତୀ ମହାରଣାଙ୍କ ସମେତ ଅରବିନ୍ଦ ନାୟକ, କାଶୀନାଥ ସାହୁ ଓ ଶିଶୁ କଳାକାର ସମ୍ପ୍ରଦା ରାଉତ ଓ ସାଇଲି ମହାନ୍ତିଙ୍କ ସମେତ ସମସ୍ତ କଳାକାରଙ୍କୁ ସମାରୋହରେ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। 'ମଇଳା ଚଦର' ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବଗୁଡ଼ିକରେ ମଧ୍ୟ ବେଶ୍ ସଫଳତା ହାସଲ କରିସାରିଛି। ଚଳଚ୍ଚିତ୍ରଟି ସ୍ୱେଡିଶ୍ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍, ସିସିଲିର ମାଡୋନି ଫିଲ୍ମ ଫେଷ୍ଟିଭାଲ୍, ବର୍ଲିନ୍ ଇଣ୍ଡି ଫିଲ୍ମ ଫେଷ୍ଟିଭାଲ୍, ଲଣ୍ଡନ ଇଣ୍ଟରନ୍ୟାସନାଲ୍ ଫିଲ୍ମମେକର ଫେଷ୍ଟିଭାଲ୍ ଓ ପ୍ରତିଷ୍ଠିତ ଦାଦାସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲ୍ ଭଳି ଅନ୍ତର୍ଜାତୀୟ ମଞ୍ଚରେ ପୁରସ୍କାର, ସମ୍ମାନ ଓ ସରକାରୀ ମନୋନୟନ ଲାଭ କରିଛି।

# ବିଭୂତିବାବୁ ଏତେ ଉତ୍‌କ୍ଷିପ୍ତ କାହିଁକି: ବିଜେଡି

● ମହିଳା ସୁରକ୍ଷା ଉପରେ ସାଲିସ୍ କରିବ ନାହିଁ ଦଳ

● ପୁଲିସ ଭଳି ମନ୍ତବ୍ୟ ଦେବାରୁ କ୍ଷାନ୍ତ ରୁହନ୍ତୁ ମନ୍ତ୍ରୀ




ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଗତ ଶନିବାର ଗୋଲନ୍ଥରାରେ ଏକ ଘରୋଇ କଲେଜରେ ଜଣେ ନିରୀହ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପୁତୁରାଙ୍କ ସମ୍ପୃକ୍ତି ରହିଛି ବୋଲି ମୃତ ଛାତ୍ରୀଙ୍କ ପରିବାରବର୍ଗ ଅଭିଯୋଗ କରିଥିଲେ। ଏହି ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କ ନିକଟରେ ନ ପହଞ୍ଚିବା ନେଇ ବିଜେଡି ପ୍ରଶ୍ନ ଉଠାଇଥିଲା। ବିଜେଡିର ଏକ ସାମ୍ବାଦିକ ସମ୍ମିଳନୀ ପରେ ଗତକାଲି ରାତିରେ ଅଭିଯୁକ୍ତ ବିଶ୍ୱଜିତ ଜେନାଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଉତକ୍ଷିତ ହୋଇ ମନ୍ତ୍ରୀ ଶ୍ରୀ ଜେନା ଦେଇଥିବା ମନ୍ତବ୍ୟକୁ ବିଜେଡି ନିନ୍ଦା କରିଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ କହିଥିଲେ ଯେ ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡ଼ିଥିବା ବେଳେ ମନ୍ତ୍ରୀଙ୍କ ପୁତୁରା ବିଶ୍ୱଜିତଙ୍କ ଯୋଗୁଁ ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଯିବା ଦୁର୍ଭାଗ୍ୟଜନକ। ଗଞ୍ଜାମ ଜିଲ୍ଲାରେ ଗତ ୨ ବର୍ଷ ମଧ୍ୟରେ ମହିଳାବିରୋଧୀ ହିଂସା ବଢ଼ିଚାଲିଛି। ସରକାର ଘଟଣା ଘଟିଲା ପରେ ଅପରାଧୀଙ୍କୁ ଧରି ବାହାବା ନେଉଛନ୍ତି, କିନ୍ତୁ ଅପରାଧ ନିରାକରଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଯାହା ଫଳରେ ଅପରାଧୀମାନେ ଦିନଦ୍ୱିପ୍ରହରେ ଅପରାଧ ଘଟାଇ ଚାଲିଛନ୍ତି। ଡ. ମହାନ୍ତି କହିଥିଲେ ଯେ ଗଞ୍ଜାମ ଜିଲ୍ଲାରେ ବାଲି, ମୋରମ, ଗୋଡ଼ି ବ୍ୟାପକ ଭାବେ ଚୋରାଚାଲାଣ ହେଉଥିବାର ଅଭିଯୋଗ ଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଭାବେ ବିଭୂତିବାବୁ ତାହାକୁ ନିୟନ୍ତ୍ରଣ କରିପାରୁନାହାନ୍ତି।

# ବର୍ଷା ହେଲେ ବୁଡ଼ିଯାଉଛି କଟକ



କଟକ, ୨୨।୬ (ସଂଚାର ବ୍ୟୁରୋ): ବର୍ଷାରେ ବେହାଲ କଟକ ସହର। ଡ୍ରେନ୍‌ଗୁଡ଼ିକରେ କୁଢ଼କୁଢ଼ ଅଳିଆ ଆବର୍ଜନା ସହ ପଙ୍କ ଭର୍ତ୍ତି ହୋଇଥିବାରୁ ଜଳବନ୍ଦୀ ସମସ୍ୟା ଉପୁଜୁଛି। ବର୍ଷାଦିନ ଆରମ୍ଭରୁ ଏଭଳି ସମସ୍ୟା ସହରବାସୀଙ୍କୁ ଚିନ୍ତା ବଢ଼ାଇଦେଇଛି। ଆଗକୁ ସହରବାସୀ ଜଳବନ୍ଦୀ ସମସ୍ୟାରେ ହନ୍ତସନ୍ତ ହେବେ ବୋଲି ଏବେଠୁ ଜଳଜଳ ଦିଶୁଛି। ଏ କେବଳ ଗୋଟିଏ ବର୍ଷର ସମସ୍ୟା ନୁହେଁ, ପ୍ରତିବର୍ଷ ବର୍ଷାଦିନରେ ଏଭଳି ସ୍ଥିତି ଉପୁଜୁଛି। ବିଶେଷ କରି ରକ୍ସି ଲେନ୍, ମେରିଆ ବଜାର, ଫ୍ରେଣ୍ଡସ୍ କଲୋନି, ସାମନ୍ତପୁର ସମେତ ଅନେକ ଜାଗାରେ ଘଣ୍ଟାଘଣ୍ଟା ଧରି ପାଣି ଜମା ହୋଇ ରହିଥାଏ। ଫଳରେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। କଟକ ସହରରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚରେ ବକ୍ସ ଡ୍ରେନ ନିର୍ମାଣ ହେଲା। କିନ୍ତୁ ବକ୍ସ ଡ୍ରେନଗୁଡ଼ିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହୁଛି। ଫଳରେ ବର୍ଷା ହେଲେ ଠିକ୍ ଭାବେ ଡ୍ରେନରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଆଗକୁ ଜଳ ନିଷ୍କାସନ ଚିନ୍ତା ବଢ଼ାଇବ। ମେୟର କହିଛନ୍ତି ଯେ, କଟକ ସହର ତଳିଆ ଅଞ୍ଚଳରେ ରହିଛି। ତେଣୁ ପାଣି ଜମିବା ସ୍ୱାଭାବିକ। ମାତ୍ର କେତେ ଜଲଦି ଜଳ ନିଷ୍କାସନ କରାଯାଇପାରିବ ସେ ସେନେଇ ବ୍ୟବସ୍ଥା କରାଯାଉଛି।

## କେ-୮ ବରିଷ୍ଠ ନାଗରିକ ମଞ୍ଚର ଯୋଗ ଦିବସ ପାଳନ




ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ମଂଚ (କେ-୮) ପରିସରରେ ଗତକାଲି ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ସଭାପତି ବୃନ୍ଦାବନ ବସ୍ତିଆ ସଦସ୍ୟମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଦାଶରଥି ସାହୁ ଯୋଗ ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ଏବଂ ବିଶ୍ୱରେ ସମନ୍ୱୟ ଓ ଶାନ୍ତି ପ୍ରତିଷ୍ଠା ସମ୍ଭବ ବୋଲି ଅଭିମତ ପ୍ରଦାନ କରିଥିଲେ। ଉପସ୍ଥିତ ସଦସ୍ୟମାନଙ୍କୁ ବରିଷ୍ଠ ଯୋଗ ଶିକ୍ଷକ କର୍ଣ୍ଣେଲ ଜଗନ୍ନାଥ ରାଓ ଓ ସୁଧାକର ପରିଡ଼ା ଯୋଗଶିକ୍ଷା ପ୍ରଦାନ କରିଥିଲେ। କର୍ଣ୍ଣେଲ ରାଓଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନାରେ ଗିରିଜା ପ୍ରସାଦ ମହାପାତ୍ର, ସୁଶାନ୍ତ ପଟ୍ଟନାୟକ, ପିଏସଏନ ପାତ୍ର, ଚନ୍ଦ୍ରକାନ୍ତ ଦାସମହାପାତ୍ର, ନିରଞ୍ଜନ ସାହୁ, ଭୀମସେନ ମୂଳିଆ, ବିରଞ୍ଚି ନାରାୟଣ ଧଳ, ଗୋପନାଥ ରାଉତ, ଜ୍ଞାନରଞ୍ଜନ ପରିଡ଼ା, ଗଦାଧର ଦାସ, ପ୍ରହ୍ଲାଦ ପଣ୍ଡା ସହଯୋଗ କରିଥିଲେ। ପରିଶେଷରେ ଚନ୍ଦ୍ରକାନ୍ତ ଦାସମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

● ଏଆଇଟିୟୁସି ରାଜ୍ୟ ପରିଷଦ ବୈଠକ
## ଶ୍ରମିକବିରୋଧୀ ନୀତି ବିରୋଧରେ ରାଜ୍ୟସ୍ତରୀୟ ସମାବେଶ




ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଏଆଇଟିୟୁସିର ଓଡ଼ିଶା ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଗତ ରାଜ୍ୟ ପରିଷଦ ବୈଠକଠାରୁ ଇତିମଧ୍ୟରେ ଦେଶର ଶ୍ରମିକ ଶ୍ରେଣୀ, ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ଶ୍ରମିକ ସ୍ୱାର୍ଥବିରୋଧୀ ଶ୍ରମ ସଂହିତା ପ୍ରଣୟନ ମାଧ୍ୟମରେ ଶ୍ରମିକ ଶ୍ରେଣୀକୁ ମଧ୍ୟଯୁଗୀୟ କ୍ରୀତଦାସ ବ୍ୟବସ୍ଥା ଭିତରକୁ ଠେଲିଦେବା ଆଦି ଘଟଣାରେ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବେଗ ପ୍ରକାଶ କରିଥିଲେ। ଶ୍ରମିକ ବିରୋଧୀ ଶ୍ରମ କୋଡ୍ ରଦ୍ଦ କରିବା, ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ରଦ୍ଦ କରିବା, ପ୍ରତିରକ୍ଷା ଶିଳ୍ପର ଘରୋଇକରଣ ବନ୍ଦ, ସାର୍ବଜନୀନ ସ୍ୱାସ୍ଥ୍ୟସେବା, ସମସ୍ତଙ୍କୁ ପେନସନ, ପୁରଣା ପେନସନ୍ ସ୍କିମ ଲାଗୁ କରିବା, ଶିଶୁମାନଙ୍କ ପୁଷ୍ଟି ସୁରକ୍ଷା, ବିଦ୍ୟୁତ ସଂଶୋଧନ ବିଲ୍ ପ୍ରତ୍ୟାହାର, ରାଜ୍ୟରେ ବନ୍ଦ କାରଖାନାର ପୁନରୁଦ୍ଧାର ଆଦି ଦାବି ନେଇ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଏହିସବୁ ଦାବିକୁ ନେଇ ଆସନ୍ତା ଜୁଲାଇ ୨୦ରେ ରାଜ୍ୟସ୍ତରୀୟ ମହାସମାବେଶ ପାଇଁ ଆହ୍ୱାନ ଦିଆଯାଇଛି। ଦେଶର ଶ୍ରମିକ ଓ କୃଷକମାନଙ୍କର ସମସ୍ୟା ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦିଲ୍ଲୀ ଜୁଲାଇ ୨୯ରେ ସର୍ବଭାରତୀୟ କନ୍‌ଭେନ୍‌ସନ୍‌ରେ ଓଡ଼ିଶାରୁ ୫୦ ଜଣ ଶ୍ରମିକ ନେତା ଯୋଗଦେବେ।

■ ବିରୂପା ନଦୀରେ ଗାଧୋଇବାକୁ ଆସି ଯୁବକ ନିଖୋଜ
## ୨୪ଘଣ୍ଟା ପରେ ମିଳିଲା ମୃତଦେହ



କଟକ, ୨୨।୬ (ସଂଚାର ବ୍ୟୁରୋ):କଟକ ଜଗତପୁର ବିରୂପା ନଦୀକୁ ଗାଧୋଇବାକୁ ଆସି ଗତକାଲି ନିଖୋଜ ହୋଇଥିବା ଜ୍ୟୋତିଷ ପେରପେକାଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। କୋରାପୁଟ ଜିଲ୍ଲାର ଜ୍ୟୋତିଷ ପେରପେକା ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ରବିବାର ଛୁଟି ଥିବାରୁ ୪ଜଣ ସାଙ୍ଗ ଏକାଠି ହୋଇ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଜ୍ୟୋତିଷ ପେରପେକା ଭାସିଯାଇଥିଲେ। ଘଟଣା ସ୍ଥଳରେ ଚୌଦ୍ୱାର ଅଗ୍ନିଶମ ବାହିନୀ ଓ ଜଗତପୁର ପୁଲିସ ପହଞ୍ଚି ଖୋଜାଖୋଜି କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ତଲାସୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସୋମବାର ଏନ୍‌ଡିଆରଏଫ୍‌ର ଏକ ୩୬ ଜଣିଆ ଦଳ ଅପରାହ୍ଣ ୪ଟାରେ ବିରୂପା ରେଳ ପୋଲ ନିକଟରୁ ଜ୍ୟୋତିଷ ପେରପେକାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଓଟିଏସ୍‌ର ନୂତନ କର୍ମକର୍ତ୍ତା ନିର୍ବାଚିତ



କଟକ, ୨୨। ୬ (ସଂଚାର ବ୍ୟୁରୋ):ଓଡ଼ିଶା ଟେକ୍ସଟାଇଲ୍‌ସ ଆଣ୍ଡ ଷ୍ଟିଲ୍‌ସ(ଓଟିଏସ) ଲିମିଟେଡର ବାର୍ଷିକ ଅଧିବେଶନ ଓ ସାଧାରଣ ନିର୍ବାଚନ ନୂଆବଜାରସ୍ଥିତ ଶ୍ରମିକ ଅଫିସ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ଆଗାମୀ ୨୦୨୬-୨୭ବର୍ଷ ପାଇଁ ସଭାପତି ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ଆଇନଜୀବୀ ତ୍ରିଲୋଚନ ଲେଙ୍କା, କାର୍ଯ୍ୟକାରୀ ସଭାପତି ବାମନଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ହୃଦାନନ୍ଦ ପଟ୍ଟନାୟକ, ସହକାରୀ ସମ୍ପାଦକ ହରେକୃଷ୍ଣ ମହାରଣା, କୋଷାଧ୍ୟକ୍ଷ ମୁରଲୀଧର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। କର୍ମକର୍ତ୍ତାଭାବରେ ଦେବେନ୍ଦ୍ର ମହାନ୍ତି, ଅଜୟ କୁମାର ଦାସ, ଅଜୟ କୁମାର ନାୟକ, ପ୍ରଫୁଲ୍ଲ ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ନିରଞ୍ଜନ ପରିଜା ଓ ଡଃ ପ୍ରଫୁଲ୍ଲ କୁମାର ନାୟକ ନିର୍ବାଚନ ପରିଚାଳନା କରିଥିଲେ।

## ବେଗୁନିଆର ୨ ପଞ୍ଚାୟତରେ ବିପର୍ଯ୍ୟୟ ମୁକାବିଲା ତାଲିମ




ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ସାରୁଅ ଓ ପୋଡ଼ାଡ଼ିହ ପଞ୍ଚାୟତରେ ବାତ୍ୟା ମୁକାବିଲା ପ୍ରସ୍ତୁତିର ତାଲିମ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତ ୧୯ ତାରିଖରେ ଆୟୋଜିତ ହୋଇଛି। ପୋଡ଼ାଡ଼ିହ ବାତ୍ୟା ଆଶ୍ରୟସ୍ଥଳୀଠାରେ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଉପରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ୍ୱସ୍ୱର ମମତା ମହାନ୍ତି, ଜିପିଡିଓ ଦୀନବନ୍ଧୁ ଦାସ, ସରପଞ୍ଚ ଲତା ସେଠୀ, ସମ୍ପାଦକ ସୁଦର୍ଶନ ମାଣିକ, ଭିଏଏସ୍ ଡଃ. ଦୀନେଶ କୁମାର ବେହେରା, ପିଇଓ ତୁଷାର ସାହୁ ଓ ବାତ୍ୟା ଆଶ୍ରୟସ୍ଥଳୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପୋଡ଼ାଡ଼ିହ ଗ୍ରାମର ବହୁସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ବେଗୁନିଆ ଓଆଇସି ମୁସ୍ତାକିମ୍ ମହମ୍ମଦଙ୍କ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ସମୟରେ ଲୋକଙ୍କ ଧନଜୀବନକୁ କିଭଳି ସୁରକ୍ଷିତ ରଖାଯାଇପାରିବ ତାହା ଉପରେ ଡେମୋ ଦ୍ୱାରା ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେହିଭଳି ସାରୁଅ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ୍ୱସ୍ୱର ତପନ ମହାନ୍ତି ଓ ମମତା ମହାନ୍ତିଙ୍କ ସମେତ ସରପଞ୍ଚ ରଞ୍ଜିତା ମହାଭୋଇ, ପିଇଓ ସୌମ୍ୟରଞ୍ଜନ ପ୍ରଧାନ ଓ ପ୍ରିୟତମା ନାୟକ, ବାଘମାରୀ ଏଲଟି ଭିକାରୀ ସେଠୀ, ଏଡିଇଓ ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସ୍ଥାନରେ ଉପସ୍ଥିତ ଲୋକଙ୍କୁ ବିପର୍ଯ୍ୟୟ ମୁକାବିଲା ସମୟରେ କିଭଳି ନିଜେ ସୁରକ୍ଷିତ ହେବା ସହ ଅନ୍ୟମାନଙ୍କୁ ସୁରକ୍ଷା ଯୋଗାଇଦେବେ, ସେ ସଂକ୍ରାନ୍ତରେ ବିସ୍ତୃତ ଭାବେ ବୁଝାଯିବା ସହ ତାଲିମ ପ୍ରଦାନ କରାଯାଇଥିଲା।

# ସୁନା କଟକଣା, ସମସ୍ତେ ଭୁଲିଗଲେଣି

ଭୁବନେଶ୍ୱର,୨୨।୬: ଦେଶର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ତତଃ ପକ୍ଷେ ବର୍ଷକ ପାଇଁ ସୁନା ଖରିଦ ନକରିବାକୁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ସୁନାପ୍ରେମୀମାନେ ଏକ ପ୍ରକାର ଭୁଲି ଗଲେଣି। ରାଜଧାନୀର ସୁନା ଦୋକାନଗୁଡ଼ିକରେ ଲାଗିଥିବା ଭିଡ଼କୁ ଦେଖିଲେ ଏହା ହିଁ ପ୍ରତୀୟମାନ ହେଉଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ଦେଶର ଆର୍ଥିକ ସ୍ୱାର୍ଥ ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ କେତେଗୁଡ଼ିଏ ଆହ୍ୱାନ ଦେଇଥିଲେ। ସେଗୁଡ଼ିକରେ ମଧ୍ୟରେ ରହିଥିଲା କମ୍ ଇନ୍ଧନ ଖର୍ଚ୍ଚ କରିବା, ବର୍ଷକ ପାଇଁ ସୁନା ନକିଣିବା ଓ ଖାଇବାତେଲର ବ୍ୟବହାର କମ୍ କରିବା। କାରଣ ଏହିସବୁ ସାମଗ୍ରୀ ବିପୁଳ ପରିମାଣରେ ବିଦେଶରୁ ଆମଦାନୀ ହେଉଥିବାବେଳେ ଏଥିପାଇଁ ଭାରତ ସରକାରଙ୍କୁ ବୈଦେଶିକମୁଦ୍ରା ବ୍ୟୟ କରିବାକୁ ହୋଇଥାଏ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ପରେ କେନ୍ଦ୍ର ସରକାର ସୁନା ଉପରେ ଆମଦାନୀ ଟିକସ ବୃଦ୍ଧି କରିଥିଲେ। ଏହା ୬ ପ୍ରତିଶତରୁ ବୃଦ୍ଧି ପାଇଁ ୧୫ ପ୍ରତିଶତରେ ପହଞ୍ଚିଥିଲା। ଏହା ପରେ ପରେ ଦେଶରେ ସୁନାର ଦର ବଢ଼ିଥିଲା। ସରକାର ଆଶା ରଖିଥିଲେ ଯେ ସୁନାର ଦର ବୃଦ୍ଧିହେଲେ ଚାହିଦା ହ୍ରାସ ପାଇବ ଓ ସୁନା ଆମଦାନୀ ବାବଦରେ ଖର୍ଚ୍ଚ ହେଉଥିବା ବୈଦେଶିକ ମୁଦ୍ରାକୁ ସୁରକ୍ଷିତ ରଖାଯାଇ ପାରିବ।



ହେଲେ ଗତ କିଛିଦିନ ହେଲା ସୁନାର ଦର ହ୍ରାସ ପାଇବାରେ ଲାଗିଛି। ଦଶ ଗ୍ରାମ ସୁନାର ଦରରେ ପ୍ରାୟ ୧୦ରୁ ୧୫ ହଜାର ଟଙ୍କା ହ୍ରାସ ପାଇଲା ପରେ ଲୋକେ ଏବେ ସୁନା କିଣିବାପାଇଁ ଗହଣା ଦୋକାନରେ ଭିଡ଼ ଲଗାଇଛନ୍ତି। ବର୍ଷକ ପାଇଁ ସୁନା ନକିଣିବା ସକାଶେ ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଥିଲେ ଲୋକେ ତାହାକୁ ଏକ ପ୍ରକାର ପାଶୋରୀ ଦେଇଛନ୍ତି। ଏହାଛଡ଼ା କେତେକ ଗଣମାଧ୍ୟମରେ ସୁନାର ଦର ଚଳିତବର୍ଷ ଶେଷସୁଦ୍ଧା ଆଉ ୪୦ ପ୍ରତିଶତ ବଢ଼ିବ ବୋଲି ଖବର ପ୍ରକାଶିତ ହେବାପରେ ସୁନାପ୍ରେମୀମାନେ ଏବେ ଅଧିକରୁ ଅଧିକ ପରିମାଣରେ ସୁନା ଗହଣା କିଣିବାରେ ଲାଗିଛନ୍ତି।

କେବଳ ସୁନା ନୁହେଁ, ଇନ୍ଧନ ସଞ୍ଚୟ ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନ ବି ଲୋକେ ଭୁଲି ଗଲେଣି। ଅଳ୍ପ କିଛି ଦିନର ପେଟ୍ରୋଲ ଅଭାବ ଜନିତ ଧାଁ ଦଉଡ଼ ଆଉ ପ୍ରାୟତଃ କାହାର ମନେ ନାହିଁ। ତୈଳ ସଞ୍ଚୟ ଉପଦେଶ ମାନି ଯେଉଁମାନେ ଚାରିଚକିଆ ଛାଡ଼ି ଦୁଇ ଚକିଆ ଓ ମୋଟରସାଇକେଲ ଛାଡ଼ି ସାଇକେଲକୁ ଆଦିରି ନେଇଥିଲେ ସେମାନେ ଏବେ ପୂର୍ବାବସ୍ଥାକୁ ଫେରି ଆସିଲେଣି। ଯଦିଓ ସରକାର ଇତି ମଧ୍ୟରେ ପେଟ୍ରୋଲ ଲିଟର ପ୍ରତି ଓଡ଼ିଶାରେ ୮ଟଙ୍କା ଦର ବୃଦ୍ଧି କରିଛନ୍ତି, କିନ୍ତୁ ତାହାକୁ ଦୁଇ ଚକିଆ ଠାରୁ ଚାରିଚକିଆ ପର୍ଯ୍ୟନ୍ତ କେହି ଖାତିର କରୁନାହାନ୍ତି। ପେଟ୍ରୋଲ ଭୟରେ ଇଭି ବିକ୍ରୟ କେନ୍ଦ୍ରରେ ଲାଗୁଥିବା ଭିଡ଼ ବି ଆଉ ପରିଲକ୍ଷିତ ହେଉନାହିଁ। ସେହିଭଳି ଖାଇବା ତେଲ ଦର ଯଦିଓ ଲିଟର ପ୍ରତି ୧୦ ରୁ ୧୫ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି ତାହାର ଅବସ୍ଥା ବି ପେଟ୍ରୋଲ ଡିଜେଲ ଭଳି ହୋଇଛି। ଲୋକେ ପ୍ରଥମେ କିଛି ଦିନ ଖାଦ୍ୟ ପ୍ରସ୍ତୁତିରେ କାଣ୍ଟଛାଣ୍ଟ କରିଥିବାବେଳେ ଏବେ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ତେବେ ଗାଡ଼ି ଓ ଖାଦ୍ୟ କଟକଣାକୁ କିନ୍ତୁ ଟପିଯାଇଛି ସୁନା କଟକଣାକୁ ଫୁଁ' କରିଦେବା। ସୁନାପ୍ରେମୀମାନେ ପ୍ରତିଦିନ ଦରକୁ ଲକ୍ଷ୍ୟ କରି ସୁନା କିଣିବାରେ ଲାଗିଛନ୍ତି। ସୁନା ଦୋକାନୀମାନେ ବି ଗ୍ରାହକଙ୍କୁ ଆକର୍ଷିତ କଲା ଭଳି ବିଜ୍ଞାପନ ଦେଉଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ମଙ୍ଗଳବାର ୨୩ ଜୁନ୍ ୨୦୨୬, ଭୁବନେଶ୍ୱର

Tuesday 23 June 2026, Bhubaneswar


# ଶିବ ସେନା ପରେ ସମାଜବାଦୀ ପାର୍ଟି

ଭାରତୀୟ ରାଜନୀତିରେ ବିରୋଧୀ ଦଳଗୁଡ଼ିକର ଅନ୍ତର୍ଦ୍ୱନ୍ଦ୍ୱ ଏବଂ ବିଭାଜନ ଏକ ନୂଆ ଧାରା ହୋଇ ଉଠିଛି। ମହାରାଷ୍ଟ୍ରରେ ଶିବସେନା (ୟୁବିଟି)ର ବିଦ୍ରୋହ ଏବଂ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ (ଟିଏମସି)ର ଅସ୍ଥିରତା ପରେ ଏବେ ଉତ୍ତର ପ୍ରଦେଶର ସମାଜବାଦୀ ପାର୍ଟି (ଏସପି) ମଧ୍ୟ ବିଭାଜନର ଗୁଜବରେ ଘେରି ହୋଇଛି। ଉପ ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ମନ୍ତ୍ରୀ ଓମ୍ ପ୍ରକାଶ ରାଜଭରଙ୍କ ବୟାନ ଏହି ଚର୍ଚ୍ଚାକୁ ଉତ୍ତେଜିତ କରିଛି। ସେମାନେ ଦାବି କରୁଛନ୍ତି ଯେ ୨୫-୨୬ ଜଣ ଏସପି ସାଂସଦ ଦଳ ଛାଡ଼ିବାକୁ ପ୍ରସ୍ତୁତ। ଏହା କେବଳ ଗୁଜବ ନୁହେଁ, ବରଂ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିର ରଣନୀତିର ଏକ ଅଂଶ ବୋଲି ମନେ ହୁଏ।



ସମାଜବାଦୀ ପାର୍ଟି ମୂଳତଃ ମୁଲାୟମ ସିଂହ ଯାଦବଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସମାଜବାଦୀ ଓ ଜାତିଗତ ରାଜନୀତିର ପ୍ରତୀକ। ଯାଦବ ଓ ମୁସଲିମ୍ ଭୋଟ୍ ବ୍ୟାଙ୍କ ଉପରେ ନିର୍ଭରଶୀଳ ଏହି ଦଳ ଅଖିଳେଶ ଯାଦବଙ୍କ ନେତୃତ୍ୱରେ ପିଡ଼ିଏ (ପିଛଡ଼ା, ଦଳିତ, ଅଲ୍ପସଂଖ୍ୟକ) ଫର୍ମୁଲା ଦ୍ୱାରା ନିଜକୁ ବିସ୍ତାର କରିବାର ଚେଷ୍ଟା କରୁଛି। କିନ୍ତୁ ପରିବାରବାଦ, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ପୂର୍ବ ସରକାରର କଥିତ ଦୁର୍ନୀତି (ଖଣି ଓ ଗୋମତୀ ରିଭରଫ୍ରଣ୍ଟ ସ୍କାମ୍) ଏହି ଦଳର ଦୁର୍ବଳତା ହୋଇ ରହିଛି। ରାଜଭରଙ୍କ ଅଭିଯୋଗ ଅନୁଯାୟୀ, ରାମଗୋପାଲ ଯାଦବଙ୍କ ପରି ବରିଷ୍ଠ ନେତା କେନ୍ଦ୍ର ସହ ଯୋଗାଯୋଗ କରୁଛନ୍ତି ଏବଂ କିଛି ନେତା ବିଜେପି ଆଡ଼କୁ ଝୁଙ୍କୁଛନ୍ତି। ଯଦିଓ ଅଖିଳେଶ ଯାଦବ ଏହାକୁ ଖାରଜ କରି 'ଡାନା ଓ ଗାନା କେତେ ଦିନ ଚଳିବ' ବୋଲି କହିଛନ୍ତି ଏବଂ ଦଳ ଏକତାର ଦାବି କରୁଛି, ତଥାପି ଏହି ଗୁଜବ ରାଜନୈତିକ ପରିବେଶକୁ ପ୍ରଭାବିତ କରୁଛି।

ଏହି ଘଟଣା ଶିବସେନା ବିଭାଜନର ପ୍ରତିଧ୍ୱନି ତୋଳୁଛି। ମହାରାଷ୍ଟ୍ରରେ ଏକନାଥ ଶିଣ୍ଡେଙ୍କ ବିଦ୍ରୋହ ପରେ ଉଦ୍ଧବ ଥାକରେଙ୍କ ଗୋଷ୍ଠୀ ଦୁର୍ବଳ ହୋଇଛି। ଏକାଧିକ ବିରୋଧୀ ଦଳରେ ଏପରି ବିଦ୍ରୋହ ବିଜେପିର 'କଂଗ୍ରେସ୍ ମୁକ୍ତ ଭାରତ' ରଣନୀତିର ବିସ୍ତାରିତ ରୂପ ବୋଲି ମନେ ହୁଏ। ଉତ୍ତର ପ୍ରଦେଶରେ ଏସପି ହେଉଛି ବିଜେପିର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ। ୨୦୨୪ ଲୋକସଭା ନିର୍ବାଚନରେ ଏସପି ଭଲ ପ୍ରଦର୍ଶନ କରିଥିଲା ଏବଂ ପିଡ଼ିଏ ଫର୍ମୁଲା ଦ୍ୱାରା ନୂଆ ସମୀକରଣ ସୃଷ୍ଟି କରିଥିଲା। କିନ୍ତୁ ପରିବାର ନିୟନ୍ତ୍ରଣ, ଟିକେଟ ବଣ୍ଟନ ଏବଂ ଅନ୍ୟାନ୍ୟ ଜାତିର ଅସନ୍ତୋଷ ଦଳର ଅନ୍ତର୍ଗତ ସମସ୍ୟା ସୃଷ୍ଟି କରିଛି। ବ୍ରାହ୍ମଣ ସମ୍ମେଳନ ପରେ ଉତ୍ପନ୍ନ ବିବାଦ ଏହି ଗୁଜବକୁ ଆହୁରି ବଢ଼ାଇଛି।

ବିଭାଜନର ସମ୍ଭାବନା ଯଦି ସତ୍ୟ ହୁଏ, ତାହା ଉତ୍ତର ପ୍ରଦେଶର ରାଜନୀତିକୁ ପରିବର୍ତ୍ତନ କରିବ। ଏସପିର ଦୁର୍ବଳତା ବିଜେପି ଏବଂ ଯୋଗୀ ଆଦିତ୍ୟନାଥଙ୍କ ସରକାରକୁ ଆହୁରି ଶକ୍ତିଶାଳୀ କରିବ। କିନ୍ତୁ ଏହା ଗଣତନ୍ତ୍ର ପାଇଁ ମଧ୍ୟ ଏକ ଚିନ୍ତାଜନକ ବିଷୟ। ଆଞ୍ଚଳିକ ଦଳଗୁଡ଼ିକର ଅସ୍ଥିରତା କେନ୍ଦ୍ରୀୟ ଶକ୍ତିର ବୃଦ୍ଧି ଘଟାଉଛି ଏବଂ ବିରୋଧୀ ସ୍ୱରକୁ ଦୁର୍ବଳ କରୁଛି। ଏସପି ନେତାମାନେ ଏହି ଗୁଜବକୁ ବିଜେପିର ଷଡ଼ଯନ୍ତ୍ର ବୋଲି କହୁଛନ୍ତି। ସେମାନେ ଦଳୀୟ ଏକତା ଏବଂ କର୍ମୀଙ୍କ ସାହସର ଉପରେ ଭରସା ରଖୁଛନ୍ତି। କିନ୍ତୁ ଇତିହାସ ସାକ୍ଷୀ ଯେ ପ୍ରଲୋଭନ, ଚାପ ଏବଂ ଅନ୍ତର୍ଗତ ଅସନ୍ତୋଷ ଅନେକ ଦଳକୁ ବିଭକ୍ତ କରିଛି।

ଏହି ପରିପ୍ରେକ୍ଷୀରେ ଏସପିର ନେତୃତ୍ୱକୁ ଆତ୍ମନିରୀକ୍ଷଣ କରିବାକୁ ପଡ଼ିବ। ପରିବାରବାଦରୁ ବାହାରି ଅଧିକ ସମାବେଶୀ ରାଜନୀତି କରିବା, ଜାତିଗତ ସମୀକରଣକୁ ଆଧୁନିକ ବିକାଶ ଏବଂ ଶାସନ ସହ ଯୋଡ଼ିବା ଆବଶ୍ୟକ। ଯଦି ଦଳ ଏକତା ବଜାୟ ରଖିପାରେ ଏବଂ ଜନସାଧାରଣଙ୍କ ସମସ୍ୟା (ବେକାରୀ, କୃଷି, ଶିକ୍ଷା) ଉପରେ ଧ୍ୟାନ ଦେଇପାରେ, ତେବେ ସେ ଏହି ସଙ୍କଟରୁ ଉତ୍ତୀର୍ଣ୍ଣ ହୋଇପାରିବ। ଅନ୍ୟଥା ବିଭାଜନ କେବଳ ଏସପି ନୁହେଁ, ସମଗ୍ର ବିରୋଧୀ ରାଜନୀତିକୁ ଦୁର୍ବଳ କରିବ।

ଭାରତୀୟ ଗଣତନ୍ତ୍ରର ସ୍ୱାସ୍ଥ୍ୟ ସୁଦୃଢ଼ ବିରୋଧୀ ଦଳର ଉପରେ ନିର୍ଭର କରେ। ଆଞ୍ଚଳିକ ଦଳଗୁଡ଼ିକ ଯଦି ଆତ୍ମସମୀକ୍ଷା ନ କରନ୍ତି ଏବଂ ଜନସାଧାରଣଙ୍କ ଆଶା ପୂରଣ ନ କରନ୍ତି, ତେବେ ଏପରି ବିଭାଜନ ଆହୁରି ବଢ଼ିବ। ଉତ୍ତର ପ୍ରଦେଶର ୨୦୨୭ ନିର୍ବାଚନ ଏହି ପରୀକ୍ଷାର ଏକ ବଡ଼ ମଞ୍ଚ ହେବ। ଏସପି କି ଏକତା ଓ ନୂତନ ରଣନୀତି ଦ୍ୱାରା ପୁନରୁତ୍ଥାନ କରିବ, ନା ବିଭାଜନର ଶିକାର ହେବ? ସମୟ ଏହାର ଉତ୍ତର ଦେବ। କିନ୍ତୁ ଏହା ସ୍ପଷ୍ଟ ଯେ ବିରୋଧୀ ଏକତା ବିନା ବିଜେପିର ପ୍ରଭୁତ୍ୱକୁ ଚ୍ୟାଲେଞ୍ଜ କରିବା କଷ୍ଟକର ହୋଇଯିବ।

# ସୁସ୍ଥ ଜୀବନ ପାଇଁ ଯୋଗ

**ଅଲେଖ ଚନ୍ଦ୍ର ସାମଲ**



ଆଜିର କର୍ମବ୍ୟସ୍ତ ଜୀବନରେ ମଣିଷ ସବୁବେଳେ ଦୌଡ଼ିବାରେ ଲାଗିଛି। ମାତ୍ର ବେଳେବେଳେ ପରିସ୍ଥିତି ଏହି ଗତିରେ ବାଧା ଉପୁନ୍ନ କରିଥାଏ। ରୋଗ ଓ ବିଷାଦ ମଣିଷର ମନ ଓ ଶରୀରକୁ ଭାରାକ୍ରାନ୍ତ କରିଦିଏ। ଏହାସହ କର୍ମରେ ସର୍ବଦା ବ୍ୟସ୍ତ ରହି ଆମୋଦପ୍ରମୋଦ ପାଇଁ ସମୟ ବାହାର କରିପାରେନି। ତେଣୁ ଚିନ୍ତା, ବିଷାଦ, ଚିଡ଼ିଚିଡ଼ାପଣ ଆଦି ମନ ଭିତରେ ଘର କରିନିଏ। ଶରୀର କ୍ଲାନ୍ତ ହୋଇପଡ଼େ। ଏହାପରେ ମଣିଷ ହୋଇଯାଏ ଡାକ୍ତର ଓ ଔଷଧର କ୍ରୀତଦାସ। ମାତ୍ର ଏହି ସବୁ ମଧ୍ୟରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ପାଇବାର ଏକମାତ୍ର ପନ୍ଥା ହେଉଛି ଯୋଗ।

୨୦୧୪ ମସିହା ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ଯୋଗ ପାଇଁ ବର୍ଷକରେ ଗୋଟିଏ ଦିବସକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରିବାକୁ ଯେତେବେଳେ ପ୍ରସ୍ତାବ ଦେଲେ, ସେତେବେଳେ ସେ ବିଶ୍ୱାସ କରିନଥିଲେ ଯେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ତାଙ୍କ ପ୍ରସ୍ତାବକୁ ଗ୍ରହଣ କରିବେ। ଚଳିତ ବର୍ଷ ବାରତମ ଆନ୍ତର୍ଜାତିକ ଯୋଗ ଦିବସ। ଦିବସକୁ ପାଳନ କରିବା ପାଇଁ ସରକାରୀ ଭାବେ ଘୋଷଣା କରାଯାଇଛି ଏବଂ ଭାରତର ପ୍ରତ୍ୟେକ ରାଜ୍ୟରେ ଆଜି ଯୋଗ ଦିବସ ବହୁ ଉତ୍ସାହ ସହ ପାଳନ କରାଯାଉଛି। ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୀମିତ ଥିଲା। ଯୋଗ ଯେ ସାଧାରଣରେ ପ୍ରତ୍ୟେକ ମନୁଷ୍ୟର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ଉତ୍କୃଷ୍ଟ ବ୍ୟାୟାମ ଏବଂ ଶାରିରିକ ମାନସିକ ସ୍ତରରେ ସନ୍ତୁଳନ ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏହାକୁ ନେଇ ସଚେତନତା ସୃଷ୍ଟି ହୋଇ ନଥିଲା। ଯେଉଁମାନେ ସାଧୁ, ସନ୍ଥ, ସନ୍ନ୍ୟାସୀମାନଙ୍କର ଅନୁଗାମୀ ହେଉଥିଲେ, ସେମାନେ ଅଳ୍ପ ବହୁତେ ଯୋଗ ସମ୍ପର୍କରେ ଜାଣୁଥିଲେ, ଅନ୍ୟମାନଙ୍କ ପାଇଁ ପ୍ରାୟ ପ୍ରବେଶ ନଥିଲା।

ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଟ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା। କିନ୍ତୁ ବିଗତ ଦଶ ବର୍ଷ ମଧ୍ୟରେ ଯୋଗଗୁରୁ ରାମଦେବ ସମଗ୍ର ଭାରତ ବର୍ଷରେ ଯୋଗାଭ୍ୟାସର ପ୍ରଚାର, ପ୍ରସାର କରି ଯୋଗର ଉପକାରିତାକୁ ଜନମାନସରେ ପ୍ରତିଷ୍ଠା କରିବାରେ ସଫଳ ହେଲେ। ଆଧୁନିକ ଯୁଗର ଟିଭି ମିଡ଼ିଆ ତାଙ୍କୁ ଏ ଦିଗରେ ବହୁଳ ଭାବେ ସହାୟତା କଲା ଯାହାର ପ୍ରଭାବ ବିଶ୍ୱର ସମସ୍ତ ବିକଶିତ ରାଷ୍ଟ୍ର ଉପରେ ପଡ଼ିଥିଲା। ପ୍ରଧାନମନ୍ତ୍ରୀ ୟୁଏନ୍‌ଓ ଜେନେରାଲ ଆସେମ୍ବ୍ଲିରେ ଯୋଗ ସମ୍ପର୍କରେ କହିବା ପୂର୍ବରୁ ରାମଦେବ, ୟୁଏନ୍‌ଓର ସାଧାରଣ ସମ୍ପାଦକଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଯୋଗାଭ୍ୟାସ ପ୍ରଦର୍ଶନ କରିଥିଲେ। ଆଜି ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ ଭାବେ ଯୋଗର ଉପକାରିତା ସମ୍ପର୍କରେ ସମଗ୍ର ଦେଶରେ ପ୍ରଚାର କରୁଛନ୍ତି। ସୁସ୍ଥ ଜୀବନ ମେଣ୍ଟାଇବା ପାଇଁ ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଯୋଗର ଗୁରୁତ୍ୱ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ସମଗ୍ର ବିଶ୍ୱବାସୀ ଉପଲବ୍ଧ କରୁଛନ୍ତି, ତାହାହିଁ ଭାରତୀୟ ସଂସ୍କୃତି ପରମ୍ପରାର ଏକ ବିଶିଷ୍ଟ ନିଦର୍ଶନ।


ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋବାଇଲ୍: ୯୪୩୭୨୫୭୧୨୩




# ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସଙ୍କଟ

**ବୃହସ୍ପତି ସାମଲ**

ଯେଉଁ ବୟସରେ ଜଣେ ମଣିଷ ଜୀବନର ସମସ୍ତ ସଂଘର୍ଷ ଶେଷ କରି ଟିକିଏ ଶାନ୍ତି, ସମ୍ମାନ ଓ ସୁରକ୍ଷାର ଆଶା କରେ, ସେହି ବୟସରେ ଯଦି ତାକୁ ନିଜ ହକ୍ ପେନସନ ପାଇଁ ବ୍ୟାଙ୍କରୁ ପଞ୍ଚାୟତ ଏବଂ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼େ, ତେବେ ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ଏହା ଏକ କଲ୍ୟାଣକାରୀ ରାଜ୍ୟର ବିବେକ ଉପରେ ଏକ ଗମ୍ଭୀର ପ୍ରଶ୍ନଚିହ୍ନ। ଗଞ୍ଜାମର ଜଣେ ୬୬ ବର୍ଷୀୟା ବିଧବା ମହିଳା ତିନି ମାସ ଧରି ପେନସନ ନ ମିଳିବାରୁ ଆର୍ଥିକ ସଙ୍କଟରେ ପଡ଼ି ଆତ୍ମହତ୍ୟା କରିଥିବା ଅଭିଯୋଗ ଏବଂ ସୁବର୍ଣ୍ଣପୁରର ଦୃଷ୍ଟିହୀନ ଯୁବକ ଜାପା ଭୁଏ ଓ ତାଙ୍କ ୮୦ ବର୍ଷୀୟା ମା'ଙ୍କ ଦୟନୀୟ ଅବସ୍ଥା ନେଇ ସୁପ୍ରିମକୋର୍ଟଙ୍କ ସ୍ୱତଃପ୍ରବୃତ୍ତ ହସ୍ତକ୍ଷେପ, ଓଡ଼ିଶାର ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅନ୍ତରାଳରେ ଲୁଚିଥିବା ଗଭୀର ସଙ୍କଟକୁ ସାମ୍ନାକୁ ଆଣିଛି।




ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଜୀବନ ଓ ମାନବୀୟ ଗାରିମାର ଅଧିକାରକୁ ନିଶ୍ଚିତ କରିଛି। ଅନୁଚ୍ଛେଦ ୪୧ ରାଜ୍ୟକୁ ବୃଦ୍ଧାବସ୍ଥା, ଅକ୍ଷମତା ଓ ଅଭାବ ସମୟରେ ସାର୍ବଜନୀନ ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଅନୁଚ୍ଛେଦ ୩୮ ଓ ୩୯ ସାମାଜିକ ଓ ଆର୍ଥିକ ନ୍ୟାୟ ପ୍ରତିଷ୍ଠା ପାଇଁ ରାଜ୍ୟକୁ ଦାୟିତ୍ୱବଦ୍ଧ କରିଛି। ଏହା ସହିତ ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭ ମଧ୍ୟ ବୃଦ୍ଧମାନଙ୍କ ସୁରକ୍ଷା ଓ କଲ୍ୟାଣକୁ ଆଇନଗତ ମାନ୍ୟତା ଦେଇଛି। ତେଣୁ ବୟସ୍କଙ୍କ ପାଇଁ ପେନସନ ବ୍ୟବସ୍ଥା କୌଣସି ଦୟା କିମ୍ବା ଅନୁଗ୍ରହ ନୁହେଁ; ଏହା ଜଣେ ନାଗରିକଙ୍କ ସାମ୍ବିଧାନିକ ଅଧିକାର।

ସରକାରୀ ତଥ୍ୟ ଅନୁଯାୟୀ ୩୬.୬୨ ଲକ୍ଷ ଲାଭାର୍ଥୀ ସହ ଓଡ଼ିଶାରେ ମଧୁବାବୁ ପେନସନ ଯୋଜନା ଓ ୧୯.୫୫ ଲକ୍ଷ ଲାଭାର୍ଥୀ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ବର୍ତ୍ତମାନ ୫୬ ଲକ୍ଷରୁ ଅଧିକ ଲୋକ ପେନସନ ପାଉଛନ୍ତି। ଏହା ରାଜ୍ୟର ସର୍ବବୃହତ୍ ସାମାଜିକ ସୁରକ୍ଷା ବ୍ୟବସ୍ଥାମାନଙ୍କ ମଧ୍ୟରୁ ଅନ୍ୟତମ। କିନ୍ତୁ ସଂଖ୍ୟା ଯେତେ ବଡ଼, ସମସ୍ୟା ମଧ୍ୟ ସେତେ ବଡ଼। ବିଧାନସଭାରେ ଦିଆଯାଇଥିବା ସରକାରୀ ଉତ୍ତର ଅନୁଯାୟୀ ୭.୧୧ ଲକ୍ଷ ଆବେଦନ ମଧୁବାବୁ ପେନସନ ଯୋଜନାରେ ଏବଂ ୧୭, ୬୦୬ ଆବେଦନ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ବର୍ଷ ବର୍ଷ ଧରି ମଞ୍ଜୁରୀ ଅପେକ୍ଷାରେ ପଡ଼ିରହିଛି। ଅର୍ଥାତ୍ ପ୍ରାୟ ୭.୩୦ ଲକ୍ଷ ଯୋଗ୍ୟ ଆବେଦକ ନିଜ ଅଧିକାର ପାଇଁ ଅପେକ୍ଷା କରିଛନ୍ତି। ମଞ୍ଜୁରୀ ଅପେକ୍ଷାରେ ସବୁଠାରୁ ଅଧିକ ଆବେଦନ ପଡ଼ିରହିଥିବା ଜିଲ୍ଲାମାନଙ୍କ ମଧ୍ୟରେ ଗଞ୍ଜାମ ପ୍ରମୁଖ ରହିଛି।

ଏହି ତଥ୍ୟ କେବଳ ସଂଖ୍ୟା ନୁହେଁ; ପ୍ରତ୍ୟେକ ଆବେଦନ ପଛରେ ଅଛି ଜଣେ ବୃଦ୍ଧ, ଜଣେ ବିଧବା କିମ୍ବା ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଜୀବନ ସଂଘର୍ଷ। ଗଞ୍ଜାମର ଘଟଣାରେ ଜିଲ୍ଲା ପ୍ରଶାସନ ପେନସନ ବନ୍ଦ ହେବାର କାରଣ ଭାବେ 'ଟେକ୍ନିକାଲ ସମସ୍ୟା' ଦର୍ଶାଇଛି। କିନ୍ତୁ ପ୍ରଶ୍ନ ହେଉଛି, ଯଦି ଜଣେ ବୃଦ୍ଧାଙ୍କ ଜୀବିକାର ଏକମାତ୍ର ଆଧାର ହେଉଛି ମାସିକ ପେନସନ, ତେବେ ପ୍ରଯୁକ୍ତିଗତ ତ୍ରୁଟିର ଭାର କାହିଁକି ସେ ବହନ କରିବେ? ସରକାରୀ ପୋର୍ଟାଲ, ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଓ ପ୍ରଶାସନିକ ସମନ୍ୱୟର ବିଫଳତା କାହିଁକି ଜଣେ ଅସହାୟ ବୃଦ୍ଧଙ୍କ ଜୀବନ ଉପରେ ପଡ଼ିବ? ଏହି ସମସ୍ୟା କେବଳ ପେନସନ ବିଳମ୍ବରେ ସୀମିତ ନୁହେଁ। ଜାତୀୟ ମାନବାଧିକାର ଆୟୋଗ ମଧ୍ୟ ଓଡ଼ିଶାରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ବୃଦ୍ଧାଭତ୍ତା ପ୍ରଦାନ ଏବଂ ଯୋଗ୍ୟ ବୃଦ୍ଧଙ୍କ ବଞ୍ଚିତ ହେବା ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ଏହା ସୂଚିତ କରେ ଯେ ଯୋଜନାର ସ୍ୱଚ୍ଛତା, ଯାଞ୍ଚ ପ୍ରକ୍ରିୟା ଓ ଲାଭାର୍ଥୀ ଚିହ୍ନଟ ବ୍ୟବସ୍ଥାରେ ମଧ୍ୟ ଗୁରୁତର ତ୍ରୁଟି ରହିଛି।

ସୁବର୍ଣ୍ଣପୁରର ଜାପା ଭୁଏଙ୍କ ଘଟଣା ଆହୁରି ଚିନ୍ତାଜନକ। ଜଣେ ଜନ୍ମାନ୍ଧ ଯୁବକ ଓ ତାଙ୍କ ୮୦ ବର୍ଷୀୟା ମା' ଏକ ଭଙ୍ଗା ଘରେ ଅମାନବୀୟ ପରିସ୍ଥିତିରେ ବାସ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନର ନଜର ପଡ଼ିନଥିଲା। ଶେଷରେ ସୁପ୍ରିମକୋର୍ଟଙ୍କୁ ସ୍ୱତଃପ୍ରବୃତ୍ତ ମାମଲା ରୁଜୁ କରି ରାଜ୍ୟ ସରକାରକୁ ସମସ୍ତ ସାମାଜିକ ସୁରକ୍ଷା ଓ ମୌଳିକ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ ଦେବାକୁ ପଡ଼ିଲା। ଏହା ଆମ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ସାମାଜିକ ସୁରକ୍ଷା ବ୍ୟବସ୍ଥାର ତୃଣମୂଳ ସ୍ତରୀୟ ନିରୀକ୍ଷଣର ବିଫଳତାକୁ ଉଜାଗର କରିଛି।

ପ୍ରଶାସନିକ ବିଫଳତାର ମୂଳ କାରଣ ଖୋଜିଲେ ଦେଖାଯାଏ ଯେ ସରକାର ଯୋଜନା ଘୋଷଣା ଓ ବଜେଟ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ କାର୍ଯ୍ୟକାରିତା, ନିରୀକ୍ଷଣ ଓ ଉତ୍ତରଦାୟିତ୍ୱ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉନାହାଁନ୍ତି। ୮୦ ବର୍ଷରୁ ଅଧିକ ବୟସ୍କ ଓ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗତା ଥିବା ୩.୯୨ ଲକ୍ଷ ଲାଭାର୍ଥୀଙ୍କ ପାଇଁ ପେନସନ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଅନ୍ୟପଟେ ଲକ୍ଷ ଲକ୍ଷ ଯୋଗ୍ୟ ଲୋକ ଆବେଦନ କରି ବର୍ଷ ବର୍ଷ ଧରି ଅପେକ୍ଷାରେ ରହିବା ଅତ୍ୟନ୍ତ ଦୁଃଖଦାୟକ। ସରକାରୀ ପୋର୍ଟାଲରେ ୫୬ ଲକ୍ଷରୁ ଅଧିକ ଲାଭାର୍ଥୀଙ୍କୁ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଦର୍ଶାଯାଉଛି। ଏହା ପ୍ରମାଣ କରେ ଯେ ଅର୍ଥର ଅଭାବ ନୁହେଁ, ବରଂ ସୁଶାସନ, ତଦାରଖ ଓ ଉତ୍ତରଦାୟିତ୍ୱର ଅଭାବ ହିଁ ମୁଖ୍ୟ ସମସ୍ୟା।

ଏ ଦିଗରେ ସମାଧାନର ପନ୍ଥା ମଧ୍ୟ ଅତି ସ୍ପଷ୍ଟ। ପ୍ରତ୍ୟେକ ପେନସନଧାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ତାରିଖରେ ପେନସନ ପ୍ରଦାନକୁ ଆଇନଗତ ଭାବେ ବାଧ୍ୟତାମୂଳକ କରାଯିବା ଦରକାର। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆବେଦନ ନିଷ୍ପତ୍ତି ନ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ହେବା ଦରକାର। ପ୍ରତ୍ୟେକ ପଞ୍ଚାୟତରେ ଏକାକୀ ବସବାସ କରୁଥିବା ବୃଦ୍ଧଙ୍କ ତାଲିକା ପ୍ରସ୍ତୁତ କରି ନିୟମିତ ସାମାଜିକ ଅଡିଟ୍ କରାଯିବା ଉଚିତ। ଡିଜିଟାଲ ପୋର୍ଟାଲ, ବ୍ୟାଙ୍କ ଓ ପଞ୍ଚାୟତ ସ୍ତରର ତଥ୍ୟକୁ ସମନ୍ୱିତ କରି ରିୟଲ୍-ଟାଇମ ନିରୀକ୍ଷଣ ବ୍ୟବସ୍ଥା ଗଢ଼ାଯିବା ଦରକାର। ସର୍ବୋପରି, ପ୍ରତ୍ୟେକ ବିଚାରାଧୀନ ଆବେଦନର ସମୟବଦ୍ଧ ସମାଧାନ ପାଇଁ ବିଶେଷ ଅଭିଯାନ ଚାଲୁ କରାଯିବା ଆବଶ୍ୟକ।

ଗଞ୍ଜାମର ସେହି ବୃଦ୍ଧା ଓ ସୁବର୍ଣ୍ଣପୁରର ସେହି ମା'-ପୁଅଙ୍କ ଘଟଣା ଆମକୁ ଏକ କଠିନ ପ୍ରଶ୍ନର ସମ୍ମୁଖୀନ ହେବାକୁ ବାଧ୍ୟ କରେ। ସରକାରୀ ଯୋଜନାର ସଫଳତା କେବଳ ଫାଇଲର ସଂଖ୍ୟା ଓ ବଜେଟ ଆବଣ୍ଟନରେ ଆକଳଧନ ହେବ, ନା ଶେଷ ଧାଡ଼ିର ଅସହାୟ ମଣିଷଟିର ଜୀବନରେ ତାହାର ପ୍ରଭାବ ଦ୍ୱାରା? ଯେପର୍ଯ୍ୟନ୍ତ ଜଣେ ବୃଦ୍ଧ ନିଜ ପେନସନ ପାଇଁ ଅପେକ୍ଷା କରି ଜୀବନ ହାରୁଛି ଏବଂ ଜଣେ ଅନ୍ଧ ଯୁବକଙ୍କ ଦୁଃଖ ଦେଖିବା ପାଇଁ ସୁପ୍ରିମକୋର୍ଟକୁ ଆଗକୁ ଆସିବାକୁ ପଡୁଛି, ସେପର୍ଯ୍ୟନ୍ତ ଆମର ବିକାଶ ଓ କଲ୍ୟାଣର ଦାବି ଅସମ୍ପୂର୍ଣ୍ଣ ରହିବ। ବୃଦ୍ଧଙ୍କ ପେନସନ କୌଣସି ସରକାରୀ ଅନୁଗ୍ରହ ନୁହେଁ; ଏହା ତାଙ୍କର ଜୀବନରେଖା। ସେହି ଜୀବନରେଖା କେବେ ବି ଛିଣ୍ଡି ନଯାଉ, ଏହା ସୁନିଶ୍ଚିତ କରିବା ସରକାର, ପ୍ରଶାସନ ଓ ସମଗ୍ର ସମାଜର ସର୍ବୋଚ୍ଚ ଦାୟିତ୍ୱ।


ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର
ମୋବାଇଲ: ୯୪୩୭୦୨୨୬୬୯


# ସରଳ ଜୀବନ ଜୀଇଁବାର କଳା: ଏକ ସାର୍ଥକ ଓ ଶାନ୍ତିପୂର୍ଣ୍ଣ ମାର୍ଗ



**ଅବିନାଶ ମହାପାତ୍ର**

"କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ..."
ଶ୍ରୀମଦ୍ ଭଗବଦ୍ ଗୀତା (୨.୪୭)

ଆଜିର ଆଧୁନିକ ଯୁଗରେ ଆମେ ସମସ୍ତେ ଏକ ଅଦୃଶ୍ୟ ପ୍ରତିଯୋଗିତା ପଛରେ ଦୌଡ଼ୁଛୁ। ସକାଳୁ ଉଠି ମୋବାଇଲ୍ ନୋଟିଫିକେସନ୍ ଦେଖିବା ଠାରୁ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଧିକ ରୋଜଗାର କରିବାର ନିଶା ଆମକୁ ବ୍ୟସ୍ତ କରି ରଖିଛି। ଆମ ସମାଜ ଆମକୁ ଶିଖାଏ ଯେ, ଅଧିକ ସମ୍ପତ୍ତି, ଅଧିକ ସାମାଜିକ ପ୍ରତିଷ୍ଠା ଏବଂ ଅଧିକ ଚାକଚକ୍ୟ ହିଁ ସୁଖର ଚାବିକାଠି।କିନ୍ତୁ ଏହି ବାହ୍ୟ ଚାକଚକ୍ୟ ଭିତରେ ମଣିଷ ଭିତରୁ ଶୂନ୍ୟ ଏବଂ ମାନସିକ ସ୍ତରରେ କ୍ଳାନ୍ତ ହୋଇପଡ଼ୁଛି। ଆମେ ଯେତେ ଅଧିକ ଜିନିଷ ସଂଗ୍ରହ କରୁଛୁ, ସେତେ ଅଧିକ ଚିନ୍ତା ବଢୁଛି। ପ୍ରକୃତ ସୁଖ ଅଧିକ ଜିନିଷ ପାଇବାରେ ନାହିଁ, ବରଂ ଅନାବଶ୍ୟକ ଜିନିଷକୁ ନିଜ ଜୀବନରୁ ଦୂରେଇ ଦେବାରେ ଅଛି। ସରଳ ଜୀବନଯାପନ କୌଣସି ଗରିବୀ ବା ବାଧବାଧକତା ନୁହେଁ, ଏହା ହେଉଛି ମନର ମୁକ୍ତି। ଏହା ଏକ ଏଭଳି ପ୍ରୟାସ, ଯେଉଁଠି ଆମେ ଅନାବଶ୍ୟକ ଜିନିଷକୁ ହଟାଇ ପ୍ରକୃତ ଜୀବନକୁ ଉପଭୋଗ କରିଥାଉ।

ଆନ୍ତରିକ ସନ୍ତୋଷର ଦର୍ଶନ ଏକ ସରଳ ଜୀବନ ଗଢ଼ିବା ପାଇଁ ପ୍ରଥମେ ଆମକୁ ନିଜର ଭାବନା ବଦଳାଇବାକୁ ହେବ। ଭଗବଦ୍ ଗୀତା ଆମକୁ ଶିଖାଏ ଯେ ଯେତେବେଳେ ଆମେ ଆମର ଶାନ୍ତିକୁ ବାହ୍ୟ ଫଳାଫଳ ସହିତ ଯୋଡ଼ିଥାଉ, ସେତେବେଳେ ଜୀବନରେ ଆଶଙ୍କା ଓ ଦୁଃଖ ଆସିଥାଏ। ଯେଉଁ ଜିନିଷ ଉପରେ ଆମର ନିୟନ୍ତ୍ରଣ ନାହିଁ, ସେଥିପାଇଁ ଚିନ୍ତା କରିବା ବୃଥା।ସରଳତା ସେତେବେଳେ ଆରମ୍ଭ ହୁଏ ଯେତେବେଳେ ଆମେ ଭିତରକୁ ଚାହିଁଥାଉ। ପ୍ରକୃତ ସନ୍ତୋଷ ବଜାରରୁ କିଣାଯାଇପାରିବ ନାହିଁ; ଏହାକୁ ନିଜର ଶୃଙ୍ଖଳା, ଆତ୍ମ-ସଚେତନତା ଏବଂ ମାନସିକ ସ୍ଥିରତା ଦ୍ୱାରା ହିଁ ହାସଲ କରାଯାଇପାରିବ। ଯେତେବେଳେ ଆମେ ନିଜର ପରିଚୟକୁ ଟଙ୍କା ବା ଗାଡ଼ି-ଘୋଡ଼ା ସହିତ ଯୋଡ଼ିବା ବନ୍ଦ କରିଦେଉ, ସେତେବେଳେ ଅନ୍ୟମାନଙ୍କୁ ଦେଖେଇ ହେବାର ଇଚ୍ଛା ଆପେ ଆପେ କମିଯାଏ। ସରଳତା ହେଉଛି ଏକ ଉଚ୍ଚ ମାନସିକ ସ୍ତର, ଯେଉଁଠି ଆମେ ଦୁନିଆର ସମସ୍ତ ପ୍ରଲୋଭନକୁ ଦେଖି ମଧ କହିପାରୁ-"ମୋ ପାଖରେ ଯାହା ଅଛି, ତାହା ମୋ ପାଇଁ ଯଥେଷ୍ଟ।




"ବିଶ୍ୱ ନେତାଙ୍କ ଦୃଷ୍ଟିରେ ସରଳତାଇତିହାସ ସାକ୍ଷୀ ଅଛି ଯେ ଦୁନିଆର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିମାନେ ସରଳତାକୁ ହିଁ ନିଜ ଜୀବନର ଶ୍ରେଷ୍ଠ ମନ୍ତ୍ର ଭାବେ ଗ୍ରହଣ କରିଥିଲେ। ସେମାନେ କେବଳ ଉପଦେଶ ଦେଉ ନଥିଲେ, ବରଂ ନିଜେ ତାହା ପାଳନ କରୁଥିଲେ।

ମହାତ୍ମା ଗାନ୍ଧୀ"ନିଜେ ସରଳ ଭାବେ ବଞ୍ଚନ୍ତୁ, ଯେପରି ଅନ୍ୟମାନେ ମଧ ସହଜରେ ବଞ୍ଚିପାରିବେ।"-ମହାତ୍ମା ଗାନ୍ଧୀମହାତ୍ମା ଗାନ୍ଧୀ ଥିଲେ ସରଳ ଜୀବନଯାପନର ସବୁଠାରୁ ବଡ଼ ଉଦାହରଣ। ସେ ନିଜର ପୋଷାକ ନିଜେ ଚରଖାରେ ବୁଣୁଥିଲେ ଏବଂ ତାଙ୍କ ପାଖରେ ମାତ୍ର କେତୋଟି ସାମାନ୍ୟ ଜିନିଷ ଥିଲା। ସେ ବୁଝିଥିଲେ ଯେ ମଣିଷର ଅତ୍ୟଧିକ ଲୋଭ ହିଁ ସମାଜରେ ଅସମାନତା ସୃଷ୍ଟି କରେ। ସେ କହିଥିଲେ:"ଏ ପୃଥିବୀରେ ମଣିଷର ଆବଶ୍ୟକତା ପାଇଁ ସବୁକିଛି ଅଛି, କିନ୍ତୁ ତାର ଲୋଭ ପାଇଁ କିଛି ନାହିଁ।"-ମହାତ୍ମା ଗାନ୍ଧୀତାଙ୍କର ଏହି ସରଳତା ତାଙ୍କୁ ଏକ ମହାନ୍ ଆନ୍ଦୋଳନର ନେତୃତ୍ୱ ନେବାକୁ ଶକ୍ତି ଦେଇଥିଲା।ଆଲବର୍ଟ ଆଇନଷ୍ଟାଇନ"ଏକ ଶାନ୍ତ ଓ ସରଳ ଜୀବନ, ସଫଳତା ପଛରେ ଗୋଡ଼ାଇ ନିରନ୍ତର ଅଶାନ୍ତି ଭୋଗିବା ଅପେକ୍ଷା ଅଧିକ ଆନନ୍ଦ ଦେଇଥାଏ।"-ଆଲବର୍ଟ ଆଇନଷ୍ଟାଇନଦୁନିଆର ସବୁଠାରୁ ବଡ଼ ବୈଜ୍ଞାନିକ ଆଇନଷ୍ଟାଇନ ମଧ ସରଳତାର ଭକ୍ତ ଥିଲେ। ସେ ଜାଣିଥିଲେ ଯେ ଏକ ବ୍ୟସ୍ତ ମନ କେବେ ହେଲେ ଗଭୀର ଚିନ୍ତନ କରିପାରିବ ନାହିଁ। ସେ ସାଧାରଣ ପୋଷାକ ପିନ୍ଧୁଥିଲେ ଏବଂ ଅନାବଶ୍ୟକ ସାମାଜିକ ନୀତିନିୟମରୁ ଦୂରେଇ ରହୁଥିଲେ, ଯେପରି ସେ ନିଜର ସମ୍ପୂର୍ଣ୍ଣ ଧ୍ୟାନ ଗବେଷଣାରେ ଲଗାଇପାରିବେ।କନଫୁସିଅସ"ଜୀବନ ପ୍ରକୃତରେ ବହୁତ ସରଳ, କିନ୍ତୁ ଆମେ ନିଜେ ହିଁ ଏହାକୁ ଜଟିଳ କରିବାରେ ଲାଗିଥାଉ।"

କନଫୁସିଅସହଜାର ହଜାର ବର୍ଷ ପୂର୍ବେ ଚୀନର ମହାନ ଦାର୍ଶନିକ କନଫୁସିଅସ ଏହି ଚେତାବନୀ ଦେଇଥିଲେ। ଆମେ ନିଜେ କିଛି କୃତ୍ରିମ ନିୟମ ଓ ଅଭ୍ୟାସ ତିଆରି କରି ନିଜକୁ ସେଥିରେ ବାନ୍ଧି ଦେଇଥାଉ। ସରଳ ଜୀବନ ଆଡ଼କୁ ଫେରିବା ମାନେ ଏହିସବୁ ଖରାପ ଅଭ୍ୟାସକୁ ନିଜ ଜୀବନରୁ ବିଦାୟ ଦେବା।ଜଟିଳ ଜୀବନ ବନାମ ସରଳ ଜୀବନ: ଏକ ତୁଳନାତ୍ମକ ଚିତ୍ରଜୀବନର କ୍ଷେତ୍ରଜଟିଳ ଜୀବନ (ଆଧୁନିକ ଶୈଳୀ)ସରଳ ଜୀବନ (ସଚେତନ ଶୈଳୀ) ସମ୍ପତ୍ତି ଓ ଜିନିଷଦେଖେଇ ହେବା ପାଇଁ ଅନାବଶ୍ୟକ ଜିନିଷ କିଣିବା।କେବଳ ଆବଶ୍ୟକ ଓ ଆନନ୍ଦ ଦେଉଥିବା ଜିନିଷ ରଖିବା।ଆର୍ଥିକ ସ୍ଥିତିଆଭିଜାତ୍ୟ ଦେଖାଇବାକୁ ଯାଇ ସବୁବେଳେ ଋଣ ପଛରେ ଦୌଡ଼ିବା।ଖର୍ଚ୍ଚ କମ୍ କରି ନିଜର ସ୍ୱାଧୀନତା ଓ ସୁରକ୍ଷା ବଢ଼ାଇବା।ସମୟ ଓ କାର୍ଯ୍ୟସୂଚୀସବୁ କାମକୁ 'ହଁ' କହି ମାନସିକ ଚାପର ଶିକାର ହେବା।ନିଜ ପରିବାର, ବିଶ୍ରାମ ଓ ନିଜ ପାଇଁ ସମୟ ବଞ୍ଚାଇବା।ମାନସିକତାସୋସିଆଲ ମିଡିଆ ଏବଂ ଅନ୍ୟମାନଙ୍କ ପ୍ରଶଂସା ଉପରେ ନିର୍ଭର କରିବା।ଦୈନିକ ଧ୍ୟାନ ଓ ଆତ୍ମସନ୍ତୋଷ ମାଧମରେ ଶାନ୍ତି ପାଇବା।ଖାଦ୍ୟପେୟବାହାରର ପ୍ରୋସେସ୍ଡ୍ ଏବଂ ଫାଷ୍ଟଫୁଡ୍ ଉପରେ ନିର୍ଭର କରିବା।ଘରର ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ସାତ୍ତ୍ୱିକ ଖାଦ୍ୟ ଖାଇବା।ସରଳ ଜୀବନ ଗଢ଼ିବାର ତିନୋଟି ମୁଖ୍ୟ ସ୍ତମ୍ଭଆପଣ ଚାହିଁଲେ ରାତାରାତି ନିଜ ଜୀବନକୁ ସରଳ କରିପାରିବେ ନାହିଁ। ଏଥିପାଇଁ ଆପଣଙ୍କୁ ଦୈନନ୍ଦିନ ଜୀବନରେ କିଛି ଛୋଟ ଛୋଟ ପରିବର୍ତ୍ତନ କରିବାକୁ ହେବ।୧. ଘରର ଅନାବଶ୍ୟକ ଜିନିଷ ସଫା କରିବା (DECLUTTERING)ଆପଣଙ୍କ ଘର ଏକ ଶାନ୍ତିର ସ୍ଥାନ ହେବା ଉଚିତ, କୌଣସି ଗୋଦାମ ଘର ନୁହେଁ। ଘରେ ଥିବା ପ୍ରତ୍ୟେକ ଜିନିଷ ଆପଣଙ୍କ ସମୟ ଓ ଶକ୍ତି ମାଗିଥାଏ। ତେଣୁ:ନିଜ ଚାରିପାଖକୁ ଦେଖନ୍ତୁ ଏବଂ ଯେଉଁ ଜିନିଷଗୁଡ଼ିକ ଗତ ୬ ମାସ ହେବ ବ୍ୟବହାର ହୋଇନାହିଁ, ତାକୁ ଚିହ୍ନଟ କରନ୍ତୁ।ସେଗୁଡ଼ିକୁ କାହାକୁ ଦାନ କରିଦିଅନ୍ତୁ କିମ୍ବା ବିକ୍ରି କରିଦିଅନ୍ତୁ।ଯେତେବେଳେ ଆପଣଙ୍କ ଶାରୀରିକ ସ୍ଥାନ ଖାଲି ହେବ, ଆପଣଙ୍କ ମନ ମଧ ଆପେ ଆପେ ହାଲୁକା ହୋଇଯିବ।୨. ଡିଜିଟାଲ୍ ଦୁନିଆରୁ ଦୂରତା (DIGITAL HYGIENE)ଆଜିର ସମୟରେ ମୋବାଇଲ୍ ଫୋନ୍ ଆମ ଜୀବନକୁ ସବୁଠାରୁ ଅଧିକ ଜଟିଳ କରିଦେଇଛି। ଏଥିରୁ ବଞ୍ଚିବା ପାଇଁ:ନିଜ ଫୋନର ସମସ୍ତ ଅନାବଶ୍ୟକ ଆପ୍‌ର ନୋଟିଫିକେସନ୍ ବନ୍ଦ କରିଦିଅନ୍ତୁ।ରାତିରେ ଶୋଇବା ସମୟରେ ଏବଂ ପରିବାର ସହ ଖାଇବା ସମୟରେ ମୋବାଇଲ୍‌କୁ ଦୂରରେ ରଖନ୍ତୁ।ଆପଣଙ୍କର "ସମୟ ଏବଂ ଧ୍ୟାନ" ହେଉଛି ଆପଣଙ୍କର ସବୁଠାରୁ ବଡ଼ ସମ୍ପତ୍ତି, ଏହାକୁ ସୋସିଆଲ ମିଡିଆର ଆଲଗୋରିଦମ ହାତରେ ନଷ୍ଟ ହେବାକୁ ଦିଅନ୍ତୁ ନାହିଁ।୩. ଆର୍ଥିକ ସନ୍ତୁଳନ (FINANCIAL MARGIN)ମାନସିକ ଚାପର ସବୁଠାରୁ ବଡ଼ କାରଣ ହେଉଛି ଆର୍ଥିକ ସମସ୍ୟା। ପ୍ରକୃତ ଧନୀ ସେ ନୁହେଁ ଯିଏ ବହୁତ ରୋଜଗାର କରେ, ବରଂ ସେ-ଯିଏ କମ୍ ଖର୍ଚ୍ଚରେ ମଧ ଖୁସିରେ ରହିପାରେ।ପ୍ରତି ମାସରେ ଆପଣ କରୁଥିବା ଅନାବଶ୍ୟକ ଖର୍ଚ୍ଚ (ଯେପରିକି ବାହାରେ ଅଯଥା ଖାଇବା ବା ବାରମ୍ବାର ଶପିଂ କରିବା) ଉପରେ ରୋକ୍ ଲଗାନ୍ତୁ।ନିଜର ଆୟ ଠାରୁ ବହୁତ କମ୍ ଖର୍ଚ୍ଚରେ ଚଳିବାର ଅଭ୍ୟାସ କରନ୍ତୁ। ଏହାଦ୍ୱାରା ଯେଉଁ ସଞ୍ଚୟ ହେବ, ତାହା ଆପଣଙ୍କୁ ଭବିଷ୍ୟତ ପାଇଁ ମାନସିକ ଶାନ୍ତି ଓ ସୁରକ୍ଷା ଦେବ।ଉପସଂହାର: ନିଜ ସତ୍ତାକୁ ଫେରିବାପରିଶେଷରେ, ସରଳ ଜୀବନର ଯାତ୍ରା ଆପଣଙ୍କୁ ନିଜ ସହ ପରିଚିତ କରାଇଥାଏ। ସମାଜର ମିଥ୍ୟା ଆଶା ଏବଂ ଚାକଚକ୍ୟକୁ ଦୂରେଇ ଦେଲେ ଆମେ ବୁଝିପାରୁ ଯେ ଜୀବନର ଶ୍ରେଷ୍ଠ ଜିନିଷଗୁଡ଼ିକ କୌଣସି "ବସ୍ତୁ" ନୁହଁନ୍ତି। ସେଗୁଡ଼ିକ ହେଉଛି-ଭଲ ସମ୍ପର୍କ, ନିର୍ମଳ ସକାଳ, ସନ୍ତୋଷଜନକ କାର୍ଯ୍ୟ ଏବଂ ଏକ ପ୍ରଶାନ୍ତ ମନ।ସରଳତା ବାଛୁଥିବା ବ୍ୟକ୍ତି ଜୀବନର ଦୌଡ଼ରେ ପଛରେ ପଡ଼ିଯାଏ ନାହିଁ, ବରଂ ସେ ପ୍ରକୃତ ଜୀବନକୁ ଅତି ଗଭୀର ଭାବେ ଉପଭୋଗ କରେ। ଏକ ବ୍ୟସ୍ତ ଓ ଚିନ୍ତାଗ୍ରସ୍ତ ଜୀବନ ବଦଳରେ ଏକ ଶାନ୍ତ ଓ ସାର୍ଥକ ଜୀବନ ବାଛନ୍ତୁ। ନିଜ ଭିତରୁ ଅନାବଶ୍ୟକ ବୋଝକୁ ଓହ୍ଲାଇ ଦିଅନ୍ତୁ ଏବଂ ଦେଖନ୍ତୁ, ଶାନ୍ତି ଆପଣଙ୍କ ଅପେକ୍ଷାରେ ଅଛି।


କଟକ

### ଇରାନ-ଆମେରିକା ପ୍ରଥମ ପର୍ଯ୍ୟାୟ ଆଲୋଚନା

# ହର୍ମୁଜରୁ ହଟିଲା ଅବରୋଧ

## ରପ୍ତାନୀରୁ ଉଠିଲା ପ୍ରତିବନ୍ଧକ

## ଚୂଡ଼ାନ୍ତ ଚୁକ୍ତିନାମା ଲାଗି ସହମତି



ବର୍ନ,୨୨।୬: ସ୍ୱିଜରଲାଣ୍ଡରେ ଆମେରିକା ଓ ଇରାନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ଏହି ଆଲୋଚନାର ଅଂଶ ସ୍ୱରୂପ ଉଭୟ ପକ୍ଷ ଏକ ଉଚ୍ଚସ୍ତରୀୟ କମିଟି ପ୍ରତିଷ୍ଠା କରିବାକୁ ରାଜି ହୋଇଛନ୍ତି। ପାକିସ୍ତାନ ଓ କାତାର ଏହି ବିଷୟରେ ଏକ ମିଳିତ ବିବୃତ୍ତି ଜାରି କରିଛନ୍ତି ଏବଂ ଇରାନର ପ୍ରାରମ୍ଭିକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି।

ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାଘଚି କହିଛନ୍ତି ଯେ ପାକିସ୍ତାନ ଓ କାତାର ଦ୍ୱାରା ନିରନ୍ତର ମଧ୍ୟସ୍ଥତା ପ୍ରୟାସ ଲେବାନନରେ ଯୁଦ୍ଧ ସମାପ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ଇରାନର ତୈଳ ଏବଂ ପେଟ୍ରୋକେମିକାଲ ରପ୍ତାନି ଉପରେ ପ୍ରତିବନ୍ଧକ ହଟାଇ ଦିଆଯାଇଛି ଏବଂ ହର୍ମୁଜ ପ୍ରଣାଳୀରେ ଅବରୋଧ ସମାପ୍ତ କରାଯାଇଛି। ଏହା ସହିତ କିଛି ଫ୍ରିଜ ହୋଇଥିବା ସମ୍ପତ୍ତି ମୁକ୍ତ କରାଯାଇଛି, ଏବଂ ଏକ ବଡ଼ ପରିମାଣର ପୁନର୍ନିର୍ମାଣ ଏବଂ ବିକାଶ ଯୋଜନା ଆରମ୍ଭ କରାଯାଇଛି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଲେବାନନ ସମ୍ପର୍କରେ 'ଡି-କନଫ୍ଲିକ୍ଟ ସେଲ' ଚୂଡ଼ାନ୍ତ ପରୀକ୍ଷାକୁ ପ୍ରତିନିଧିତ୍ୱ କରେ।

ପାକିସ୍ତାନ ଓ କାତାରର ମିଳିତ ବିବୃତ୍ତି ଅନୁଯାୟୀ,'ଲେକ ଲୁସର୍ନ ଶିଖର ସମ୍ମିଳନୀ ଏକ ସକାରାତ୍ମକ ଏବଂ ଗଠନମୂଳକ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଭବିଷ୍ୟତର ବୈଷୟିକ ଆଲୋଚନା ପାଇଁ ଏକ ବ୍ୟବସ୍ଥା ପ୍ରତିଷ୍ଠା ସମେତ ଅନେକ ଉତ୍ସାହଜନକ ବିକାଶ ଘଟିଛି। ବୁଝାମଣାପତ୍ର ଆଧାରରେ, ସମସ୍ତ ପକ୍ଷ ମଧ୍ୟସ୍ଥତା ପ୍ରକ୍ରିୟାର ରାଜନୈତିକ ତଦାରଖ ପ୍ରଦାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ରାଜି ହୋଇଛନ୍ତି। ମୁଖ୍ୟ ଆଲୋଚନାକାରୀମାନେ ଏହି ଉଚ୍ଚସ୍ତରୀୟ କମିଟିକୁ ନିୟମିତ ଭାବରେ ରିପୋର୍ଟ କରିବେ ଏବଂ ପରମାଣୁ ସମସ୍ୟା, ପ୍ରତିବନ୍ଧକ ଏବଂ ବୁଝାମଣାପତ୍ର ସମ୍ପର୍କରେ ଚୁକ୍ତିନାମାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟ ଗୋଷ୍ଠୀ ଯେପରିକି ତଦାରଖ ଏବଂ ବିବାଦ ସମାଧାନ ଉପରେ ଧ୍ୟାନ ଦେଉଥିବା ନେତୃତ୍ୱ ନେବେ।' ଉଚ୍ଚସ୍ତରୀୟ କମିଟି ୬୦ ଦିନ ମଧ୍ୟରେ ଏକ ଚୂଡ଼ାନ୍ତ ଚୁକ୍ତିନାମାରେ ପହଞ୍ଚିବା ପାଇଁ ଏକ ରୋଡମ୍ୟାପ ଉପରେ ସହମତ ହୋଇଛି, ଯାହା ପରବର୍ତ୍ତୀ ବୈଷୟିକ ଆଲୋଚନାର ତୁରନ୍ତ ଆରମ୍ଭ ପାଇଁ ଭିତ୍ତିଭୂମି ସ୍ଥାପନ କରିବ। ଏହା ବ୍ୟତୀତ ହର୍ମୁଜ ପ୍ରଣାଳୀ ଦେଇ ବାଣିଜ୍ୟିକ ଜାହାଜର ସୁରକ୍ଷିତ ପଥ ସୁନିଶ୍ଚିତ କରିବା ଏବଂ ଘଟଣା କିମ୍ବା ଭୁଲ ବୁଝାମଣାକୁ ରୋକିବା ପାଇଁ, ବୁଝାମଣାପତ୍ରର ଅନୁଚ୍ଛେଦ ୫ ରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ପକ୍ଷମାନଙ୍କ ମଧ୍ୟରେ ଏକ ଯୋଗାଯୋଗ ରେଖା ସ୍ଥାପନ କରାଯାଇଛି।

ମିଳିତ ବିବୃତ୍ତିରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଲେବାନନରେ ସାମରିକ କାର୍ଯ୍ୟକଳାପ ବନ୍ଦ କରିବା ସମ୍ପର୍କରେ ବୁଝାମଣାପତ୍ରର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସମସ୍ତ ପକ୍ଷ ଏକ 'ସଂଘର୍ଷମୁକ୍ତ ପ୍ରକୋଷ୍ଠ' ପ୍ରତିଷ୍ଠା କରିବାକୁ ରାଜି ହୋଇଛନ୍ତି। ଏହି ସେଲ ଦଳ ଏବଂ ଲେବାନନ ମଧ୍ୟରେ କାର୍ଯ୍ୟ କରିବ, ମଧ୍ୟସ୍ଥତାକାରୀ ରାଷ୍ଟ୍ରଗୁଡ଼ିକ ସହାୟତା ଯୋଗାଇ ଦେବେ। ସପ୍ତାହର ବାକି ସମୟ ପାଇଁ ବର୍ଗେନଷ୍ଟକ ରିସର୍ଟରେ ସମସ୍ତ ପ୍ରସଙ୍ଗରେ ବୈଷୟିକ ଆଲୋଚନା ଜାରି ରହିବ।

# ୟୁବିଟିର ୨ ସାଂସଦ ସିନ୍ଦେ ସେନାରେ ସାମିଲ

ମୁମ୍ବାଇ, ୨୨।୬: ବିଦ୍ରୋହୀ ଶିବସେନା (ୟୁବିଟି) ସାଂସଦ ନାଗେଶ ପାଟିଲ ଆଷ୍ଟିକର ଓ ଧାରାଶିବ ସାଂସଦ ଓମରାଜେ ନିମ୍ବାଲକର ରବିବାର ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇଥିବା ପୁଷ୍ଟି କରିଛନ୍ତି। ନାଗେଶ ପାଟିଲ ଆଷ୍ଟିକର କହିଛନ୍ତି ଯେ ଜୁନ୍ ୧୮ ତାରିଖ ପରେ ତାଙ୍କୁ ଓ ଅନ୍ୟ ସାଂସଦଙ୍କ ବିରୋଧରେ କରାଯାଇଥିବା ଟିପ୍ପଣୀ କାରଣରୁ ସେ ଉଦ୍ଧବଙ୍କ ନେତୃତ୍ୱାଧୀନ ପାର୍ଟିରେ ରହିବାକୁ ଇଚ୍ଛା କରିନଥିଲେ। ତେବେ ନିମ୍ବାଲକର କହିଛନ୍ତି ଯେ ସେ ଧାରାଶିବ ନିର୍ବାଚନ ମଣ୍ଡଳିର ମୋ ସମର୍ଥକଙ୍କ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି।



ନିମ୍ବଲକର କହିଛନ୍ତି ଯେ ପାଣ୍ଠି ଅଭାବ କାରଣରୁ ସଂସଦୀୟ କ୍ଷେତ୍ରରେ ବିକାଶ କାମ କରିପାରୁନଥିଲେ। ଏଣୁ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ହୋଇ ପାରୁନଥିଲା। ଏହି କାରଣରୁ ସେ ସିନ୍ଦେଙ୍କ ଶିବସେନାରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ହିଙ୍ଗୋଲୀ ସାଂସଦ ନିଜ ନିର୍ବାଚନମଣ୍ଡଳି ଲାଗି ବିକାଶ ପାଣ୍ଠି ଅଭାବ ଓ ବିପକ୍ଷରେ ଥିବାରୁ ସାମାଜିକ ମଧ୍ୟ ନିଜ ନିଷ୍ପତ୍ତିର ମୁଖ୍ୟ କାରଣ ବୋଲି କୁହାଯାଇଛି।

'ଅପରେସନ ଟାଇଗର' ଗୁଜବ ବ୍ୟାପିବା ପରେ ପ୍ରଥମଥର ସାମ୍ନାକୁ ଆସିଥିବା ଆଷ୍ଟିକର କହିଛନ୍ତି ଯେ ସେ ଓ ଶିବସେନା(ୟୁବିଟି)ର କେତେକ ଅନ୍ୟ ସାଂସଦ ଜୁନ ୧୮ ତାରିଖ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନଥିଲେ। ଆମେ କୌଣସି ଦଳରେ ଯୋଗ ଦେଇନଥିଲୁ। ତେବେ ଗୁରୁବାର ଆମ ବିରୋଧରେ କିଛି କଥା କୁହାଯାଇଥିଲା ଏଥିରୁ ଲାଗିଥିଲା ଶିବସେନା (ୟୁବିଟି)ରେ ରହିଲେ କୌଣସି ଲାଭ ନାହିଁ। ଏଣୁ ଆମେ ସିନ୍ଦେ ଗୋଷ୍ଠୀଙ୍କ ସହ ସମ୍ପର୍କ କରିଥିଲୁ। ସାଂସଦ ସ୍ପଷ୍ଟଭାବେ କହିଛନ୍ତି ଯେ ସେ ପାର୍ଟି ମୁଖ୍ୟ ଉଦ୍ଧବ ଠାକରେ ଅଥବା ସଞ୍ଜୟ ରାଉତଙ୍କ ପ୍ରତି ଅସନ୍ତୁଷ୍ଟ ନୁହନ୍ତି। ତେବେ ବିକାଶ କାର୍ଯ୍ୟ ନିମନ୍ତେ ପାଣ୍ଠି ନ ମିଳିବା ଓ କାର୍ଯ୍ୟକର୍ତ୍ତାଙ୍କ କାମ ନ ହୋଇ ପାରିବା ତାଙ୍କ ଦଳ ବଦଳ ନିଷ୍ପତ୍ତିର ମୁଖ୍ୟ କାରଣ।

# ୫୨ ବର୍ଷରେ ବିଜୟ

## ଭିନ୍ନ ଢଙ୍ଗରେ ରାହୁଲ ଜଣାଇଲେ ଶୁଭେଚ୍ଛା



ଚେନ୍ନାଇ,୨୨।୬: ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ମୁଖ୍ୟ ସିଏମ୍ ବିଜୟ ତାଙ୍କର ୫୨ତମ ଜନ୍ମଦିନ ପାଳନ କରୁଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ସ୍ୱତନ୍ତ୍ର ଢଙ୍ଗରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ ତାମିଲ ଲୋକଙ୍କ ଅଧିକାର, ମର୍ଯ୍ୟାଦା ଏବଂ ଆକାଂକ୍ଷାକୁ ସୁରକ୍ଷା ଦେବା ଏବଂ ରାଜ୍ୟର ପ୍ରଗତି ପାଇଁ ଏକାଠି କାମ କରିବାରେ ସେ ତାଙ୍କ ସହିତ ଠିଆ ହୋଇଛନ୍ତି। ରାହୁଲ ଗାନ୍ଧୀ ଏକ୍ସରେ ଲେଖିଛନ୍ତି, 'ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥିରୁ ଜୋସେଫ ବିଜୟଙ୍କୁ ଅନେକ ଅନେକ ଶୁଭେଚ୍ଛା। ମୁଁ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସଫଳତା କାମନା କରୁଛି। ରାଜ୍ୟର ପ୍ରଗତି ଏବଂ ତାମିଲ ଲୋକଙ୍କ ଅଧିକାର, ମର୍ଯ୍ୟାଦା ଏବଂ ଆକାଂକ୍ଷାକୁ ସୁରକ୍ଷା ଦେବା ପାଇଁ ମୁଁ ଆପଣଙ୍କ ସହିତ ଠିଆ ହୋଇଛି।' ରାହୁଲ ଗାନ୍ଧୀ ଏବଂ ଥାଲାପତି ବିଜୟଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ରହିଛି। ଯଦିଓ କଂଗ୍ରେସ ଡିଏମକେ ସହିତ ମେଣ୍ଟ କରି ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ିଥିଲା, ଫଳାଫଳ ପରେ ବିଜୟଙ୍କ ଟିଭିକେ ୧୦୮ ଆସନ ସହିତ ଏକକ ବୃହତ ଦଳ ଭାବରେ ଉଭା ହୋଇଥିଲା, କଂଗ୍ରେସ ପ୍ରଥମେ ଘୋଷଣା କରିଥିଲା ଯେ ଏହାର ପାଞ୍ଚ ଜଣ ବିଧାୟକ ତାଙ୍କୁ ସମର୍ଥନ କରିବେ।

## ସ୍କୁଲରେ ଆଖିବୁଜା ଗୁଳିମାଡ଼, ୩ ମୃତ

ମାନିଲା,୨୨।୬: ଫିଲିପାଇନ୍ସର ଟାକ୍ଲୋବାନ ସହରର ଏକ ସ୍କୁଲ କ୍ୟାମ୍ପସ ଭିତରେ ଆଖିବୁଜା ଗୁଳିମାଡ଼ ହେବା ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ସ୍କୁଲ କ୍ୟାମ୍ପସ ଏବଂ ଏହାର ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ସ୍କୁଲ ଭିତରେ ହଠାତ୍ ଗୁଳି ଫୁଟିଥିଲା, ଯାହା ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ନିରାପଦ ସ୍ଥାନକୁ ଦୌଡ଼ି ପଳାଇ ଯାଇଥିଲେ। ହଠାତ୍ ଆକ୍ରମଣ ଯୋଗୁଁ କ୍ୟାମ୍ପସରେ ଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୁଲିସ ଓ ଜରୁରୀକାଳୀନ ସେବା ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ସମ୍ପୂର୍ଣ୍ଣ ସ୍କୁଲ କ୍ୟାମ୍ପସକୁ ଘେରାବନ୍ଦୀ କରି ନିଆଯାଇଛି।

## ୧୦ ଆମେରିକୀୟ ସଂସ୍ଥା ଉପରେ ପ୍ରତିବନ୍ଧକ ଲଗାଇଲା ଚୀନ୍



ବେଜିଂ, ୨୨।୬: ଚୀନ୍ ଫାର୍ମଗୁଡ଼ିକୁ ୱାସିଂଟନ କଳା ତାଲିକାଭୁକ୍ତ କରିବା ପରେ ଏହାର ଜବାବରେ ଚୀନ୍ ପ୍ରତିରକ୍ଷା ଏବଂ ବିରଳ ଖଣିଜ ପଦାର୍ଥ ସହ ଜଡ଼ିତ ୧୦ଟି ଆମେରିକୀୟ କମ୍ପାନି ଉପରେ ରପ୍ତାନି ନିୟନ୍ତ୍ରଣ ଲାଗୁ କରିଛି। ଏସମ୍ପର୍କରେ ସୋମବାର ବେଜିଂ ସୂଚନା ପ୍ରଦାନ କରିଛି। ଏହି ୧୦ଟି ସଂସ୍ଥା ମଧ୍ୟରେ ଆମେରିକା ସେନା ସହିତ ଏରୋସ୍ପେସ୍ ପ୍ରତିରକ୍ଷା ଚୁକ୍ତିନାମା କରିଥିବା ଆଭେକ୍ସ ଏବଂ ସାମରିକ ଯାନବାହାନ ଫ୍ଲିଟ୍ ଉତ୍ପାଦନ କରୁଥିବା ଓଶକୋଶ ଡିଫେନ୍ସ ସାମିଲ ଅଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବେଜିଂ ଗସ୍ତର ଗୋଟିଏ ମାସ ପରେ ଏହି ପଦକ୍ଷେପ ନିଆଯାଇଛି। ଟ୍ରମ୍ପ ଚୀନ୍ ପ୍ରତିପକ୍ଷ ସି ଜିନପିଙ୍ଗଙ୍କ ସହ ଆଲୋଚନା ସମୟରେ ଜଟିଳ ସମ୍ପର୍କକୁ ସୁଧାରିବାକୁ ଚେଷ୍ଟା କରିଥିଲେ। ଯଦିଓ ଉଭୟ ପକ୍ଷ ଶୁଳ୍କ ହ୍ରାସ କରିବା ପାଇଁ ରାଜି ହୋଇଥିଲେ,ତେବେ ଟେକ୍ନୋଲୋଜି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ପରସ୍ପରକୁ ପଛରେ ପକାଇବାକୁ ସେମାନେ ପ୍ରୟାସ ଜାରି ରଖିଛନ୍ତି। ୱାସିଂଟନ୍ ଚଳିତ ମାସରେ ୮୦ଟି କମ୍ପାନି ଏବଂ ସେମାନଙ୍କର ସହାୟକ କମ୍ପାନିଗୁଡ଼ିକର ଏକ ନୂତନ କଳାତାଲିକା ଜାରି କରିଥିଲା। ସେସବୁ କମ୍ପାନି ଚୀନ୍ ସେନାକୁ ସହାୟତା କରୁଥିବା ଆମେରିକା କହିଛି। ସେଥିରେ ଟେକ୍ ଜ୍ୟାଣ୍ଟ ଆଲିବାବା ଏବଂ ବାଇଡୁ, ଏବଂ ବୈଦ୍ୟୁତିକ ଯାନବାହନ ଜାଏଣ୍ଟ ବିୱାଇଡି ସାମିଲ ଥିଲେ। ଏନେଇ ବେଜିଂ ପ୍ରତିଶୋଧ ନେବାକୁ ଧମକ ଦେଇଥିଲା।

## ଆମେରିକୀୟ ଜାତୀୟ ପତାକା ଜାଳିଲେ କଲମ୍ବିଆ ଲୋକେ



ବୋଗୋଟା, ୨୨।୬: କଲମ୍ବିଆର ତୃତୀୟ ବୃହତ୍ତମ ସହର କାଲିରେ ପ୍ରଦର୍ଶନକାରୀମାନେ ଆମେରିକୀୟ ଜାତୀୟ ପତାକା ପୋଡ଼ିବା ସହିତ ପୁଲିସ ସହିତ ମୁହାଁମୁହିଁ ହୋଇଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସମର୍ଥିତ ଦକ୍ଷିଣପନ୍ଥୀ ପ୍ରାର୍ଥୀ ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲା କଲମ୍ବିଆର ରାଷ୍ଟ୍ରପତି ନିର୍ବାଚନରେ ଅଳ୍ପ ଭୋଟରେ ବିଜୟୀ ହେବା ପରେ ଏହା ଘଟିଛି। ସମାଚାର ଏଜେନ୍ସି ଅନୁଯାୟୀ, ହଜାର ହଜାର ଲୋକଙ୍କ ଭିଡ଼କୁ ଘଉଡ଼ାଇବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ବ୍ୟବହାର କରିଥିଲା। ଭିଡ଼ରେ କିଛି ଲୋକ ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲାଙ୍କ ବିଜୟ ନେଇ କ୍ରୋଧିତ ଥିଲେ। ସେମାନେ ହାତରେ ଇଟା ଏବଂ ଲୁହା ରଡ୍ ଧରିଥିଲେ।

ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ସମସ୍ତ ମତଦାନ କେନ୍ଦ୍ରରୁ ଫଳାଫଳ ସହିତ, ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲା ୪୯.୬୬ ପ୍ରତିଶତ ଭୋଟ୍ ପାଇଛନ୍ତି, ଯେତେବେଳେ ବାମପନ୍ଥୀ ସେନେଟର ଇଭାନ ସେପେଡା ୪୮.୭୦ ପ୍ରତିଶତ ଭୋଟ୍ ପାଇଛନ୍ତି। ୪୭ ବର୍ଷୀୟ ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲାଙ୍କ ବିଜୟ ଆମେରିକା ସହିତ କଲମ୍ବିଆର ସମସ୍ୟାପୂର୍ଣ୍ଣ ସମ୍ପର୍କରେ ଉନ୍ନତି ଆଣିବାର ସମ୍ଭାବନା ରହିଛି।

# କତାର ଗ୍ୟାସ ଟର୍ମିନାଲରେ ବିସ୍ଫୋରଣ

## ୫୪ ଆହତ, ୧୮ ନିଖୋଜ

ଦୋହା,୨୨।୬: ରବିବାର ରାତିରେ (ଜୁନ ୨୧) କତାରର ରାସ ଲାଫାନରେ ଏକ ପ୍ରମୁଖ ପ୍ରାକୃତିକ ଗ୍ୟାସ ରପ୍ତାନି ଟର୍ମିନାଲରେ ଏକ ବଡ଼ ବିସ୍ଫୋରଣ ଘଟି ୫୪ ଜଣ ଆହତ ହୋଇଛନ୍ତି। ୧୮ ଜଣ ନିଖୋଜ ଅଛନ୍ତି।

କତାରର ରାଷ୍ଟ୍ରାୟତ୍ତ କମ୍ପାନୀ 'କତାର ଏନର୍ଜି' ଅନୁଯାୟୀ, ରବିବାର ରାତିରେ କାମ ଚାଲିଥିବା ସମୟରେ 'ବରଜାନ' ଗ୍ୟାସ ଯୋଗାଣ ପ୍ଲାଣ୍ଟ ରପ୍ତାନି ଟର୍ମିନାଲର ଏକ ଅଂଶରେ ବଡ଼ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଯୋଗୁ ହୋଇଥିବା କ୍ଷତିର ପରିମାଣ ସମ୍ପର୍କରେ କୌଣସି ଠୋସ ବିବରଣୀ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ।



କତାର ବିଶ୍ୱର ଶ୍ରେଷ୍ଠ ପ୍ରାକୃତିକ ଗ୍ୟାସ ଉତ୍ପାଦକ ଦେଶମାନଙ୍କ ମଧ୍ୟରୁ ଗୋଟିଏ ହୋଇଥିବାରୁ ଏହି ବିସ୍ଫୋରଣ ବିଶ୍ୱର ଶକ୍ତି ବଜାରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପୂର୍ବରୁ ଇରାନ ଦ୍ୱାରା ହର୍ମୁଜ ପ୍ରଣାଳୀ ବନ୍ଦ କରିବା ଯୋଗୁ କତାର ଗ୍ରାହକମାନଙ୍କୁ ଗ୍ୟାସ ଯୋଗାଣ କରିପାରି ନ ଥିବାରୁ ଉତ୍ପାଦନ ବନ୍ଦ କରିଦେଇଥିଲା।

ଅଧିକାରୀଙ୍କ କହିବା ଅନୁଯାୟୀ, ମାର୍ଚ୍ଚ ମାସରେ ଏକ ଇରାନୀ କ୍ଷେପଣାସ୍ତ୍ର ରାସ ଲାଫାନ ଉପରେ ପଡ଼ି ଏକ ବଡ଼ ଅଗ୍ନିକାଣ୍ଡ ଓ ଯଥେଷ୍ଟ କ୍ଷତି ଘଟିଥିଲା। ଇରାନର ନିରନ୍ତର ଆକ୍ରମଣ ଯୋଗୁ କତାର ସେଠାରେ ଗ୍ୟାସ ଉତ୍ପାଦନ ବନ୍ଦ କରିଦେଇଥିଲା।

# ୧୪୨ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷାରୁ ବଞ୍ଚିତ

## ଶାସକ-ବିରୋଧୀ ମୁହାଁମୁହିଁ

ବେଙ୍ଗାଲୁରୁ,୨୨।୬: ରବିବାର ସାରା ଦେଶରେ ୨୨ ଲକ୍ଷ ଛାତ୍ରଛାତ୍ରୀ ନିଟ୍-ୟୁଜି ପୁନଃପରୀକ୍ଷା ଦେଇଥିବା ବେଳେ ୧୪୨ ଆଶାୟୀ ପରୀକ୍ଷା ଦେଇ ପାରି ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶାସକ ବିରୋଧୀ ମୁହାଁମୁହିଁ ହୋଇଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ନୂତନ ରାଜ୍ୟ ସଭାପତି ଭାବରେ ବି.କେ. ହରିପ୍ରସାଦଙ୍କ ଶପଥ ଗ୍ରହଣ ଅବସରରେ ବେଙ୍ଗାଲୁରୁର ପ୍ୟାଲେସ ଗ୍ରାଉଣ୍ଡରେ ଅନୁଷ୍ଠିତ କଂଗ୍ରେସର ମେଗା ରାଲିରୁ ଏହି ବିବାଦ ସୃଷ୍ଟି ହୋଇଥିଲା। ତେଜସ୍ୱୀ ସୂର୍ଯ୍ୟ କଂଗ୍ରେସ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ ଦଳ ରାଲି ପାଇଁ ଅନ୍ୟ କୌଣସି ଦିନ ବାଛିପାରିଥାନ୍ତା। କିନ୍ତୁ ହଜାର ହଜାର ଛାତ୍ରଛାତ୍ରୀ ଗୁରୁତ୍ୱପୂର୍ଣ୍ଣ ଏନଇଇଟି ପରୀକ୍ଷା ଦେଉଥିବା ଦିନଟିକୁ ଦଳ ବାଛିଥିଲା। ସହରରେ ବ୍ୟାପକ ଟ୍ରାଫିକ୍ ବ୍ୟାଘାତ ହୋଇଥିଲା। ଫଳରେ ଅନେକ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା।



କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟାଙ୍କ ଖାର୍ଗେ ତେଜସ୍ୱୀ ସୂର୍ଯ୍ୟଙ୍କ ଅଭିଯୋଗ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୂର୍ଯ୍ୟଙ୍କ ନାମ ନ ନେଇ ସେ ତାଙ୍କୁ ଜଣେ ସିରିଏଲ୍ ଭୁଲ ସୂଚନା ସାଂସଦ ବୋଲି କହି କହିଛନ୍ତି। ସେ ସବୁବେଳେ ପରି ଅଧା ସୂଚନା ଉପରେ ଆଧାରିତ ଭ୍ରମ ପ୍ରସାର କରିବାକୁ ଚେଷ୍ଟା କରୁଥିବା ପ୍ରିୟାଙ୍କ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଏନଇଇଟି ପରୀକ୍ଷା ପାଇଁ ଆରସି କଲେଜକୁ ମୋଟ ୭୨୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ଥାନ ଦିଆଯାଇଥିଲା, ଯେଉଁଥିରୁ ୧୪୨ ଜଣ ଅନୁପସ୍ଥିତ ଥିଲେ। ତାଙ୍କ କହିବା ଅନୁଯାୟୀ, କେବଳ ତିନି ଜଣ ଛାତ୍ର ପରୀକ୍ଷା ଦେଇପାରିଲେ ନାହିଁ। ପ୍ରିୟାଙ୍କ ଖାର୍ଗେ ବ୍ୟାଖ୍ୟା କରିଥିଲେ ଯେ ଜଣେ ଛାତ୍ରୀ ମାଗାଡିରୁ ଆସୁଥିଲେ, କିନ୍ତୁ ଠିକ୍ ସମୟରେ ବସ୍ ନ ପାଇବାରୁ ସେ ବିଳମ୍ବରେ ପହଞ୍ଚିଥିଲେ ଏବଂ ପରୀକ୍ଷା ଦେଇପାରିଲେ ନାହିଁ। ଆଉ ଜଣେ ଛାତ୍ରୀ ମେ' ୩ ପରୀକ୍ଷାରୁ ପୁରୁଣା ହଲ୍ ଟିକେଟ୍ ଧରି ଆସିଥିଲେ, ତେଣୁ ତାଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯାଇ ନଥିଲା। ଆଉ ଜଣେ ଛାତ୍ରୀ ଆରଟି ନଗରରୁ ଆସୁଥିଲେ, ଏବଂ ତାଙ୍କ ବିଳମ୍ବରେ ଆସିବାର କାରଣ ତଦନ୍ତ କରାଯାଉଛି।

# ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ କିର୍ ଷ୍ଟାର୍ମର

ଲଣ୍ଡନ,୨୨।୬: ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ସୋମବାର ପ୍ରଧାନମନ୍ତ୍ରୀ ପଦ ଛାଡିବା ନିଷ୍ପତ୍ତି ଘୋଷଣା କରିଛନ୍ତି। ତଥାପି ତାଙ୍କ ଉତ୍ତରାଧିକାରୀ ବାଛିବା ପର୍ଯ୍ୟନ୍ତ ସେ ଏହି ଭୂମିକାରେ କାର୍ଯ୍ୟ କରିବେ। ଲେବର ପାର୍ଟି ଭିତରେ ବଢୁଥିବା ଚାପ ମଧ୍ୟରେ ପୂର୍ବରୁ ଆଶା କରାଯାଉଥିଲା ଯେ ସେ ସୋମବାର ତାଙ୍କର ଇସ୍ତଫା ଘୋଷଣା କରିବେ।



ଷ୍ଟାର୍ମର ମାତ୍ର ଦୁଇ ବର୍ଷ ପୂର୍ବେ ଲେବର ପାର୍ଟିକୁ ଏକ ବିଶାଳ ନିର୍ବାଚନୀ ବିଜୟ ହାସଲ କରିଥିଲେ, ୧୭୪ ଆସନ ସହିତ ବହୁମତ ହାସଲ କରିଥିଲେ। ସେହି ସମୟରେ ଏହାକୁ ଲେବର ପାଇଁ ଏକ ନିର୍ଣ୍ଣାୟକ ରାଜନୈତିକ ପ୍ରତ୍ୟାବର୍ତ୍ତନ ଭାବରେ ସ୍ୱାଗତ କରାଯାଇଥିଲା; ତଥାପି, ବିଭିନ୍ନ ବିବାଦ ଏବଂ ନୀତି ପରିବର୍ତ୍ତନ ଯୋଗୁ ତାଙ୍କ କାର୍ଯ୍ୟକାଳ ନିରନ୍ତର ଚାପ ମଧ୍ୟରେ ରହିଥିଲା। ତାଙ୍କ ସରକାରଙ୍କୁ ଅନେକ ନୀତିଗତ ପରିବର୍ତ୍ତନ ଏବଂ ବିବାଦୀୟ ପ୍ରସଙ୍ଗ ସହିତ ସଂଘର୍ଷ କରିବାକୁ ପଡିଥିଲା।

ବୟସ୍କ ଲୋକଙ୍କ ପାଇଁ ଶୀତକାଳୀନ ଇନ୍ଧନ ଦେୟ ଏବଂ ୱାଶିଂଟନରେ ବ୍ରିଟେନର ରାଷ୍ଟ୍ରଦୂତ ଭାବରେ ପିଟର ମାଣ୍ଡେଲସନଙ୍କ ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିବାଦ ସୃଷ୍ଟି କରିଥିଲା।

# ଭାରତକୁ ଧମକାଇଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ

## ସିନ୍ଧୁ ଜଳଚୁକ୍ତି ପ୍ରସଙ୍ଗ



ଇସଲାମାବାଦ,୨୨।୬: ଶନିବାର ଖ୍ୱାଜା ଆସିଫ କହିଛନ୍ତି, ଯଦି ଆମେ ଅନୁଭବ କରୁ ଯେ ଆମର ଜାତୀୟ ସୁରକ୍ଷା ବିପଦରେ ଅଛି, ତେବେ ଆମେ ନିଶ୍ଚିତ ଭାବରେ ଭାରତ ବିରୁଦ୍ଧରେ ଯୁଦ୍ଧ କରିବୁ। ପାଣି ଆମର ଜାତୀୟ ସୁରକ୍ଷାର ଏକ ଅଂଶ। ଯଦି ଇସଲାମାବାଦ ପ୍ରମାଣ ପାଏ ଯେ ଭାରତ ଜଳ ଯୋଗାଣକୁ ବାଧା ଦେବା ପାଇଁ ଏକ ଭୟଙ୍କର ଗତିରେ କାମ କରୁଛି, ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ବିଚାର କରାଯିବ ବୋଲି ସେ ଦାବି କରିଛନ୍ତି।

ଖ୍ୱାଜା ଆସିଫ ପାକିସ୍ତାନରେ ଜଳ ଅଭାବ ପାଇଁ ନୂଆଦିଲ୍ଲୀକୁ ଦାୟୀ କରିବାକୁ ଚେଷ୍ଟା କରିଥିଲେ। ସେ ଭାରତକୁ 'ପାଣିକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିବା', ଚେନାବ ନଦୀର ପ୍ରବାହକୁ ହେରଫେର କରିବା ଏବଂ ତଥ୍ୟ ଲୁଚାଇବାର ଅଭିଯୋଗ କରିଥିଲେ। ତଥାପି ଖ୍ୱାଜା ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ତାଙ୍କ ପାଖରେ ଗତ ବର୍ଷ ବିକାଶ ସମ୍ପର୍କରେ ବର୍ତ୍ତମାନର ସୂଚନାର ଅଭାବ ଥିଲା। ଏହା ଉଲ୍ଲେଖନୀୟ ଯେ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ହେବା ପରେ ପାକିସ୍ତାନ ଏକ ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛି।

### ନିଟ୍ ପାସ୍ କରାଇବା ପାଇଁ ୧୦ ଲକ୍ଷ ଟଙ୍କା ଡିଲ୍

# ଏମବିବିଏସ ଛାତ୍ରଙ୍କ ସମେତ ୯ ଗିରଫ

ପାଟନା, ୨୨।୬: ନିଟ୍ ୟୁଜି ପୁନଃପରୀକ୍ଷା ଆଶାୟୀ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ଦେବା ଅଭିଯୋଗରେ ବିହାରର ଲଖିସରାଇ ଜିଲ୍ଲାରେ ପାଟନା ମେଡିକାଲ କଲେଜ ଓ ହସ୍ପିଟାଲର ତୃତୀୟ ବର୍ଷର ଏମବିବିଏସ ଛାତ୍ର ମୟଙ୍କ କଶ୍ୟପଙ୍କ ସମେତ ୯ ଜଣଙ୍କୁ ଗିରଫ କରାଯାଇଛି।

ମୟଙ୍କ କଶ୍ୟପ ବାୟୋମେଟ୍ରିକ୍ସ କର୍ମଚାରୀ ଭାବରେ ନିଜକୁ ପରିଚୟ ଦେଇ ହସନପୁର କେନ୍ଦ୍ରରେ ପ୍ରବେଶ କରିଥିଲେ। ତେବେ ଯାଞ୍ଚ ସମୟରେ ସେ ଧରା ପଡ଼ିଥିଲେ ଏବଂ ଗ୍ୟାଙ୍ଗର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ମୟଙ୍କ ତାଙ୍କ ମେଡିକାଲ କଲେଜରୁ ବାହାରକୁ ଯିବା ପାଇଁ ମିଥ୍ୟା ଅସୁସ୍ଥତା ବାହାନା କରିଥିଲେ। ମୟଙ୍କଙ୍କ ସୂଚନା ଆଧାରରେ ପୁଲିସ ଚଢ଼ାଉ କରିଥିଲା ଏବଂ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିଥିଲା।



ଗିରଫ ଅଭିଯୁକ୍ତମାନେ ଏକ ପ୍ରଶ୍ନର ସମାଧାନ କରୁଥିବା 'ସଲଭର୍ ଗ୍ୟାଙ୍ଗ'ର ଅଂଶ ବୋଲି ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ ଦିଲ୍ଲୀ ସ୍ଥିତ ମେଡିକାଲ କଲେଜ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ଏମ୍ସ, ରାୟବରେଲି ମେଡିକାଲ ପ୍ରତିଷ୍ଠାନ ଏବଂ ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲ ଭଳି ପ୍ରତିଷ୍ଠାନ ସହିତ ଜଡିତ ଡାକ୍ତରୀ ଇର୍ଣ୍ଟର୍ନ ଏବଂ ଛାତ୍ରମାନେ ଅନ୍ତର୍ଭୁକ୍ତ ଅଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ନର୍ସିଂ ଛାତ୍ରୀ ପୁନମ୍ କୁମାରୀ ଅନ୍ୟ ଜଣେ ପ୍ରାର୍ଥୀଙ୍କ ପରିଚୟ ନେଇ ପରୀକ୍ଷା ଦେଉଥିବା ସମୟରେ ଧରାପଡ଼ିଥିଲେ। ରାୟବରେଲିର ଏମ୍ସର ଛାତ୍ର ସୌରଭ ଝା ଏବଂ ଦିଲ୍ଲୀର ଜଣେ ଇଣ୍ଟର୍ନ ଅମନ ଅଗ୍ରୱାଲଙ୍କୁ ମଧ୍ୟ ଗିରଫ କରାଯାଇଛି।

ବାୟୋମେଟ୍ରିକ୍ ଯାଞ୍ଚ ପ୍ରକ୍ରିୟାକୁ ଏଡାଇ ପରୀକ୍ଷା କେନ୍ଦ୍ରରେ କିଛି ପ୍ରାର୍ଥୀଙ୍କୁ ପ୍ରବେଶ ଅନୁମତି ଦିଆଯାଉଥିବା ସମ୍ପର୍କରେ ପୁଲିସ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ଗିରଫ କରାଯାଇଥିଲା।

# ଭଗବାନ ରାମଙ୍କ ପ୍ରତିମା ନିର୍ମାଣ ଉପରେ ରୋକ



ଢାକା,୨୨।୬: ବାଂଲାଦେଶରେ ଭଗବାନ ରାମଙ୍କ ୮୧ ଫୁଟର ଉଚ୍ଚ ପ୍ରତିମା ନିର୍ମାଣ ଉପରେ ରୋକ ଲଗାଯିବାକୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ଗାଇବନ୍ଧା ଜିଲ୍ଲାର ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଓ କାଳି ମନ୍ଦିର ପରିସରରେ ତିଆରି ହୋଇଥିବା ଏହି ପ୍ରତିମାର କାମ ଇସଲାମିକ୍ କଟ୍ଟରପନ୍ଥୀ ଗୋଷ୍ଠୀର ବିରୋଧ ପରେ ରୋକି ଦିଆଯାଇଥିଲା। ଏହି ନିଷ୍ପତ୍ତି ଉପରେ ଫ୍ରାନ୍ସ ସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ସଂଗଠନ ଆପତ୍ତି ପ୍ରକାଶ କରିଛି। ସଂଗଠନର କହିବା ଅନୁସାରେ, ଏହି ଧାର୍ମିକ ସ୍ୱାଧୀନତା ଓ ସଂଖ୍ୟାଲଘୁଙ୍କ ଅଧିକାରକୁ ଗମ୍ଭୀର ଭାବରେ ଉଲଂଘନ କରିଛି।

ଜୁନ୍ ଆରମ୍ଭରୁ ଯେତେବେଳେ ଭଗବାନ ରାମଙ୍କ ପ୍ରତିମା ନିର୍ମାଣର ଯୋଜନା ସାର୍ବଜନୀନ ହୋଇଥିଲା, ସ୍ଥାନୀୟ ଇସଲାମିକ୍ ସଂଗଠନ ଏହାକୁ ବିରୋଧ କରିଥିଲା। ବହୁ ସ୍ଥାନରେ ପ୍ରଦର୍ଶନ, ପ୍ରେସ୍ କନଫ୍ରେନ୍ସ କରାଯାଇଥିଲା । ସ୍ଥାନୀୟ ପ୍ରଶାସନକୁ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ବଢୁଥିବା ଚାପ ଓ ସମ୍ଭାବିତ ହିଂସାର ଆଶଙ୍କା ଭିତରେ ମନ୍ଦିର ମ୍ୟାନେଜମେଣ୍ଟ ୧୨ ଜୁନ୍‌ରେ ଅଫିସିଆଲ ଭାବରେ ନିର୍ମାଣ କାର୍ଯ୍ୟ ସ୍ଥଗିତ କରିବାର ଘୋଷଣା କରିଥିଲା।

# ନିଜେ ନିଜକୁ ଅପହରଣ କଲେ, କ୍ଷତିପୂରଣ ବି ମାଗିଲେ

ନୂଆଦିଲ୍ଲୀ, ୨୨।୬: ସେୟାର ମାର୍କେଟରେ ଟଙ୍କା ଲଗାଇ ପ୍ରବଳ କ୍ଷତି ସହିଲେ। କ୍ଷତିରୁ ମୁକୁଳିବା ଲାଗି ନିଜେ ନିଜ ଅପହରଣର ମିଛ ନାଟକ ରଚନା କଲେ। ନିଜକୁ ଅପହର୍ତ୍ତା ଭାବେ ଦର୍ଶାଇ ୫୦ ଲକ୍ଷ ଟଙ୍କା ଦାବିକରି ପତ୍ନୀଙ୍କ ମୋବାଇଲକୁ ଏକ ମେସେଜ୍ ପଠାଇଲେ। ସେତିକି ନୁହେଁ, ତାଙ୍କୁ ବନ୍ଧକ ରଖାଯାଇଥିବା ଅବସ୍ଥାର ଏକ ଭିଡିଓ ବି ପଠାଇଥିଲେ। ହେଲେ ସେ ଜାଣି ନଥିଲେ, ନିଜେ ରଚିଥିବା ଜାଲରେ ସେ ନିଜେ ଫସିଯିବେ।

ପୁଲିସ ତଥ୍ୟ ଅନୁସାରେ, ଜିଗ୍ନେଶ ତଲଭିଆ(୩୬) ସୁରଟର ମୋଟା ଭରଛା ଅଞ୍ଚଳରେ ରହନ୍ତି। ଜୁନ୍ ୧୨ରେ ସେ ନିଖୋଜ ହୋଇଯାଇଥିଲେ। ଏହାପରେ ତାଙ୍କ ପତ୍ନୀ ମୀନାକ୍ଷୀବେନ୍ ତଲଭିଆ ଉତରନ୍ ପୁଲିସ ଷ୍ଟେସନରେ ସେଥିନେଇ ଅଭିଯୋଗ କରିଥିଲେ। ପରେ ମୀନାକ୍ଷୀଙ୍କ ମୋବାଇଲକୁ ଏକ ଧମକପୂର୍ଣ୍ଣ ମେସେଜ୍ ଆସିଥିଲା। ସେଥିରେ ଜିଗ୍ନେଶଙ୍କୁ ଅପହରଣ କରାଯାଇଥିବା ଦର୍ଶାଯାଇଥିଲା।



ମେସେଜ୍ ପଠାଇଥିବା ବ୍ୟକ୍ତି ମୀନାକ୍ଷୀଙ୍କ ନିକଟରୁ ୫୦ ଲକ୍ଷ ଟଙ୍କା ଦାବି କରିଥିଲେ। ଯଦି ଏ ସମ୍ପର୍କରେ ପରିବାର ଲୋକେ ପୁଲିସକୁ ସୂଚନା ଦିଅନ୍ତି ତେବେ ଜିଗ୍ନେଶଙ୍କ ମୃତଦେହ ମିଳିବ ବୋଲି ସେଥିରେ କୁହାଯାଇଥିଲା। ଏଥିସହ ଜିଗ୍ନେଶଙ୍କ ହାତ ଗୋଡ଼ ବନ୍ଧାଯାଇଥିବାର ଏକ ଭିଡିଓ ବି ତାଙ୍କୁ ମିଳିଥିଲା।

ମାମଲାର ଗମ୍ଭୀରତାକୁ ଦେଖି ଉତରନ ପୁଲିସ ସିସିଟିଭି ଫୁଟେଜ, ଟେକ୍ନିକାଲ ସର୍ଭିଲାନ୍ସ ମାଧ୍ୟମରେ ଜିଗ୍ନେଶଙ୍କୁ ଖୋଜିବା ଆରମ୍ଭ କରିଥିଲା। ଶେଷରେ ଜୁନ୍ ୧୫ରେ ଜିଗ୍ନେଶଙ୍କୁ ଗୋଧ୍ରାର ଏକ ହୋଟେଲରେ ଠାବ କରାଯାଇଥିଲା। ତେବେ ତାଙ୍କୁ ଅପହର୍ତ୍ତାଙ୍କ ସଂପର୍କରେ ପଚରାଉଚରା କରାଯିବା ସମୟରେ ସେ ଭୟଭୀତ ହୋଇ ନିଜ ଅପହରଣର ମିଥ୍ୟା ନାଟକ ରଚିଥିବା ମାନି ଯାଇଥିଲେ। ଶେୟାର ମାର୍କେଟରେ ହୋଇଥିବା କ୍ଷତିର ଭରଣା ଲାଗି ସେ ପରିବାର ଏବଂ ସଂପର୍କୀୟଙ୍କଠାରୁ ଟଙ୍କା ଆଦାୟ ଲାଗି ଏଭଳି ପଦକ୍ଷେପ ନେଇଥିବା ଦର୍ଶାଇଥିଲେ। ତାଙ୍କୁ ଏବେ ଜେଲ୍ ପଠାଯାଇଛି।

# ଗୋଟିଏ ଦିନରେ ଦୁଇଟି ପରୀକ୍ଷା

- ଚିନ୍ତାରେ ହଜାର ହଜାର ଆଶାୟୀ
- ବଦଳି ପାରେ ଆରଆଇ, ଅମିନ ପରୀକ୍ଷା



ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ଆସନ୍ତା ୨୮ ତାରିଖ ରବିବାର ଗୋଟିଏ ଦିନରେ ଦୁଇ ଦୁଇଟି ପରୀକ୍ଷା। ଆଉ ଉଭୟ ପରୀକ୍ଷା ପାଇଁ ଅଧିକାଂଶ ହେଉଛନ୍ତି ସମାନ ଆବେଦନକାରୀ। ଯେଉଁଥିପାଇଁ ଆଶାୟୀଙ୍କ ଟେନ୍‌ସନ୍ ବଢ଼ିଯାଇଛି। ଚଳିତ ମାସ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ୍ (ଓଏସଏସଏସସି) ପରୀକ୍ଷା, ଯେଉଁଥିରେ ଆଇଆଇ, ଆସିଡିଏସ ସୁପରଭାଇଜର୍, ଅମିନ୍ ଓ ସର୍ଭେୟର୍ ପଦବୀ ପାଇଁ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେବ। ଆଉ ସେହିଦିନ ହିଁ ଅନୁଷ୍ଠିତ ହେବାକୁ ଯାଉଛି ଓଟିଇଟି ପରୀକ୍ଷା। ପୂର୍ବରୁ ଜୁନ ୨୦ରେ ଓଏସଏସଏସସି ପରୀକ୍ଷା ଅନୁଷ୍ଠିତ ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା।

ମାତ୍ର ଜୁନ୍ ୨୧ରେ ନିଟ୍ ପରୀକ୍ଷା ଥିବାରୁ ପ୍ରଶାସନିକ କାରଣ ଦର୍ଶାଇ ଏହାକୁ ସ୍ଥଗିତ କରାଯାଇଥିଲା। ପରେ ୨୮ରେ ଓଏସଏସଏସସି ପରୀକ୍ଷା ଆୟୋଜନ କରିବାକୁ ଘୋଷଣା କରାଯାଇଛି।

ଆଶାୟୀଙ୍କ କହିବା କଥା ଯେ ଓଟିଇଟି ଏବଂ ଓଏସଏସଏସସି ପରୀକ୍ଷା ଦୁଇଟି ଭିନ୍ନ କ୍ଷେତ୍ର ସହ ଜଡ଼ିତ ହୋଇଥିଲେ ମଧ୍ୟ ଅଧିକାଂଶ ଆଶାୟୀ ଉଭୟ ପରୀକ୍ଷା ପାଇଁ ଆବେଦନ କରିଥିଲେ। ଏବେ ଗୋଟିଏ ଦିନରେ ଦୁଇଟିଯାକ ପରୀକ୍ଷା ଥିବାରୁ ସେମାନଙ୍କୁ ଅନିଚ୍ଛାକୃତ ଭାବେ ଗୋଟିଏ ପରୀକ୍ଷାରୁ ଓହରିଯିବାକୁ ପଡ଼ିବ। ଓଟିଇଟି ପେପର୍-୧ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ଓ ପେପର୍-୨ ପରୀକ୍ଷା ଅପରାହ୍ନ ୨ଟାରୁ ୪ଟା ୩୦ ମଧ୍ୟରେ ଅନୁଷ୍ଠିତ ହେବ। ଏନେଇ ମେ' ୨୨ରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଓଏସଏସଏସସି ପକ୍ଷରୁ ଜୁନ୍ ୧୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପରୀକ୍ଷା ସମୟ ପ୍ରକାଶ ପାଇନାହିଁ। ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଦୃଷ୍ଟିରୁ ପରୀକ୍ଷା ସୂଚୀ ପରିବର୍ତ୍ତନ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ସେପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଓଏସଏସଏସସି ପରୀକ୍ଷା ପାଇଁ ଅଲଗା ଦିନ ଧାର୍ଯ୍ୟ କରିବାକୁ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ୪୮ ଘଣ୍ଟାରେ ରାଜ୍ୟ ଛୁଇଁବ ମୌସୁମୀ, ୫ ଦିନ ବର୍ଷିବ

ଭୁବନେଶ୍ୱର, ୨୨।୬ (ସଂଚାର ବ୍ୟୁରୋ) ଃ ୪୮ ଘଣ୍ଟାରେ ସାରା ରାଜ୍ୟ ଛୁଇଁବ ମୌସୁମୀ । ରାଜ୍ୟରେ ୫ ଦିନ ଯାଏ ବର୍ଷା ସହ ୨ ଦିନ ପ୍ରବଳ ବର୍ଷା ପାଇଁ ଚେତାବନୀ । ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଗକୁ ବଢ଼ିବା ପାଇଁ ସ୍ଥିତି ଅନୁକୂଳ ହୋଇଛି । ୪୮ ମଧ୍ୟରେ ମୌସୁମୀ ଛୁଇଁବ ସାରା ଓଡିଶା । ଏହାସହ ରାଜ୍ୟରେ ଟ୍ରପ ଲାଇନ ସହ କାଳବୈଶାଖୀକୁ ଯୋଗୁ ବର୍ଷା ହେଉଥିବା ବେଳେ ଆହୁରି ୫ ଦିନ ଯାଏ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି ।

ଆଜି ଭୁବନେଶ୍ୱରରେ ଝିପି ଝିପି ବର୍ଷା ହେଉଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ ଅଧିକାଂଶ ଜିଲ୍ଲାର ବର୍ଷା ସମ୍ଭାବନା ଥିବା ବେଳେ କୋରାପୁଟ, ରାୟଗଡା, କନ୍ଧମାଳ, ବରଗଡ଼ , ଜଗତସିଂହପୁର , କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଏହି ୮ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବଜ୍ରପାତ ସହ ବର୍ଷା ଓ ୪୦ରୁ କିମି ଝଟକା ପବନ ସମ୍ଭାବନାକୁ ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏହାସହ ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ଦେଓଗଡ କେନ୍ଦୁଝର ,ମୟୁରଭଞ୍ଜ ଓ ସୁନ୍ଦରଗଡ ଏହି ୭ ଜିଲ୍ଲାକୁ ଛାଡି ଅବଶିଷ୍ଟ ୧୫ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି ବିଭାଗ ।

ସେହିପରି ଆସନ୍ତାକାଲି ସାରା ରାଜ୍ୟରେ ବର୍ଷା ସମ୍ଭାବନା ଥିବା ମାଲକାନଗିରି,କୋରାପୁଟ, ନବରଙ୍ଗପୁର ରାୟଗଡା ଓ ଗଜପତି ଏହି ସବୁ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା । ଏହି ଜିଲ୍ଲାଗୁଡିକରେ ବିଜୁଳି ଘଡଘଡି ସହ ବର୍ଷା ଓ ୪୦ ରୁ ୫୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି ବିଭାଗ। ସେହିପରି ଅବଶିଷ୍ଟ ୨୫ ଜିଲ୍ଲାରେ ବଜ୍ରପାତ ସହ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି ବିଭାଗ । ୨୬ ଜୁନ ଯାଏ ରାଜ୍ୟରେ ବର୍ଷା ପାଇଁ ଚେତାବନୀ ରହିଛି । ଏପଟେ ଆଜି ଓଡ଼ିଶା ଉପକୂଳରେ ୪୦ରୁ ୫୦ କିମି ସର୍ବାଧିକ ୬୦ କିମି ବେଗରେ ପବନ ସହ ସମୁଦ୍ର ଅଶାନ୍ତ ରହିବ । ତେଣୁ ଦୁଇଦିନ ଅର୍ଥାତ ୨୨ ଓ ୨୩ ତାରିଖ ଯାଏ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବାକୁ ବାରଣ କରାଯାଇଛିବ । ଆସନ୍ତା ୨ ଦିନ ବର୍ଷା ପ୍ରଭାବରେ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ଦେଇଛି ବିଭାଗ ।

## ଫିଫା ବିଶ୍ୱକପ୍ | ସଲାହଙ୍କ ଗୋଲ୍‌ରେ ଇଜିପ୍ଟର ଐତିହାସିକ ବିଜୟ



ଭ୍ୟାନ୍‌କୋଭର୍,୨୨।୬ଃ ଚଳିତ ଫିଫା ବିଶ୍ୱକପ୍‌ରେ ଗତକାଲି ଗ୍ରୁପ୍-ଜି'ର ଏକ ମ୍ୟାଚ୍‌ରେ ଇଜିପ୍ଟ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଲିଭରପୁଲ୍‌ର ତାରକା ଖେଳାଳି ମହମ୍ମଦ ସଲାହ ଚଳିତ ପ୍ରତିଯୋଗିତାରେ ତାଙ୍କର ପ୍ରଥମ ଗୋଲ୍ ଦେଇଥିବା ବେଳେ ଇଜିପ୍ଟ ୩-୧ ଗୋଲ୍‌ରେ ବିଜୟୀ ହୋଇ ବିଶ୍ୱକପ୍ ଇତିହାସରେ ପ୍ରଥମ ବିଜୟ ହାସଲ କରିଛି। ଏଥିସହ ଇଜିପ୍ଟ ପ୍ରତିଯୋଗିତାର ପ୍ରିକ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ପଞ୍ଚଦଶ ମିନିଟ୍‌ରେ ନ୍ୟୁଜିଲାଣ୍ଡ୍ ଗୋଲ୍ ଦେଇ ଅଗ୍ରଣୀ ହାସଲ କରିଥିଲା। ଦଳ ପକ୍ଷରୁ ଗୋଲ୍‌ଟି ଫିନ୍ ସୁରମାନ୍ ଦେଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ମ୍ୟାଚ୍‌ର ୫୮ତମ ମିନିଟ୍‌ରେ ମୋସ୍ତାଫା ଜିକୋ ସ୍ଥିତିକୁ ବରାବର କରିଥିଲେ। ପରେ ୬୭ତମ ମିନିଟ୍‌ରେ ସଲାହ ଗୋଲ୍ ଦେବା ସହ ମ୍ୟାଚ୍‌ରେ ପ୍ରଥମ ଥର ପାଇଁ ଇଜିପ୍ଟକୁ ଅଗ୍ରଣୀ କରାଇଥିଲେ। ସେହିପରି ୮୨ତମ ମିନିଟ୍‌ରେ ଟ୍ରେଜେଗୁଏଟ୍ ଗୋଲ୍ ଦେଇ ସ୍ଥିତିକୁ ୩-୧ରେ ପହଞ୍ଚାଇଥିବା ବେଳେ ଶେଷ ପର୍ଯ୍ୟନ୍ତ ଏହାକୁ କାଏମ ରଖି ଇଜିପ୍ଟ ବିଜୟୀ ହେବା ସହ ଗ୍ରୁପ୍-ଏଫ୍'ରେ ଶୀର୍ଷ ସ୍ଥାନରେ ପହଞ୍ଚିଯାଇଛି।

ସେହିପରି ଗ୍ରୁପ୍-ଏଚ୍'ର ଏକ ମ୍ୟାଚ୍‌ରେ ଉରୁଗୁଏ ଓ କାବୋ ଭେର୍ଡେ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ଟି ୨-୨ରେ ଅମୀମାଂସିତ ରହିଛି। ଉରୁଗୁଏ ପକ୍ଷରୁ ଏମ. ଆରାଉଜୋ ୪୪ତମ ଓ ଅଗଷ୍ଟିନ୍ କାନୋବିଓ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟର ଷଷ୍ଠ ମିନିଟ୍ (୪୫+୬)ରେ ଗୋଲ୍ ଦେଇଥିବା ବେଳେ କାବୋ ଭେର୍ଡେ ୨୧ତମ ମିନିଟ୍‌ରେ କେଭିନ୍ ପିନା ଓ ୬୧ତମ ମିନିଟ୍‌ରେ ହେଲୋ ଭାରେଲା ଗୋଲ୍ ସ୍କୋର୍ କରିଥିଲେ।

## ୫ ନୂଆ ଜିଲ୍ଲା ପ୍ରସ୍ତାବ ଦେଲେ ଅର୍ଥମନ୍ତ୍ରୀ



କୋଲକାତା,୨୨।୬ (ସଂଚାର ବ୍ୟୁରୋ)ଃ ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା ପାଞ୍ଚଟି ନୂତନ ଜିଲ୍ଲା ଗଠନର ପ୍ରସ୍ତାବ ଦେଇଛନ୍ତି। ସେ ନୂତନ ମହକୁମା ଓ ପୌରସଭା ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ସାଧାରଣ ଜନତା ମଧ୍ୟ ଉପକୃତ ହେବେ ବୋଲି ଅର୍ଥମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତାଙ୍କ ଘୋଷଣା ଅନୁଯାୟୀ ଯେଉଁ ପାଞ୍ଚଟି ନୂତନ ଜିଲ୍ଲା ସୃଷ୍ଟି କରାଯିବ, ସେଗୁଡ଼ିକ ହେଉଛି- କୋଲକାତା, ବସିରହାଟ, ସୁନ୍ଦରବନ, ଜାଙ୍ଗିପୁର ଓ ଆରାମବାଗ।

## ମଧ୍ୟାହ୍ନ ଭୋଜନ ବ୍ୟୟବରାଦ ବୃଦ୍ଧି



କୋଲକାତା,୨୨।୬ (ସଂଚାର ବ୍ୟୁରୋ)ଃରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମିକୁ ଉନ୍ନତ କରିବା ସହିତ ମଧ୍ୟାହ୍ନ ଭୋଜନର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଶିଶୁ ପୁଷ୍ଟିସାର ଉପରେ ଧ୍ୟାନ ଦେଇ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପାଇଁ ଦୈନିକ ଖର୍ଚ୍ଚ ବଣ୍ଟନ ୧୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ ପ୍ରସିଦ୍ଧ ସଂଗଠନ 'ଇସ୍କନ' କୋଲକାତା ମ୍ୟୁନିସିପାଲ କର୍ପୋରେସନ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଅଧିକ ପୁଷ୍ଟିକର ଏବଂ ଉଚ୍ଚମାନର ଖାଦ୍ୟ ଯୋଗାଇବ ବୋଲି ଜଣାଯାଇଛି।

## କୁଳତଳିରୁ ବୋମା ଉଦ୍ଧାର

କୋଲକାତା,୨୨।୬ (ସଂଚାର ବ୍ୟୁରୋ)ଃ କୁଳତଳିର ୧ ନମ୍ବର ମେରିଗଞ୍ଜ ଅଞ୍ଚଳରୁ ବହୁ ତାଜା ବୋମା ଉଦ୍ଧାର କରାଯାଇଛି। ସୋମବାର ପୁଲିସ ସ୍ଥାନୀୟ ବାସିନ୍ଦା ମାରୁଫ ଉଦ୍ଦିନ ଶେଖଙ୍କ ଘରେ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ ଜବତ କରିଛି। ପରେ ଏକ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ସେଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ପହଞ୍ଚିଥିଲା। ମାରୁଫ ଦାବି କରିଛନ୍ତି ଯେ ତାଙ୍କ ବାପା ଗତବର୍ଷ ପଞ୍ଚାୟତ ନିର୍ବାଚନରେ ସିପିଆଇଏମ୍ ପ୍ରାର୍ଥୀ ଥିଲେ। ଆତ୍ମରକ୍ଷା ପାଇଁ ସେ ଘରେ ବୋମା ରଖିଥିଲେ। କୁଳତଳି ଥାନା ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ମା'ପୁଅ ମୃତ

କୋଲକାତା, ୨୨।୬ (ସଂଚାର ବ୍ୟୁରୋ)ଃ ସିଲିଗୁଡ଼ିର ପମ୍ପା ଶାହ ଦାସ (୨୨) ଓ ତାଙ୍କ ପୁଅ ବିବେକ ଶାହ (୨) ମାଥାଭାଙ୍ଗା ଯାଉଥିବା ସମୟରେ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଦୁର୍ଘଟଣା ପରେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନା ନିଆ ଯାଇଥିଲା। ତେବେ ଡାକ୍ତର ପମ୍ପାଙ୍କୁ ମୃତ ଘୋଷଣା କରିଥିଲେ। ସେମାନେ ଶିଶୁଟିକୁ ମଧ୍ୟ ବଞ୍ଚାଇବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ, କିନ୍ତୁ ଶେଷରେ ସେମାନେ ବିଫଳ ହୋଇଥିଲେ। ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ ଡ୍ରାଇଭରଙ୍କ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ଘଟଣାର ଯାଞ୍ଚ କରୁଛି।

## ଦାଦାବଟି ଆଦାୟ ଅଭିଯୋଗ

କୋଲକାତା, ୨୨।୬ (ସଂଚାର ବ୍ୟୁରୋ)ଃତାରକେଶ୍ୱର ପୌରସଭାର ପୂର୍ବତନ ଅଧ୍ୟକ୍ଷ ସ୍ୱପନ ସାମନ୍ତଙ୍କ ବିରୋଧରେ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି। ସୋମବାର ବିଜେପି କର୍ମୀ ଓ ସମର୍ଥକମାନେ ତାଙ୍କୁ ଜୋତାହାର ପିନ୍ଧାଇବା ସହିତ ସମଗ୍ର ଅଞ୍ଚଳ ବୁଲାଇଛନ୍ତି। ଏଥିସହ ତାଙ୍କୁ କାନ ଧରି ଉଠ୍ ବସ୍ କରିବାକୁ ବାଧ୍ୟ କରାଯାଇଥିଲା ବୋଲି ମଧ୍ୟ ଅଭିଯୋଗ ହୋଇଛି। ସାମନ୍ତ ସ୍ଥାନୀୟ ଅଞ୍ଚଳରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ପରିଚିତ ଥିବାରୁ ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ।

## ଅଗଷ୍ଟରେ ବିଶେଷ ଲୋକ ଅଦାଲତ

କଟକ,୨୨।୬ (ସଂଚାର ବ୍ୟୁରୋ)ଃଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ବିଶେଷ ଲୋକ ଅଦାଲତ ଅଗଷ୍ଟ ୨୧,୨୨ ଓ ୨୩ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରକ୍ରିୟାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରେ ବିଚାରଧୀନ ଥିବା ପାରିବାରିକ, ବିବାହ, ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ) ମାମଲା, ଶ୍ରମ ବିବାଦ, ଭୂଅଧିଗ୍ରହଣ ଜନିତ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା ଓ ଆପୋଷ ବୁଝାମଣା ଦ୍ୱାରା ସମାଧାନ ହୋଇପାରୁଥିବା ମାମଲାଗୁଡ଼ିକର ଫଇସଲା କରାଯିବ। ଏ ସମ୍ପର୍କରେ ଅଧିକ ସୂଚନା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ, ଫୋନ ନଂ- ୦୬୭୧-୨୩୬୮୩୮୩, ୮୪୮୦୮୩୧୮୩୧ ଓ ଇ-ମେଲ: dlsacuttack@gmail.comରେ ଯୋଗାଯୋଗ କରାଯାଇପାରିବ। ଅଂଶଗ୍ରହଣକାରୀମାନେ ପ୍ରତ୍ୟକ୍ଷ କିମ୍ବା ଅନଲାଇନ୍ ମାଧ୍ୟମରେ ଏହି ଅଦାଲତରେ ଭାଗ ନେଇପାରିବେ। ଏହି ବିଶେଷ ଲୋକ ଅଦାଲତରେ ମାମଲା ଅନ୍ତର୍ଭୁକ୍ତ କରିବାକୁ ଇଚ୍ଛୁକ ପକ୍ଷମାନେ ନିର୍ଦ୍ଧାରିତ ଗୁଗୁଲ୍ ଫର୍ମ ପୂରଣ କରି ଆବେଦନ କରିପାରିବେ। ଏହି ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଆବେଦନ ଲିଙ୍କ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୱେବସାଇଟରେ ଉପଲବ୍ଧ ରହିଛି।

## ବିହାରରୁ ମିଳିଲା ନିଖୋଜ ନାବାଳକ

କୋଲକାତା,୨୨।୬ (ସଂଚାର ବ୍ୟୁରୋ)ଃପ୍ରାୟ ଗୋଟିଏ ବର୍ଷ ବିତିଯାଇଛି। ଶେଷରେ ମୟନାଗୁଡ଼ି ଭୋଟପାଟି ଫାଣ୍ଡିର ପୁଲିସ ମୟନାଗୁଡ଼ିରୁ ନିଖୋଜ ହୋଇଥିବା ଜଣେ ନାବାଳକକୁ ଉଦ୍ଧାର କରିଛି। ଘଟଣାଟି ୨୦୨୫ ମସିହା ସେପ୍ଟେମ୍ବର ୪ ତାରିଖରେ ଘଟିଥିଲା। ଜାଣିବାକୁ ମିଳିଛି ଯେ, ମୟନାଗୁଡ଼ିର ହେଲାପାକ୍ରି ଅଞ୍ଚଳର ନାବାଳକଟି ତାଙ୍କ ଘର ସାମ୍ନାରେ ଖେଳୁଥିବା ସମୟରେ ସ୍ଥାନୀୟ ରେଳ ଷ୍ଟେସନକୁ ଚାଲିଯାଇଥିଲା। ସେଠାରୁ ସେ ନ୍ୟୁ ଜଲପାଇଗୁଡ଼ି ଯିବାକୁ ଏକ ଟ୍ରେନରେ ଚଢ଼ିଯାଇଥିଲା। ପରେ ବିହାରର କଟିହାରକୁ ଅନ୍ୟ ଏକ ଟ୍ରେନରେ ଚାଲି ଯାଇଥିଲା। ଅନ୍ୟପକ୍ଷରେ ମୟନାଗୁଡ଼ି ଥାନାରେ ନିଖୋଜ ଅଭିଯୋଗ ଦାଖଲ ହେବା ପରେ ଭୋଟପଟ୍ଟି ଫାଣ୍ଡିର ପୁଲିସ ତଦନ୍ତ ଆରମ୍ଭ କରି ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା। ପୁଲିସକୁ ସୂଚନା ମିଳିଥିଲା ଯେ ନାବାଳକ ଜଣକ କଟିହାରରେ ଦେଖାଯାଇଛି। ଏହି ସୂଚନା ଉପରେ ତୁରନ୍ତ କାର୍ଯ୍ୟ କରି ପୁଲିସ ବିହାରକୁ ଏକ ଦଳ ପଠାଇଥିଲା। ସେଠାକାର ସ୍ଥାନୀୟ କର୍ତ୍ତୃପକ୍ଷ ବାଳକଟିକୁ ବୁଲୁଥିବାର ଦେଖି ଏକ ଆଶ୍ରୟସ୍ଥଳରେ ରଖିଥିଲେ। ମୟନାଗୁଡ଼ି ପୁଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ବାଳକକୁ ଉଦ୍ଧାର କରିଛି।

## ଏନ୍‌ସି କଲେଜରେ ଯୋଗ ଦିବସ ପାଳିତ




ଯାଜପୁର,୨୨।୬(ସଂଚାର ବ୍ୟୁରୋ)ଃ ଚଳିତ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯାଜପୁରର ପ୍ରସିଦ୍ଧ ଏନସି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଯାଜପୁର ସ୍ପୋର୍ଟ କିକ୍‌ବକ୍ସିଂ ଆସୋସିଏସନ ଓ ଏନସି କଲେଜର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ଜୀବନଶୈଳୀରେ ଚାପମୁକ୍ତ ଓ ସୁସ୍ଥ ରହିବା ପାଇଁ ଯୋଗ ହେଉଛି ଏକମାତ୍ର ଶ୍ରେଷ୍ଠ ମାଧ୍ୟମ। ମହାବିଦ୍ୟାଳୟର ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ଦୈନନ୍ଦିନ ଜୀବନରେ ଯୋଗକୁ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ଶିବିରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ ଓ ସ୍ଥାନୀୟ ଅଞ୍ଚଳର ପ୍ରାୟ ୬୦ ଜଣ ପ୍ରତିଯୋଗୀ ସାମିଲ ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ।

## ତିଗିରିଆରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




କଟକ,୨୨।୬ (ସଂଚାର ବ୍ୟୁରୋ)ଃ ତିଗିରିଆ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ତିଗିରିଆ ମଣ୍ଡଳ ଉନ୍ନୟନ ଅଧିକାରୀ, ଆରକ୍ଷୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ତଥା ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆଜିର ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୬ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୩ଟି ସାମୂହିକ ଅଭିଯୋଗ ରହିଥିଲା। ଜନସାଧାରଣଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ଅଭିଯୋଗ ମଧ୍ୟରେ ଭତ୍ତା, ପାନୀୟ ଜଳ, ରାସ୍ତାଘାଟ, ଜମିଜମା, ରାଜସ୍ୱ, କୃଷି, ଗ୍ରାମୀଣ ଉନ୍ନୟନ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନା ସମ୍ବନ୍ଧୀୟ ବିଷୟ ପ୍ରମୁଖ ଥିଲା। ଜିଲ୍ଲାପାଳ ଶିନ୍ଦେ ଅଭିଯୋଗର ଗୁରୁତ୍ୱକୁ ବିଚାରକୁ ନେଇ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ହାଇକୋର୍ଟର ନାମ, ଓରିଶାରୁ ଓଡ଼ିଶା କେବେ ?




ଭୁବନେଶ୍ୱର,୨୨।୬ଃ ବାଲେଶ୍ୱର ସମେତ ରାଜ୍ୟର କେତେକ ସ୍ଥାନର ଇଂରାଜୀ ବନାନ ରାଜ୍ୟ ସରକାର ସଂଶୋଧନ କରିବା ପରେ ଓଡ଼ିଶାରେ ଥିବା ହାଇକୋର୍ଟର ନାମ କେବେ ସଂଶୋଧନ ହେବ ସେଥିନେଇ ବିଭିନ୍ନ ମହଲରୁ ଆଗ୍ରହ ପ୍ରକାଶ ପାଇଛି।

ଏଠାରେ ଉଲ୍ଲେଖନୀୟ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରାୟ ୧୨ବର୍ଷ ପରେ ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା କଟକରେ। ସେତେବେଳେ ଓଡ଼ିଶାର ନାମ ଇଂରେଜମାନେ 'ଓରିଶା' ବୋଲି ଲେଖୁଥିଲେ। କେବଳ ସେତିକି ନୁହେଁ, ଆମ ଭାଷାର ନାମ ଇଂରାଜୀରେ 'ଓରିଆ' ବୋଲି ଲେଖାଯାଉଥିଲା। ଲଗାତାର ଭାବେ ୭୦ ବର୍ଷରୁ ଅଧିକ ସମୟ ଧରି ଏହା ସଂଶୋଧନ କରିବା ଲାଗି ବାରମ୍ବାର ଦାବି ହେଉଥିଲା। ଶେଷରେ କେନ୍ଦ୍ର ସରକାର ଓଡ଼ିଶାର ଦାବିକୁ ମାନିନେଇ ରାଜ୍ୟର ନାମକୁ ଇଂରାଜୀରେ ଓରିଶାରୁ ଓଡ଼ିଶା ଓ ଭାଷାର ନାମ ଓରିଆରୁ ଓଡ଼ିଆକୁ ସଂଶୋଧନ କରିଥିଲେ। ଏଥିପାଇଁ ସଂସଦରେ ସ୍ୱତନ୍ତ୍ର ବିଧେୟକ ପାରିତ ହୋଇଥିଲା। ଏହାପରେ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଲା ଓ ସେହି ଆଧାରରେ ରାଜ୍ୟ ସରକାର ମଧ୍ୟ ବିଜ୍ଞପ୍ତି ପ୍ରକାଶ କରି ସଂଶୋଧନ କରିଥିଲେ।

ପୂର୍ବରୁ ଓଡ଼ିଶାରେ ପଞ୍ଜିକୃତ ହୋଇଥିବା ମୋଟର ଯାନଗୁଡ଼ିକର ନମ୍ବରରେ ଓଆର୍ ଲେଖାଯାଉଥିଲା। ରାଜ୍ୟର ନାମ ସଂଶୋଧିତ ହେବା ପରେ ପଞ୍ଜିକୃତ ହୋଇଥିବା ମୋଟର ଯାନଗୁଡ଼ିକ ନମ୍ବରରେ ଓଡି ଲେଖାଗଲା। ପ୍ରାୟ ୧୪ବର୍ଷ ତଳେ ଏହି ସଂଶୋଧନ କରାଯାଇଥିଲେ ମଧ୍ୟ ଏଯାବତ୍ ଆମ ରାଜ୍ୟ ହାଇକୋର୍ଟର ନାମ ଇଂରାଜୀରେ 'ହାଇକୋର୍ଟ ଅଫ୍ ଓରିଶା' ବୋଲି ଲେଖାଯାଇଛି। ହାଇକୋର୍ଟ ସୌଧ ଉପରେ ଥିବା ଫଳକରେ ଏହା ଜଳଜଳ ଦିଶୁଛି। ଏହାଛଡ଼ା ହାଇକୋର୍ଟଙ୍କ ସମସ୍ତ ରାୟ, ଆଦେଶନାମା ଆଦିରେ ମଧ୍ୟ ଓରିଶା ଲେଖାଯାଉଛି। କେବଳ ସେତିକି ନୁହେଁ, ଆମ ହାଇକୋର୍ଟରେ ଯେତେ ମାମଲା ରୁଜୁ ହେଉଛି ଏବଂ ଯେତେ ସତ୍ୟପାଠ ଦାଖଲ ହେଉଛି ସେଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ବେସରକାରୀ ବ୍ୟକ୍ତିମାନଙ୍କ ପକ୍ଷରୁ ଦାଖଲ ହେଉଥିବା ସତ୍ୟପାଠରେ ମଧ୍ୟ ଓରିଶା ବୋଲି ଲେଖାଯାଉଛି।

ରାଜ୍ୟ ନାମର ଇଂରାଜୀ ବନାନ ସାମ୍ବିଧାନିକ ପ୍ରକ୍ରିୟାରେ ସଂଶୋଧିତ ହୋଇସାରିଥିବା ବେଳେ ହାଇକୋର୍ଟଙ୍କ ନାମ କିନ୍ତୁ ଏଯାବତ୍ ଓରିଶାରୁ ଓଡ଼ିଶାକୁ ବଦଳିପାରିନାହିଁ। ହାଇକୋର୍ଟଙ୍କ ନାମ ପରିବର୍ତ୍ତନ କିମ୍ବା ସଂଶୋଧନ ପାଇଁ ଯେଉଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ତାହାର ଅନୁପାଳନ କରି ତୁରନ୍ତ ଏହି ସଂଶୋଧନ କରାଇବା ପାଇଁ ପଦକ୍ଷେପ ନେବାକୁ ଜଣାଶୁଣା ଆଇନ୍‌ଜୀବୀ ପ୍ରହଲାଦ କୁମାର ସିଂହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅତୀତରେ ଏ ପ୍ରସଙ୍ଗରେ ଆଇନ୍‌ଜୀବୀ ପରିଷଦ ଓ ବିଭିନ୍ନ ଓକିଲ ସଂଘ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ହାଇକୋର୍ଟଙ୍କ ନାମର ଇଂରାଜୀ ବନାନ ସଂଶୋଧନ ପାଇଁ ପ୍ରସ୍ତାବ ଦେଇ ଆସିଛନ୍ତି। ଆଇନ୍‌ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଆଦି ବହୁ ସମୟରେ ଏ ସମ୍ପର୍କରେ ସକାରାତ୍ମକ ବକ୍ତବ୍ୟ ଦେଇଛନ୍ତି। ହାଇକୋର୍ଟ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ସରକାର ଯୋଗାଯୋଗ ସ୍ଥାପନ କରି ସୁପ୍ରିମକୋର୍ଟ ଓ କେନ୍ଦ୍ର ସରକାରଙ୍କ ମାଧ୍ୟମରେ ଏହି ସଂଶୋଧନ ଆଣିବା ପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜିରୋ କାଜୁଆଲ୍‌ଟି...

ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିଶେଷକରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରୀକ୍ଷଣ ସମିତି' ଗଠନ କରାଯାଇଛି। ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଓଡ଼ିଶାର ଦକ୍ଷ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍‌ଟି' (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଗତବର୍ଷ ଅକ୍ଟୋବରରେ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ସାମୁଦ୍ରିକ ବାତ୍ୟା 'ମୋନ୍ଥା' ଏବଂ ପୂର୍ବର 'ଦାନା' ବାତ୍ୟା ସମୟରେ ରାଜ୍ୟର ଦକ୍ଷ ପରିଚାଳନା ଦେଖିବାକୁ ମିଳିଥିଲା। ମୋନ୍ଥା ଦ୍ୱାରା ରାଜ୍ୟର ୧୧ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୩୮ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟରେ ୩୩ଟି ଓଡ୍ରାଫ, ୫ଟି ଏନଡିଆରଏଫ ଓ ୧୨୩ଟି ଅଗ୍ନିଶମ ବାହିନୀ ନିୟୋଜିତ ହୋଇ ରେକର୍ଡ ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆମ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଚାଷୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର 'ଅଦିନିଆ ବର୍ଷା'କୁ ଏକ 'ରାଜ୍ୟ-ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ' ଭାବେ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

### ୧୫ ଛାତ୍ରଛାତ୍ରୀ...

ସକାଶେ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାର କିମ୍ବା ନିକଟ ସମ୍ପର୍କୀୟଙ୍କ ସକାଶେ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ସକାଶେ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବା ଜଣାପଡ଼ିଛି। ପୁଲିସ ଓ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, କୋଚିଂ ସେଣ୍ଟର ଚାଲୁଥିବା ତିନି ମହଲା କୋଠାର ସବା ଉପର ମହଲାରେ ପ୍ରଥମେ ନିଆଁ ଲାଗିଥିଲା ଓ ପରେ ତାହା ତୀବ୍ର ଗତିରେ ଅନ୍ୟ ମହଲାକୁ ବ୍ୟାପୀଯାଇଥିଲା। ନିଆଁ ଲାଗିଯିବା ପରେ ସମଗ୍ର କୋଠାକୁ କଳାଧୂଆଁ ଘେରିଯାଇଥିଲା। କୋଠାରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ପ୍ରଥମେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଜୀବନ ବିକଳରେ ୫/୬ ଜଣ ଛାତ୍ର କୋଚିଂ ସେଣ୍ଟରର କୋଠାର ପ୍ରଥମ ମହଲାରୁ ତଳକୁ ଡେଇଁପଡ଼ିଥିବା ମଧ୍ୟ ଦେଖାଯାଇଛି। ଏଥିରେ ସେମାନଙ୍କ ହାତଗୋଡ଼ ଭାଙ୍ଗି ଯାଇଥିବାରୁ ସେମାନେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତେବେ ଶର୍ଟସର୍କିଟ୍ କିମ୍ବା ସ୍ପାର୍କ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଜଣେ ସ୍ଥାନୀୟ ଅଧିବାସୀ କହିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ସଠିକ କାରଣ ନେଇ କିଛି ବି ଜଣାପଡ଼ିନାହିଁ। ପ୍ରାପ୍ତ ତଥ୍ୟ ଅନୁଯାୟୀ, କୋଠାଟି ଏକ ବ୍ୟାବସାୟିକ ପ୍ରତିଷ୍ଠାନ ଥିବା ବେଳେ ଏଥିରେ କୋଚିଂ ସେଣ୍ଟରକୁ ବାଦ୍ ଦେଇ ଏକ ଗେମ୍ ଜୋନ୍, ପଶୁ ସାମଗ୍ରୀ ଦୋକାନ ଓ ପେଟ୍ କ୍ଲିନିକ୍ ମଧ୍ୟ କାର୍ଯ୍ୟ କରୁଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ୍ ପାଠକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦାରଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ପ୍ରଭାବିତ ହୋଇଥିବା ପରିବାର ସହ ଯୋଗାଯୋଗ କରିବା ପାଇଁ ତାଙ୍କର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଆଲିଗଡ଼ରେ ଥିବା ଅଧିକାରୀମାନଙ୍କୁ ତୁରନ୍ତ ଲକ୍ଷ୍ନୌରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିକାଣ୍ଡରେ ୧୪ ଜଣ ଛାତ୍ର ପୋଡ଼ି ମରିଥିବା ଖବରକୁ ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ବ୍ରଜେଶ୍ ପାଠକ ପୁଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ, ଆଦିତ୍ୟନାଥ, ରାଷ୍ଟ୍ରପତି ଓ କଂଗ୍ରେସ ସାଂସଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ବଢ଼ିଲା ଆଇନଜୀବୀଙ୍କ...

ଅଭିଜ୍ଞତା ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ପାଇବ। ଅବସର ଓ ଦେହାନ୍ତ କ୍ଷେତ୍ରରେ ଏହି ସହାୟତା ମିଳିବ। ୩୦ ବର୍ଷ କାର୍ଯ୍ୟରତ ଥିଲେ ଅବସର କ୍ଷେତ୍ରରେ ସମ୍ପୃକ୍ତ ଆଇନଜୀବୀଙ୍କୁ କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୬ ଲକ୍ଷ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ଏହା ସର୍ବାଧିକ ସହାୟତା ପରିମାଣ।

### ଡିଜିପିଙ୍କୁ ରିପୋର୍ଟ...

ଘଟଣା ନେଇ ଏନ୍‌ସିଡବ୍ଲ୍ୟୁ କ୍ଷୋଭ ପ୍ରକାଶ କରିବା ସହ ସଭ୍ୟ ସମାଜରେ ଏପରି ଲଜ୍ଜାଜନକ ଘଟଣାର କୌଣସି ସ୍ଥାନ ନାହିଁ ତେଣୁ ପ୍ରଶାସନ ଏପରି ସମ୍ବେଦନଶୀଳ ଘଟଣାରେ ତ୍ୱରିତ ଓ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କମିଶନ୍ କହିଛନ୍ତି। ସେହିପରି ଏହି ମାମଲାରେ ଓଡ଼ିଶା ରାଜ୍ୟ ମହିଳା କମିଶନର୍ ଅଧ୍ୟକ୍ଷା ଶୋଭନା ମହାନ୍ତି ମଧ୍ୟ ଗଭୀର କ୍ଷୋଭ ପ୍ରକାଶ କରିବା ସହ ରାୟଗଡ଼ା ଏସ୍‌ପିଙ୍କୁ ଘଟଣାର ସବିଶେଷ ତଦନ୍ତ କରିବା ସହ ଅବିଳମ୍ବେ ଚାର୍ଜଶିଟ୍ ଦାଖଲ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

### ୫ ଓଡ଼ିଆ ଶ୍ରମିକ...

ତିରୁଭଲ୍ଲୁରେ ପହଞ୍ଚି ତାମିଲନାଡୁ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ଆହତ ଶ୍ରମିକଙ୍କ ଚିକିତ୍ସା ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ସହାୟତା ଜାରି ରଖିଛନ୍ତି। ସେପଟେ ଚେନ୍ନାଇରେ ଘଟିଥିବା ଦୁର୍ଭାଗ୍ୟଜନକ ଗ୍ୟାସ ଲିକ୍ ଘଟଣା ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଟିମ୍ ଚେନ୍ନାଇରେ ପହଞ୍ଚିଛନ୍ତି। ଟିମ୍‌ର ନେତୃତ୍ୱ ନେଉଥିବା ଶ୍ରମ ଓ ଇଏସଆଇ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲାଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଜଣେ ମୃତ ଶ୍ରମିକଙ୍କ ମୃତଦେହ ଗତକାଲି ରାତିରେ ଚେନ୍ନାଇକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆଜି ତାଙ୍କର ବ୍ୟବଚ୍ଛେଦ ପରୀକ୍ଷା କରାଯାଇଛି। ଓଡ଼ିଶା ଟିମ୍‌ର ସଦସ୍ୟ ଏମଏମ ପାଇକ ଚେନ୍ନାଇରେ ରହି ଯୁଗ୍ମ ଶ୍ରମ ଆୟୁକ୍ତ ଓ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ପୋଷ୍ଟମର୍ଟମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରିବେ। ରାଜେଶ ଅଗ୍ରୱାଲା ଓ ବିବି ଆଚାର୍ଯ୍ୟ ଚେନ୍ନାଇରେ ପହଞ୍ଚିବା ପରେ ତିରୁଭାଲ୍ଲୁର ଅଭିମୁଖେ ଯିବେ। ସେଠାରେ ଚିକିତ୍ସାଧୀନ ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା କରାଯିବ।

### ସଭ୍ୟପଦ ରଦ୍ଦ...

କରିଥିଲେ। ଆଜି ବାଚସ୍ପତି ଆବେଦନ ଉପରେ ବିଚାର କରି କହିଛନ୍ତି ଯେ ଦୁଇ ଦଳ ଦ୍ୱାରା ଦାଖଲ ହୋଇଥିବା ପିଟିସନ ଓ ଏ ସଂକ୍ରାନ୍ତ ଦସ୍ତାବିଜଗୁଡ଼ିକରେ ସିଭିଲ୍ ପ୍ରୋସିଜିଓର କୋଡ୍ (ସିପିସି) ୧୯୮୦ ଅନୁଯାୟୀ ସଠିକ ଭାବେ ସ୍ୱାକ୍ଷରିତ ଓ ସତ୍ୟପାଠ ଦିଆଯାଇ ନ ଥିଲା। ଏହା ଦଳବଦଳ ବିରୋଧୀ ଆଇନ-୧୯୮୭ର ନିୟମ ୬(୬) ଓ ୬(୭)ର ବାଧ୍ୟତାମୂଳକ ସର୍ତ୍ତକୁ ପାଳନ କରୁନାହିଁ। ଏହି ଆବେଦନଗୁଡ଼ିକ ଅସ୍ପଷ୍ଟ, ଭ୍ରମାତ୍ମକ ଓ ପ୍ରମାଣବିହୀନ ହୋଇଥିବାରୁ ଏହା ଦଳବଦଳ ବିରୋଧୀ ଆଇନର ନିୟମ ୭(୨)ର ପରିସରଭୁକ୍ତ ହେଉଛି। ଏହି ନିୟମ ୭(୨)ର ପ୍ରାବଧାନ ଓ ପ୍ରଦତ୍ତ କ୍ଷମତା ଅନୁସାରେ ଯଦି କୌଣସି ଆବେଦନ ନିୟମ-୬ର ଆଇନଗତ ପ୍ରକ୍ରିୟା ପୂରଣ କରି ନ ଥାଏ, ତେବେ ଉକ୍ତ ମାମଲାର ଭିତରକୁ ନ ଯାଇ ତାକୁ ପ୍ରାରମ୍ଭିକ ସ୍ତରରୁ ହିଁ ବାଚସ୍ପତି ଚାହିଁଲେ ସିଧାସଳଖ ଖାରଜ କରିପାରିବେ। ସଭ୍ୟପଦ ରଦ୍ଦ ଦସ୍ତାବିଜ ଅଗ୍ରାହ୍ୟ ହେବା ପରେ ଏବେ ଉଭୟ ବିଜେଡି ଓ କଂଗ୍ରେସ ଦଳର ନେତାମାନଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇ ଦଳରେ ଥିବା ବରିଷ୍ଠ ନେତାମାନେ କ'ଣ ସତ୍ୟପାଠ ଦାଖଲ ଭଳି ସାମାନ୍ୟ ପ୍ରକ୍ରିୟା ସଂକ୍ରାନ୍ତରେ ଅବଗତ ନ ଥିଲେ ନା ଜାଣିଶୁଣି ଏଭଳି କରିଛନ୍ତି। ଯଦି ଏଭଳି କରିବାର ଥିଲା ତେବେ ବାଚସ୍ପତିଙ୍କ ନିକଟରେ ଆବେଦନ କରି ଲୋକହସା ହେବାର ନ ଥିଲା ବୋଲି ଦଳୀୟ କର୍ମୀମାନେ ଏବେ କହି ବୁଲୁଛନ୍ତି। ସେପଟେ ବିଜେଡିର ତୁଙ୍ଗ ନେତାଙ୍କ ଯୁକ୍ତି ହେଉଛି, ସମ୍ବିଧାନର ୧୦ମ ପରିଚ୍ଛେଦ ଅନୁଯାୟୀ ଜଣେ ବିଧାୟକ ଯେଉଁ ଦଳରୁ ନିର୍ବାଚିତ ହୋଇଥାଏ, ସେହି ଦଳର ନିଷ୍ପତ୍ତି ବିରୋଧରେ ଆଚରଣ ଓ ଉଚ୍ଚାରଣ କରିବା ଦଳର ସଦସ୍ୟତା ପରିତ୍ୟାଗ କରିବା ସହ ସମାନ। ଆଉ ଏହି ୮ ଜଣ ବିଧାୟକ ନିଜ ଆଚରଣ ଦ୍ୱାରା ଦଳର ସଦସ୍ୟତା ସ୍ୱଇଚ୍ଛାରେ ପରିତ୍ୟାଗ କରିଛନ୍ତି ବୋଲି ଜଣାପଡୁଛି। ତେବେ ରାଜନୈତିକ ବିଶ୍ଲେଷକମାନଙ୍କ ମତରେ ରାଜ୍ୟସଭା ନିର୍ବାଚନ ଭୋଟରେ ଦଳୀୟ ହ୍ୱିପ ବ୍ୟବସ୍ଥା ନାହିଁ ଯେହେତୁ ମୁଖିଆଙ୍କ କଥା ନ ମାନି ବିଧାୟକମାନେ ଭୋଟ ଦେଇଛନ୍ତି। ତେଣୁ ଇଜ୍ଜତ ବଞ୍ଚାଇବା ପାଇଁ ସଭ୍ୟପଦ ରଦ୍ଦ ଦୌଡ଼ ଚାଲିଛି।

### ମାଓବାଦୀଙ୍କ ଅସ୍ତ୍ର...

ସଦସ୍ୟମାନଙ୍କର ହୋଇଥାଇପାରେ। ଏହି ସାମଗ୍ରୀ ସାଧାରଣ ଲୋକ ଓ ସୁରକ୍ଷା ବାହିନୀଙ୍କ ବିରୋଧରେ ବ୍ୟବହାର ପାଇଁ ମହଜୁଦ ରଖାଯାଇଥିବା ଅନୁମାନ କରାଯାଉଛି।

### କଟକ ସିଡିଏମଓ...

ହେଉନି। ମିନିଷ୍ଟରିଆଲ ଷ୍ଟାଫ ନିଯୁକ୍ତି ନିୟମାବଳୀର ଆଳ ଦେଖାଇ ତାଙ୍କର ବଦଳି ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରଶ୍ନ ଉଠୁଛି ଯେ ରାଜ୍ୟର ସବୁ ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଦଳି ନୀତି ରହିଛି। ଜଣେ ଗୋଟିଏ ନିର୍ଦ୍ଦିଷ୍ଟ ପଦରେ ୩ ବର୍ଷରୁ ଅଧିକ ରହିପାରିବେ ନାହିଁ। ହେଲେ ସିଡିଏମଓ କାର୍ଯ୍ୟାଳୟର ଏହି ଜଣେ ଅଧିକାରୀଙ୍କ ପାଇଁ ସବୁ ନିୟମ କାହିଁକି ବଦଳିଯାଉଛି, ସେନେଇ ଚର୍ଚ୍ଚା ହେଉଛି। ଚର୍ଚ୍ଚା ହେଉଛି କଟକ ସିଡିଏମଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତେ କୁଆଡ଼େ ତାଙ୍କ ପାଖରେ ହାର ମାନିଯାଉଛନ୍ତି। ତାଙ୍କଠାରେ ହାତ ମାରିବାକୁ କୁଆଡ଼େ କାହାର ସାହସ ହେଉନାହିଁ। ବିଜେଡି ସରକାର ଅମଳରେ ପୋଷ୍ଟିଂ ପାଇଥିବା ଏହି ଅଧିକାରୀଙ୍କ ମୁଣ୍ଡ ଉପରେ କୁଆଡ଼େ ସେତେବେଳର କଟକ ଜିଲ୍ଲାର ମୁଣ୍ଡିଆଳ ବିଜେଡି ନେତାଙ୍କ ହାତ ଥିଲା। ସରକାର ବଦଳିବା ପରେ ସିଡିଏମଓ କାର୍ଯ୍ୟାଳୟର କିଛି କର୍ମଚାରୀ ଭାବିଥିଲେ ଏବେ ତାଙ୍କର ବଦଳି ହେବ। ହେଲେ ସାରୁ ପରିବା ଭଳି ସେ ବିଜେଡି ନେତାଙ୍କ ସହ ଯେମିତି ଘୋଳି ହୋଇଥିଲେ, ବିଜେପି ନେତାଙ୍କୁ ସେମିତି ପକେଟସ୍ଥ କରିସାରିଛନ୍ତି, ଯେଉଁଥିପାଇଁ ତାଙ୍କଠି ହାତ ମାରିବାକୁ ଭୟ।

# ଆଦାୟ ହେଉନି ହଜାର କୋଟି ଟଙ୍କାର ଜରିମାନା



**କେନ୍ଦୁଝର ଖଣି କ୍ଷେତ୍ରରେ ବକେୟା ୬୩୦୦ କୋଟି**

**ଅବୈଧ ଖନନ ଓ ଗ୍ରେଡ୍ ହେରଫେର ଅଭିଯୋଗ ଜାରି**

**ଯୋଡ଼ା,୨୨ା୬ (ସଂଚାର ବ୍ୟୁରୋ):** ସର୍ବୋଚ୍ଚ ନ୍ୟାୟାଳୟଙ୍କ କଠୋର ନିର୍ଦ୍ଦେଶ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସତ୍ତ୍ୱେ କେନ୍ଦୁଝର ଜିଲ୍ଲାର ଖଣି କ୍ଷେତ୍ରରେ ଅବୈଧ ଖନନ ମାମଲାରେ ଲାଗିଥିବା ହଜାର ହଜାର କୋଟି ଟଙ୍କାର ଜୋରିମାନା ଅର୍ଥ ଏପର୍ଯ୍ୟନ୍ତ ଆଦାୟ ହୋଇପାରିନାହିଁ। ଏହାକୁ ନେଇ ସରକାରୀ ବ୍ୟବସ୍ଥା ଓ ଆଦାୟ ପ୍ରକ୍ରିୟା ଉପରେ ପୁଣିଥରେ ପ୍ରଶ୍ନ ଉଠିଛି।

ଉପଲବ୍ଧ ତଥ୍ୟ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ୨୩ଟି ଖଣି ସହ ସଂପୃକ୍ତ ୩୧ ଜଣ ଲିଜ୍‌ଧାରୀଙ୍କ ନିକଟରେ ପ୍ରାୟ ୬୩୦୦ କୋଟି ଟଙ୍କାର ଜୋରିମାନା ବକେୟା ରହିଛି। ୨୦୧୭ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଐତିହାସିକ ରାୟ ଅନୁଯାୟୀ ଅବୈଧ ଖଣି ଖନନ ପାଇଁ ଏହି ଜୋରିମାନା ଲଗାଯାଇଥିଲା। ରାୟ ଅନୁସାରେ ଜୋରିମାନା ପୈଠ କରିବାର ଅନ୍ତିମ ସମୟ ୩୧ ଡିସେମ୍ବର ୨୦୧୭ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଅନେକ ଲିଜ୍‌ଧାରୀ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାଶି ଦାଖଲ କରିନାହାନ୍ତି।

କେନ୍ଦୁଝରର ଶିବଦତ୍ତ ଶର୍ମା, ବିପିଏନଇ, ନାରାୟଣୀ ଆଣ୍ଡ ସନ୍ସ, ବି.କେ. ମହାନ୍ତି, ସିରାଜୁଦ୍ଦିନ, ଓଏମସିର ଠାକୁରାଣୀ ଖଣି ଏବଂ ବାସୁଦେବ ଅଗ୍ରୱାଲଙ୍କ ସଂସ୍ଥା ଉପରେ ମୋଟ ପ୍ରାୟ ୧,୯୭୭ କୋଟି ଟଙ୍କାର ଜୋରିମାନା ବକେୟା ରହିଥିବା ସୂଚନା ମିଳିଛି। ଏହି ସଂସ୍ଥାମାନଙ୍କ ସମ୍ପତ୍ତି ଜବତ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

ଯୋଡ଼ା ଅଞ୍ଚଳର ସାରଦା ଖଣି କମ୍ପାନୀ ଅଧୀନସ୍ଥ ଯୋଡ଼ା ଠାକୁରାଣୀ-ବି ଖଣି ଉପରେ ୨୫୬ କୋଟି ଟଙ୍କାର ବକେୟା ଜୋରିମାନା ରହିଛି। କମ୍ପାନୀ ଏହି ମାମଲାକୁ ନେଇ ନ୍ୟାୟାଳୟର ଆଶ୍ରୟ ନେଇଥିବା ବେଳେ ଲିଜ୍ ଅବଧି ଶେଷ ହେବା ପରେ ମଧ୍ୟ ଖଣି ପରିଚାଳନା ଜାରି ରଖିବାକୁ ଅନୁମତି ମିଳିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ କୋଇଡା ଓ ଯୋଡ଼ା ଖଣି କ୍ଷେତ୍ରରେ ଲୌହପଥରର ଗ୍ରେଡ୍ ହେରଫେର ଅଭିଯୋଗରେ ଜେଏସଡବ୍ଲୁ ଷ୍ଟିଲ ଏବଂ ଯାଜଦାନି ଷ୍ଟିଲ ଉପରେ ପ୍ରାୟ ୫୭୯.୭୨ କୋଟି ଟଙ୍କାର ବକେୟା ରହିଛି। ସମ୍ପୃକ୍ତ କମ୍ପାନୀମାନେ ମଧ୍ୟ ଅଦାଲତରୁ ରହିତାଦେଶ ଆଣିଥିବା ଜଣାପଡ଼ିଛି।

ଓଡ଼ିଶା ମାଇନିଂ କର୍ପୋରେସନ (ଓଏମସି) ଉପରେ ମଧ୍ୟ ୪,୩୬୪.୧୫ କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ବଡ଼ ଅଂଶ ଏପର୍ଯ୍ୟନ୍ତ ବକେୟା ରହିଥିବା ନେଇ ଚର୍ଚ୍ଚା ଚାଲିଛି। ଫଳରେ କେନ୍ଦୁଝର ଜିଲ୍ଲା ରାଜ୍ୟର ସର୍ବାଧିକ ବକେୟା ଜୋରିମାନା ଥିବା ଜିଲ୍ଲା ଭାବେ ଚିହ୍ନଟ ହୋଇଛି।

ବକେୟା ଆଦାୟ ପାଇଁ ଜିଲ୍ଲା ପ୍ରଶାସନ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ-୧୯୬୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। କେନ୍ଦୁଝର ଜିଲ୍ଲାପାଳ ୨୩ ଜଣ ଲିଜ୍‌ଧାରୀଙ୍କୁ ନୋଟିସ୍ ଜାରି କରିଥିବା ବେଳେ ବକେୟା ରାଶି ପୈଠ ନକଲେ ଜମି, ଘର ଓ ବ୍ୟାଙ୍କ ଜମାରାଶି ଜବତ କରାଯିବ ବୋଲି ସତର୍କ କରାଯାଇଛି।

ତେବେ ସିଏଜି ରିପୋର୍ଟରେ ମଧ୍ୟ ଉଲ୍ଲେଖ ହୋଇଛି ଯେ, ସମ୍ପୃକ୍ତ ବିଭାଗ ପକ୍ଷରୁ ଦୃଢ଼ ଓ ତ୍ୱରିତ ପଦକ୍ଷେପ ଗ୍ରହଣ ନକରାଯାଇଥିବାରୁ ଜୋରିମାନା ଆଦାୟ ପ୍ରକ୍ରିୟା ଧୀର ଗତିରେ ଚାଲିଛି। ଏହାର ପ୍ରଭାବରେ ହଜାର ହଜାର କୋଟି ଟଙ୍କା ଏପର୍ଯ୍ୟନ୍ତ ସରକାରୀ ତହବିଲକୁ ଆସିପାରିନାହିଁ।

ଏହା ଉପରେ ରାଜ୍ୟ ସରକାର ଏବଂ ବିଶେଷକରି ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି କଠୋର ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରିଛନ୍ତି।

## ୪ଟି ନିର୍ବାଚନ ମଣ୍ଡଳୀର ପରିଗଣନା ଫର୍ମର ଡିଜିଟାଇଜେସନ୍ ସମ୍ପୂର୍ଣ୍ଣ




**ସୁନ୍ଦରଗଡ଼,୨୨ା୬ (ସଂଚାର ବ୍ୟୁରୋ):** ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍ ଅନ୍ତର୍ଗତ ପରିଗଣନା ଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ଜୁନ୍ ମାସ ୨୮ ତାରିଖରେ ସମାପ୍ତ ହେବ ଏହି ପରିଗଣନା ଫର୍ମ ବଣ୍ଟନ ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାର ଚାରି ଗୋଟି ନିର୍ବାଚନ ମଣ୍ଡଳୀର ପରିଗଣନା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ଶତ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ତିନି ଗୋଟି ନିର୍ବାଚନ ମଣ୍ଡଳୀ ହେଉଛି ୮-ତଲସରା, ୯-ସୁନ୍ଦରଗଡ଼, ୧୪- ବଣାଇ ଓ ୧୩- ରାଜଗାଙ୍ଗପୁର ।

ଏହି ଅବସରରେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଏହି ଚାରି ଗୋଟି ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସମସ୍ତ ବିଏଲଓ, ସୁପରଭାଇଜର ତଥା ଏହି କାର୍ଯ୍ୟରେ ଥିବା ଅନ୍ୟାନ୍ୟ ସମସ୍ତ କର୍ମଚାରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଚୂଡ଼ାନ୍ତ ପ୍ରକାଶନ ପର୍ଯ୍ୟନ୍ତ ଏହି ଭଳି ସକ୍ରିୟ କାର୍ଯ୍ୟ ସମ୍ପାଦନ କରିବାକୁ ଉତ୍ସାହିତ କରାଯାଇଥିଲା।

## ମା' ରାମଚଣ୍ଡି ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ଚୋରି



**ନୀଳଗିରି,୨୨ା୬ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ କାନପୁର ଗ୍ରାମରେ ଥିବା ବହୁ ପୁରାତନ ପ୍ରତ୍ୟକ୍ଷଦେବି ମା ରାମଚଣ୍ଡୀ ଙ୍କ ମନ୍ଦିରରୁ ଗତ ୨୧ ତାରଖ ରବିବାର ବିଳମ୍ବିତ ରାତ୍ରି ରେ କୌଣସି ଦୁର୍ବୃତ୍ତ ମନ୍ଦିର ଗ୍ରିଲ ଚାବି ଭାଙ୍ଗି ୨ ଗୋଟି ରୂପା ମୁକୁଟ, ୨ ଗୋଟି ଘଣ୍ଟି, ଏକଗୋଟି ସୁନାଚିତା ଚୋରି ହୋଇଥିବା ନେଇ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ମା ରାମଚଣ୍ଡୀ ଙ୍କ ପୂଜକ (ଦେଉରି)ଙ୍କ ସହିତ ଗ୍ରାମର ୪/୫ ଜଣ ଶ୍ରଦ୍ଧାଳୁ ପୂଜା ପାଇଁ ମାଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ଗ୍ରିଲ ଚାବି ଭଙ୍ଗାଯାଇ ଦ୍ୱାର ଖୋଲା ଥିବା ଦେଖିବାକୁ ପାଇଥିଲେ। ପରେ ଦେଉରି ମନ୍ଦିର କମିଟି ସଦସ୍ୟଙ୍କୁ ଅବଗତ କରାଇଥିଲେ। ତେବେ କମିଟି ସଦସ୍ୟ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଈଶ୍ୱରପୁର ଫାଣ୍ଡି ଅଧିକାରୀ ଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। କିଛି ସମୟ ବ୍ୟବଧାନରେ ଫାଣ୍ଡି ଅଧିକାରୀ ସଦଳବଳେ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି।

## ଅରବିନ୍ଦ ନାୟକ ଧାମନଗର ବ୍ଲକ କଂଗ୍ରେସ ସଭାପତି



**ଧାମନଗର,୨୨ା୬ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ କଂଗ୍ରେସ ଦଳରେ ଦିର୍ଘ ବର୍ଷ ଧରି ଦେଖାଯାଉଥିବା ସାଙ୍ଗଠନିକ ଦୁର୍ବଳତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସାଙ୍ଗଠନିକ ଉପସଭାପତି ସନ୍ତୋଷ ସିଂ ସାଲୁଜା ବିଧିବଦ୍ଧ ଭାବରେ ଅରବିନ୍ଦ ନାୟକଙ୍କ ନାମ ଧାମନଗର ବ୍ଲକ ସଭାପତି ଭାବେ ଘୋଷଣା କରିବା ସହ ଭଦ୍ରକ ଜିଲ୍ଲା କଂଗ୍ରେସ ଦଳର ସଭାପତି ନଳିନୀକାନ୍ତ ମହାନ୍ତିଙ୍କୁ ଏକ ଚିଠି ମାଧ୍ୟମରେ ଅବଗତ କରାଯାଇଛି।ବ୍ଲକ ସଭାପତି ଭାବେ ଅରବିନ୍ଦ ନାୟକଙ୍କୁ ଦାୟିତ୍ୱ ମିଳିଥିବାରୁ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ନୂତନ ଦାୟିତ୍ୱ ପାଇବା ପରେ କଂଗ୍ରେସ ଦଳର କର୍ମୀମାନେ ଅରବିନ୍ଦ ନାୟକଙ୍କୁ ତାଙ୍କ ବାସ ଭବନରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ଦଳର ବରିଷ୍ଠ ନେତା ଓ କର୍ମୀମାନେ ତାଙ୍କ ନେତୃତ୍ୱରେ ଧାମନଗରରେ କଂଗ୍ରେସ ସଂଗଠନ ଅଧିକ ସୁଦୃଢ଼ ଓ ସକ୍ରିୟ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ।

ଦୀର୍ଘ ଦିନ ଧରି କଂଗ୍ରେସ ସଂଗଠନ ସହ ଜଡିତ ରହି ଦଳ ପାଇଁ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିଆସୁଥିବା ଅରବିନ୍ଦ ନାୟକ ନିଜର ସାଂଗଠନିକ ଦକ୍ଷତା ଓ ନେତୃତ୍ୱ ପାଇଁ ଏହି ଦାୟିତ୍ୱ ପାଇଥିବା କୁହାଯାଉଛି। ନୂତନ ଦାୟିତ୍ୱ ପାଇବା ପରେ ସେ ଦଳର ନୀତି, ଆଦର୍ଶକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ତୃଣମୂଳ ସ୍ତରରେ କିପରି ସଂଗଠନକୁ ମଜବୁତ କରିହେବ୍ୱ ତାହା ମୋର ପ୍ରଥମ ଲକ୍ଷ୍ୟ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିବାଦ**

## ଦଶ ଦଫା ଦାବିରେ ସାଇଁକୁଳ ଆଞ୍ଚଳିକ ବିକାଶ ପରିଷଦ ଗଣଧାରଣା

**ଦାବି ପୂରଣ ନହେଲେ ହଟିବୁ ନାହିଁ**




**ଆନନ୍ଦପୁର,୨୨ା୬ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ତେଜିଛି ଅସନ୍ତୋଷ। ଦଶ ଦଫା ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ ଓ ସାଇଁକୁଳ ମା' ଦୁର୍ଗା ବଣିକ ସଂଘ ପକ୍ଷରୁ ମେଡିକାଲ୍ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦିଆଯାଇଛି। ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଜି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଦଶ ଦଫା ଦାବି ନେଇ ଧାରଣା ଦିଆଯାଇଥିଲା। ଏହି ଧାରଣାକୁ ସମର୍ଥନ ଜଣାଇ ସାଇଁକୁଳ ମା' ଦୁର୍ଗା ବଣିକ ସଂଘର ସଦସ୍ୟମାନେ ମଧ୍ୟ ସାମିଲ ହୋଇଥିଲେ। ଦାବିଗୁଡ଼ିକ ମଧ୍ୟରେ ରହିଛି, ବିଶିଷ୍ଟ ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୂପାନ୍ତର ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକ୍ଷମ କରାଯାଇନଥିବା, ଅନୁମୋଦିତ ଡାକ୍ତର ପଦବୀ ଖାଲି ପଡ଼ିଥିବା, ଦୀର୍ଘଦିନ ଧରି ଏକ୍ସ-ରେ ମେସିନ୍ ଅଚଳ ରହିବା, ସାପ କାମୁଡ଼ା ଓ ବିଷକ୍ରିୟା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନଥିବା, ଅଲ୍ଟ୍ରାସାଉଣ୍ଡ ଓ ଏମର୍ଜେନ୍ସି ଅକ୍ସିଜେନ୍ ସୁବିଧାର ଅଭାବ ସହ ଆଇସିୟୁ ଓ ଅତ୍ୟାଧୁନିକ ଲେବର ରୁମ୍ ବ୍ୟବସ୍ଥା କରିବା। ଏହାଛଡ଼ା ମେଡିକାଲ୍ ଚାରିପାଖରେ ପାଚେରୀ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର, କର୍ମଚାରୀ ନିଯୁକ୍ତି, ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଏବଂ ଦିନରାତି ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବାକୁ ମଧ୍ୟ ଦାବି କରାଯାଇଛି।

ଧାରଣାସ୍ଥଳରେ କେନ୍ଦୁଝର ସିଡିଏମଓ ଧନେଶ୍ୱର ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ସମସ୍ୟାଗୁଡ଼ିକର ସାତ ଦିନ ମଧ୍ୟରେ ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରିଥିଲେ ଆଞ୍ଚଳିକ ବିକାଶ ପରିଷଦ ଓ ବଣିକ ସଂଘର ସଦସ୍ୟମାନେ। ତେବେ ସିଡିଏମଓଙ୍କ ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ସାଇଁକୁଳ ମେଡିକାଲର ସମସ୍ୟା କେବେ ସମାଧାନ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଶିକିରିରେ ମିଳିତ ଜନଶୁଣାଣି ଶିବିର



**ହିଞ୍ଜିଳିକାଟୁ,୨୨ା୬ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ଶିକିରି ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି | ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ଏବିଡିଓ ଅରୁଣ କୁମାର ପ୍ରଧାନ, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ , ଅତିରିକ୍ତ ତହସିଲଦାର ସୁରଜ ବେହେରା ,ସରପଞ୍ଚ ସୁରେଶ ବରଡ଼ , ବ୍ଲକ ଉପାଧ୍ୟକ୍ଷ ମଂଚାସୀନ ଥିଲେ | ସୁଭଦ୍ରା ଯୋଜନା, ପେନସନ, ରାସନ କାର୍ଡ ,ରାଜସ୍ୱ ଭଳି ସମୁଦାୟ ୧୯ଟି ଅଭିଯୋଗ ଗ୍ରହଣ ହୋଇଥିବା ବିଡ଼ିଓ ସୂଚନା ଦେଇଛନ୍ତି | ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ |

## ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ




**ହିଞ୍ଜିଳିକାଟୁ,୨୨ା୬ (ସଂଚାର ବ୍ୟୁରୋ):** ସରକାରଙ୍କ ଜନକଲ୍ୟାଣକରୀ ବିକାଶ ମୂଳକ କାର୍ଯ୍ୟ, ଭିତ୍ତିଭୂମି ଓ ନାଗରିକ ସେବା ଗୁଡିକୁ ଜନସଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ "ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ'' ପୌର ପରିଷଦର ସୁକାନ୍ତ ଚନ୍ଦ୍ର ବେଉରାଙ୍କ ତତ୍ତ୍ୱବଧାନରେ ୨୧ ଟି ୱାର୍ଡରେ ୧୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଅଛି। ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରାଯାଇ ସେମାନଙ୍କ ସମସ୍ୟା, ଅଭିଯୋଗ, ମତାମତ ଓ ବିକାଶ ସମ୍ପର୍କିତ ପ୍ରସ୍ତାବ ଗୁଡ଼ିକ ଲିପିବଦ୍ଧ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା, ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ପରିବେଶ ସୁରକ୍ଷା, ନାଗରିକ ସୁରକ୍ଷା ଓ ସରକାରଙ୍କ ଫ୍ଲାଗସିପ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା | ସେହିପରି ନାଗରିକଙ୍କ ଅଭିଯୋଗ ଶୁଣାଣି, ଜନ ସଚେତନତା ଅଭିଯାନ, ସମୁଦାୟ ଭିତ୍ତିକ କାର୍ଯ୍ୟକଳାପ ଓ ନଗର ବିକାଶରେ ଜନ ଭାଗିଦାରୀ ବୃଦ୍ଧି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା |

## କୁଟୁଣିଆ ସାହିରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

**ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ପରେ ସ୍ଥଗିତ ରହିଲା**



**ଢେଙ୍କାନାଳ,୨୨ା୬ (ସଂଚାର ବ୍ୟୁରୋ):** ଢେଙ୍କାନାଳ ସହର ଅନ୍ତର୍ଗତ କୁଟୁଣିଆ ସାହିରେ ଚାଲିଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ନେଇ ଆଜି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ବସ୍ତିବାସିନ୍ଦାମାନେ ଏହାକୁ ବିରୋଧ କରିଥିଲେ। ଏହି ସମୟରେ କେତେକ ବାସିନ୍ଦା ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଜାରି କରାଯାଇଥିବା ରହିତାଦେଶ (ଷ୍ଟେ ଅର୍ଡର) ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ।।

ସୂଚନା ଅନୁଯାୟୀ, କୁଟୁଣିଆ ସାହି ଅଞ୍ଚଳରେ ଦୀର୍ଘ ଦିନ ଧରି ସରକାରୀ ଜମି ଉପରେ ଜବରଦଖଲ ହୋଇଥିବା ଅଭିଯୋଗ ରହିଥିଲା। ଏହାକୁ ନେଇ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ଆଜି ସକାଳେ ରାଜସ୍ୱ ବିଭାଗ, ପୌରପାଳିକା ଓ ପୁଲିସ ପ୍ରଶାସନର ଏକ ଟିମ୍ ଉଚ୍ଛେଦ କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ।। ତେବେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବସ୍ତିବାସିନ୍ଦାମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିଥିଲେ।

ସେମାନଙ୍କ କହିବା ଅନୁଯାୟୀ, ବହୁ ବର୍ଷ ଧରି ସେମାନେ ଏହି ସ୍ଥାନରେ ବସବାସ କରୁଛନ୍ତି ଏବଂ ପୁନର୍ବାସ ବ୍ୟବସ୍ଥା ନ କରି ଉଚ୍ଛେଦ କରାଯିବା ଅମାନବିକ ପଦକ୍ଷେପ। ଏହା ସହିତ ସେମାନେ ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିବା ଓ ରହିତାଦେଶ ଜାରି ହୋଇଥିବା ଦର୍ଶାଇଥିଲେ। ବସ୍ତିବାସିନ୍ଦାଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶର ନକଲ ପ୍ରଶାସନ ନିକଟରେ ଉପସ୍ଥାପନ କରାଯାଇଥିଲା। ଦସ୍ତାବିଜ ଯାଞ୍ଚ ପରେ ପ୍ରଶାସନ ପକ୍ଷରୁ ତତ୍କାଳ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା।

ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଉଚ୍ଛେଦ ପ୍ରକ୍ରିୟାକୁ ଆଗାମୀ ତିନି ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ଏହି ସମୟ ମଧ୍ୟରେ ମାମଲାର ପରବର୍ତ୍ତୀ ଶୁଣାଣି ଏବଂ ଆଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ।

## ବାଲିଗୁଡ଼ା ଏନଏସି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ କାଉନସିଲରଙ୍କ ଧାରଣା



**ଫୁଲବାଣୀ,୨୨ା୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନ୍ଏସି କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ସହ ଆୟବ୍ୟୟର ହିସାବ ଦେଉନଥିବା ପ୍ରତିବାଦରେ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଜଣ କଂଗ୍ରେସ କାଉନସିଲର ପୁଣି ସୋମବାର ଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଗାନ୍ଧୀ ଫୋଟ ଚିତ୍ରରେ ଫୁଲ ମାଳ ଦେଇ ଫ୍ଲାଗ କାର୍ଡ ଧରି ୫ଟି ପ୍ରମୁଖ ଅଭିଯୋଗ ଓ ୪ ଦାବି ନେଇ ଶାନ୍ତିପୂର୍ଣ୍ଣ ଭାବରେ ଗଣତାନ୍ତ୍ରିକ ଉପାୟରେ ୧ନଂ. ୱାର୍ଡ଼ ର ଅଜୟ କୁମାର ନାୟକ ଓ ୧୩ ନଂ ୱାର୍ଡର ଆଲୋକ କୁମାର ନାୟକ ଧାରଣାରେ ବସିଛନ୍ତି ।

ସେମାନଙ୍କର ୫ଟି ପ୍ରମୁଖ ଅଭିଯୋଗ ମଧ୍ୟରେ ନିର୍ବାଚିତ ହେବା ଦିନ ଠାରୁ ଏନଏସିର ଆୟ-ବ୍ୟୟ ହିସାବ ପ୍ରଦାନ କରାଯାଇନାହିଁ, କାଉନସିଲର ବୈଠକ ନିୟମିତ ଭାବେ ହେଉନାହିଁ, ବିନା ରେଜୋଲ୍ୟୁସନରେ ବିଭିନ୍ନ କାର୍ଯ୍ୟ କରାଯାଇଛି, ଯେଉଁ ସ୍ଥାନରେ କାମ ହେବାକୁ ଅନୁମୋଦନ ମିଳୁଛି, ସେହି କାମ ଅନ୍ୟ ସ୍ଥାନରେ କରାଯାଇଛି । ସରକାରୀ ଅର୍ଥର ଅପବ୍ୟବହାର ଓ ଅନିୟମିତତାର ଅଭିଯୋଗ ହୋଇଛି।

୪ଟି ଦାବି ମଧ୍ୟରେ ବାଲିଗୁଡ଼ା ଏନଏସିର ଆୟ-ବ୍ୟୟର ସମ୍ପୂର୍ଣ୍ଣ ହିସାବ ସାର୍ବଜନୀନ କରାଯାଇ ସମସ୍ତ ବିକାଶମୂଳକ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯାଉ, ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ମାଧ୍ୟମରେ ସତ୍ୟ ଉନ୍ମୋଚନ କରାଯାଉ, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେମାନଙ୍କ ଲକ୍ଷ୍ୟ ସ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତିମୁକ୍ତ ବାଲିଗୁଡା ଗଠନ ପାଇଁ ଆସନ୍ତୁ ଏକାଠି ହେବା ବୋଲି ସ୍ଲୋଗାନ ରହିଛି। ଏନେଇ ସେମାନେ ପ୍ରଶାସନ ଓ ପୁଲିସକୁ ଅବଗତ କରାଇ ଅନିର୍ଦ୍ଧିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି।

ଅନ୍ୟପଟେ ସ୍ୱତନ୍ତ୍ର ଅଡିଟ୍ କରି ସମସ୍ତ ତଥ୍ୟ ନଦେବା ଯାଏଁ ଆମେ ଧାରଣାରୁ ହଟିବୁ ନାହିଁ ବୋଲି କହିଛନ୍ତି ଦୁଇ କଂଗ୍ରେସ କାଉନସିଲର।

## ଠକେଇ ଅଭିଯୋଗରେ ଜଣେ ଗିରଫ

**ନବରଙ୍ଗପୁର/ଉମରକୋଟ, ୨୨ା୬ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରେ ବି.ଇଡି ଆଡମିସନ ଏବଂ ସାର୍ଟିଫିକେଟ କରାଇ ଦେବା ନାମରେ ଠକେଇ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଉମରକୋଟ ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ରମାକାନ୍ତ ବେହେରା, ପିତା- ହିରଣ୍ୟ ବେହେରା। ତାଙ୍କର ସ୍ଥାୟୀ ବାସସ୍ଥାନ ବରଗଡ଼ ଜିଲ୍ଲା, ବରଗଡ଼ ଥାନା ଅଞ୍ଚଳ, ହୋଇଥିବା ବେଳେ ବର୍ତ୍ତମାନ ସେ ନବରଙ୍ଗପୁର ଜିଲ୍ଲା, ଉମରକୋଟ ଥାନା ଅନ୍ତର୍ଗତ ଧୋଦ୍ରା ଗ୍ରାମରେ ବସବାସ କରୁଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ରମାକାନ୍ତ ବେହେରା ବି.ଇଡି ଆଡମିସନ ସହ ସାର୍ଟିଫିକେଟ କରାଇ ଦେବାର ପ୍ରତିଶ୍ରୁତି ଦେଇ ଉମରକୋଟ ଅଞ୍ଚଳର ବିଭିନ୍ନ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ରଭାବିତ ଛାତ୍ରଛାତ୍ରୀମାନେ ଆଜି ଉମରକୋଟ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ।

## ନିରୋଗ ଓ ସୁସ୍ଥ ଜୀବନ ଲାଗି ଯୋଗ



**ରାଇଘର,୨୨ା୬ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ପ୍ରତ୍ୟେକ ସ୍କୁଲ, କଲେଜ ସହ ପ୍ରତି ପଞ୍ଚାୟତ ସ୍ତରରେ ଅନୁଷ୍ଠିତ ହୋଇଥିଲା। ରାଇଘର ବ୍ଲକ ପ୍ରଶାସନ ପକ୍ଷରୁ ସଦର ମହକୁମାର ମିନି ଷ୍ଟାଡିୟମରେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ତହସିଲଦାର ମନମୋହନ ସାହୁ ଏବିଡିଓ ବିଜୟ ସେଠୀ, ସହ ସମସ୍ତ ବିଭାଗର ଅଧିକାରୀ ସହ କର୍ମଚାରୀ ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ।

ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁସ୍ଥ ଶରୀର ଏବଂ ସମାଜ ଗଠନ ଲାଗି ଯୋଗାସନ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥଗଣ ଅଭିଭାଷଣ ମାଧମରେ ଶହ ଶହ ଛାତ୍ରଛାତ୍ରୀମାନଙ୍କୁ ଯୋଗର ଉପକାରିତା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ପରେ ସୁଜିତ ହାଲଦାରଙ୍କ ତତ୍ତ୍ୱାବଧାନରେ ଯୋଗ ତାଲିମ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ଅନୁଷ୍ଠାନ ସହ ବିଭିନ୍ନ ସଙ୍ଗଠନ ଦ୍ୱାରା ମଧ୍ୟ ଯୋଗ ଦିବସ ପାଳନ ସଚେତନତା ବାର୍ତ୍ତା ଦିଆ ଯାଇଥିଲା। ମିନି ଷ୍ଟାଡିୟମ ଠାରେ ଫିଜିକାଲ ଏକାଡେମୀର ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

**ଜାଲି ଫାର୍ମାସିଷ୍ଟ ସାର୍ଟିଫିକେଟ୍‌ରେ ଚାଲୁଥିବା ଔଷଧ ଦୋକାନ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରୀ**

## ଅମୀୟଙ୍କ ଅଭିଯୋଗ ପରେ ତତ୍ପର ହେଲା ପ୍ରଶାସନ

**'ସଂଚାର'ରେ ଖବର ପ୍ରକାଶ ପରେ ଏକ୍ସରେ ପ୍ରତିକ୍ରିୟା**

**କାକଟପୁର/ଅସ୍ତରଙ୍ଗ,୨୨ା୬ (ସଂଚାର ବ୍ୟୁରୋ):** ଦୈନିକ ଖବର କାଗଜ 'ସଂଚାର'ରେ 'ଜାଲି ସାର୍ଟିଫିକେଟ୍‌ରେ ଚାଲିଛି ଔଷଧ ବ୍ୟବସାୟ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖବର ପ୍ରକାଶ ପାଇବାର କିଛି ଘଣ୍ଟା ମଧ୍ୟରେ ସମାଜସେବୀ ଅମୀୟ ରଞ୍ଜନ ବାରିକ 'ଏକ୍ସ' ମାଧ୍ୟମରେ ଏକ ଦୃଢ଼ ଅଭିଯୋଗ ଆଣି ପ୍ରଶାସନକୁ ସତର୍କ କରାଇ ଦେଇଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଳଦା ଗ୍ରାମର ଦୈନିକ ଖବର କାଗଜ "ସଂଚାର "ପାଠକ ଅମୀୟ ରଞ୍ଜନ ବାରିକ ଖବର ଦେଖିବା ପରେ ତାଙ୍କ ଅଭିଯୋଗ ପତ୍ର ରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଔଷଧ ନିୟନ୍ତ୍ରଣ ନିର୍ଦ୍ଦେଶକ ଓ ପୁରୀ ଜିଲ୍ଲାପାଳଙ୍କୁ ଉଦ୍ଦେଶ୍ୟ କରି ଲେଖିଛନ୍ତି। ସେ କହିଛନ୍ତି, "ଅସ୍ତରଙ୍ଗ


AMIYA RANJAN BARIK

At-Malada, Po-Namaro, Ps-Astaranga, District-Puri, Pin-752109

Mob: 9937679583, 9437528630

Date: 22-06-2026

To,

1. The Hon'ble Chief Minister, Government of Odisha, Bhubaneswar.
2. The Hon'ble Minister, Health & Family Welfare Department, Government of Odisha.
3. The Principal Secretary, Health & Family Welfare Department, Government of Odisha.
4. The Director, Directorate of Drugs Control, Odisha.
5. The District Collector & District Magistrate, Puri.

Subject: Application seeking immediate action against illegal drug stores operating on fake certificates in Astaranga and Kakatpur areas, posing grave danger to public health.

Respected Sir/Madam,

With due respect, I draw your kind attention to recent media reports highlighting a dangerous surge of illegal and unauthorized pharmacies operating in the rural expanses of Astaranga and Kakatpur blocks in Puri district. A vast majority of these drug retail outlets lack valid drug licenses and do not employ qualified pharmacists. Instead, they are running businesses using rented, forged, or entirely counterfeit pharmacist certificates.

Due to a severe lack of periodic inspections by the concerned Drug Inspectors, these elements operate with complete impunity. They routinely dispense critical schedules of life-saving medicines without valid medical prescriptions or professional oversight, leading to incorrect medication being distributed to impoverished rural patients, severely endangering public lives.

Therefore, I earnestly request your high office to intervene immediately by deploying a joint special squad to conduct extensive raids across these blocks. Strict punitive and legal actions must be initiated against all unauthorized pharmacies, fake certificate holders, and entities operating without legal licenses. The relevant newspaper publication clipping is attached herewith for your immediate verification and reference.

Yours faithfully,

Amiya Ranjan Barik

Amiya Ranjan Barik

ଓ କାକଟପୁର ଗ୍ରାମାଞ୍ଚଳରେ ଅବୈଧ ଔଷଧ ଦୋକାନ ବୃଦ୍ଧି ପାଇଛି। ଅଧିକାଂଶ ଦୋକାନରେ ବୈଧ ଲାଇସେନ୍ସ ନାହିଁ, ଯୋଗ୍ୟ ଫାର୍ମାସିଷ୍ଟ ନାହାନ୍ତି। ଭଡ଼ା, ଜାଲି କିମ୍ବା ସମ୍ପୂର୍ଣ୍ଣ ନକଲି ଫାର୍ମାସିଷ୍ଟ ସାର୍ଟିଫିକେଟ୍ ଦେଖାଇ ଜୀବନ ରକ୍ଷାକାରୀ ଔଷଧ ବିକ୍ରି ହେଉଛି।"

ସେ ଅଭିଯୋଗ କରିଛନ୍ତି ଯେ ଡ୍ରଗ୍ ଇନିସପେକ୍ଟରମାନଙ୍କ ନିୟମିତ ଯାଞ୍ଚ ଅଭାବ ଯୋଗୁଁ ଏହି ବେଆଇନ ବ୍ୟବସାୟୀମାନେ ନିର୍ଭୟରେ କାରବାର କରୁଛନ୍ତି। ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍ ବିନା ଶକ୍ତିଶାଳୀ ଔଷଧ ଖୋଲାମେଲା ବିକ୍ରି ହେଉଛି। ଫଳରେ ଗରିବ ରୋଗୀମାନେ ଭୁଲ ଔଷଧ ଖାଇ ଜୀବନ ସଙ୍କଟରେ ପଡୁଛନ୍ତି।

ଅମୀୟ ବାରିକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି କହିଛନ୍ତି, "ଯୁଗ୍ମ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ୍‌ରେ ବ୍ୟାପକ ଚଢ଼ଉ କରାଯାଉ। ବେଆଇନ ଔଷଧ ଦୋକାନ, ଜାଲି ସାର୍ଟିଫିକେଟ୍ ଧାରୀ ଓ ଲାଇସେନ୍ସ ବିହୀନ ବ୍ୟବସାୟୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ।" ସେ ତାଙ୍କ ଅଭିଯୋଗ ପତ୍ର ସହ 'ସଂଚାର'ରେ ପ୍ରକାଶିତ ଖବର କ୍ଲିପିଂ ସଂଲଗ୍ନ କରି ପ୍ରମାଣ ଦେଇଛନ୍ତି। ସ୍ଥାନୀୟ ଲୋକମାନେ ଅମୀୟ ବାରିକଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଚଢ଼ଉ କରି ଏହି ଜାଲି ଔଷଧ ବ୍ୟବସାୟକୁ ବନ୍ଦ କରୁଛି କି ପୂର୍ବ ଭଳି ଅସ୍ତରଙ୍ଗ ବ୍ଲକ ଅଧୀନ ବେଲଙ୍ଗ, ପୋଟଳ ଛକ ଅଂଚଳରୁ ଔଷଧ ଦୋକାନ ଯାଞ୍ଚ କରି ନମୁନା ସଂଗ୍ରହ କରି ପଳାଇବେ କିଛି ଦିନ ପରେ ପୁନର୍ବାର ଦୋକାନ ଖୋଲିବ ତାହା ହିଁ ଅପେକ୍ଷା।

## ସୋଆରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ




**ଭୁବନେଶ୍ୱର,୨୨ା୬ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଳିଙ୍ଗ ନଗର କ୍ୟାମ୍ପସ୍‌ରେ ନୂତନ ଷ୍ଟାଡିୟମରେ ରବିବାର ସକାଳ ୬ଟାରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି।

ଏହି ଅବସରରେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର (ସ୍ୱାସ୍ଥ୍ୟ ବିଜ୍ଞାନ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଛାତ୍ରଛାତ୍ରୀମାନ ପରିବର୍ତ୍ତିତ ଜୀବନ ଶୈଳୀର ସେମାନଙ୍କ ଉପରେ ପକାଉଥିବା କୁପ୍ରଭାବ ଉପରେ ବୁଝାଇଥିଲେ ଏବଂ ଯୋଗ ଅଭ୍ୟାସ କିପରି ସେମାନଙ୍କର ଶାରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟକୁ ପରିବର୍ତ୍ତିତ କରିପାରିବ ସେକଥା ସେ ବିଷୟରେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ସୋଆର ଇଂଟରନ୍ୟାସନାଲ ରିଲେସନ୍ସ ଆଣ୍ଡ ୟୁନିଭର୍ସିଟି ଆଉଟରିଚ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର (ଡଃ) ନଚିକେତା ଶର୍ମା, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ସୋଆ ଏନ.ଏସ.ଏସ. କାର୍ଯ୍ୟକ୍ରମ ସଂଯୋଜକ ଡଃ କମଳ ଲୋଚନ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଯୋଗ ଶିକ୍ଷକ ଅଖିଳ ଚନ୍ଦ୍ର ରଣା ଅନ୍ୟ ଯୋଗ ପ୍ରଶିକ୍ଷକମାନଙ୍କ ସହାୟତାରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟମ ଅଭ୍ୟାସ କରିବାରେ ସାହାଯ୍ୟ କରିଥିଲେ।

ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସୋଆର ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଡଃ ସରୋଜ କୁମାର ମହାନ୍ତି, ଡଃ ନୀତିଶ କୁମାର ଜେନା, ଡଃ ମାନସ କୁମାର ପଟେଲ, ଡଃ ଭୀମସେନ ଭୋଳ, ଡଃ କନକଲତା ଓଝା, ଶ୍ରୀମତୀ ପଦ୍ମଜା ପଟେଲ, ଅନ୍ୟ ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଏନ.ଏସ.ଏସ. ସ୍ୱେଚ୍ଛାସେବୀମାନଙ୍କ ଉପସ୍ଥିତିରେ ସଫଳତାର ସହିତ ସମାପ୍ତ ହୋଇଥିଲା।

ଇଞ୍ଜିନିୟରଙ୍କ ପାଇଁ ସ୍ୱତନ୍ତ୍ର ବଦଳି ନୀତି

# ଘରୋଇ ଜିଲ୍ଲାରେ ହୋଇପାରିବନି ପୋଷ୍ଟିଂ



ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ରାଜ୍ୟରେ ସରକାରୀ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଇଞ୍ଜିନିୟରଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟରତ ଓଡ଼ିଶା ଇଞ୍ଜିନିୟରିଂ ସେବା (ଓଇଏସ୍) ଓ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା (ଓଡିଇଏସ୍) କ୍ୟାଡରର ଅଧିକାରୀଙ୍କ ବଦଳିକୁ ଅଧିକ ସ୍ୱଚ୍ଛ, ନିରପେକ୍ଷ ଓ ସୁବ୍ୟବସ୍ଥିତ କରିବା ପାଇଁ ସରକାର ଏକ ସମନ୍ୱିତ ବଦଳି ନୀତି ଜାରି କରିଛନ୍ତି। ଏହି ନୀତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବଦଳି ପାଇଁ ସ୍ୱତନ୍ତ୍ର 'ଇଞ୍ଜିନିୟରିଂ ଏଷ୍ଟାବ୍ଲିସମେଣ୍ଟ କମିଟି' (ଇଇସି) ଗଠନ କରାଯାଇଛି।

ନୂଆ ବ୍ୟବସ୍ଥା ଅନୁସାରେ ମୁଖ୍ୟଯନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବଦଳି ସମ୍ପର୍କରେ ସରକାରଙ୍କୁ ସୁପାରିସ କରିବ ଏହି ଇଇସି। ବିଭାଗର ପ୍ରମୁଖ ଶାସନ ସଚିବ ଏହି କମିଟିର ଅଧ୍ୟକ୍ଷ ରହିବେ। ସଡ଼କ, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ମାନେ ଏହାର ସଦସ୍ୟ ରହିବେ। ସେହିପରି ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ପାଇଁ ଇଞ୍ଜିନିୟର-ଇନ୍-ଚିଫ୍ (ସଡ଼କ) କାର୍ଯ୍ୟାଳୟ ସ୍ତରରେ ଆଉ ଏକ ପୃଥକ ଇଇସି ଗଠନ କରାଯିବ। ଏହି କମିଟିରେ ଇଞ୍ଜିନିୟର-ଇନ୍-ଚିଫ୍ ଅଧ୍ୟକ୍ଷ ଥିବାବେଳେ ବିଭିନ୍ନ ଶାଖାର ମୁଖ୍ୟଯନ୍ତ୍ରୀମାନେ ସଦସ୍ୟ ରହିବେ।

ବଦଳି ନୀତି ଅନୁସାରେ ଇଞ୍ଜିନିୟରମାନେ ସାଧାରଣତଃ ଗୋଟିଏ ସ୍ଥାନରେ ତିନି ବର୍ଷ କାର୍ଯ୍ୟକାଳ ପୂରଣ କରିବା ପରେ ବଦଳି ହେବେ। କୌଣସି ଅଧିକାରୀ ଏକ ରାଜସ୍ୱ ଜିଲ୍ଲାରେ ଛଅ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିଜ ଗୃହ ଜିଲ୍ଲାରେ ଅବସ୍ଥାପିତ କରାଯିବ ନାହିଁ। ସେହିପରି ଓଡିଇଏସ କ୍ୟାଡରର ସହକାରୀ ଓ କନିଷ୍ଠ ଯନ୍ତ୍ରୀମାନେ ନିଜ ଘର ଉପଖଣ୍ଡରେ କାର୍ଯ୍ୟରତ ରହିପାରିବେ ନାହିଁ। ସରକାରଙ୍କ ମତରେ, କମିଟି ମାଧ୍ୟମରେ ବଦଳି ପ୍ରକ୍ରିୟା ପରିଚାଳିତ ହେଲେ ସ୍ୱଚ୍ଛତା ବୃଦ୍ଧି ପାଇବ, ମନମୁଖୀ ନିଷ୍ପତ୍ତିର ଅବକାଶ କମିବ ଏବଂ ଇଞ୍ଜିନିୟରିଂ ପ୍ରଶାସନରେ ଅଧିକ ଜବାବଦେହିତା ସୁନିଶ୍ଚିତ ହେବ।

## ବଜ୍ରପାତରେ ୩ ମୃତ

ଦେବଗଡ଼,୨୨।୬ (ସଂଚାର ବ୍ୟୁରୋ)ଃ ଦେବଗଡରେ ପୃଥକ ସ୍ଥାନରେ ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ଚଳନ୍ତା ବାଇକ୍ ଉପରେ ବଜ୍ରପାତ ହେବାରୁ ବାଇକ ସହ ୨ ଜଣ ବାଇକ ଆରୋହୀ ଜଳିଯାଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ବାରକୋଟ ବ୍ଲକ କାଉଁସିବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଟସିଂହ ଗ୍ରାମ ନିକଟରେ। ଘଟଣାରେ ଆଉ ୪ ଜଣ ଆହତ ହୋଇଥିବା ନେଇ ମଧ୍ୟ ଜଣାପଡ଼ିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର ସନ୍ଧ୍ୟାରେ ବସାଲଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଟାସାହି ଓ ପିତାସାହି ଗ୍ରାମର ଛଅ ଜଣ ଯୁବକ ତିନୋଟି ମଟରସାଇକଲ ଯୋଗେ ରେଙ୍ଗାଲୀ ଡ୍ୟାମ୍‌ରେ ଥିବା ଶିବ ମନ୍ଦିରକୁ ବୁଲିବାକୁ ଯାଇଥିଲେ। କାଉଁସିବାହାଲ ଅନ୍ତର୍ଗତ ଭାଟସିଂହ ଗ୍ରାମ ନିକଟରେ ସେମାନଙ୍କ ବାଇକ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ମୋଟର ସାଇକେଲ ସହ ୨ ଯୁବକ ଜଳିଯାଇ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ମୃତ ଦୁଇଜଣ ହେଲେ କଟାସାହି ଗ୍ରାମର ବୁବୁନ ସାମଲ ଓ ପିତାସାହି ଗ୍ରାମର ଡୋଳାମଣୀ ପେଣ୍ଟେଇ। ସେହିଭଳି ଦେବଗଡ଼ ସହର ନଅ ନମ୍ବର ୱାର୍ଡ ଅନ୍ତର୍ଗତ ତେନ୍ତୁଳିସାହିରେ ବଜ୍ରାଘାତରେ ଜଣଙ୍କ ମୃତ୍ୟୁ ଘଟିଛି।

# କାହା ଚାପରେ ଚେପା ଅଭିଭାବକ ମହାସଂଘ ?

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ସ୍କୁଲ ବହିରେ ତ୍ରୁଟି ପ୍ରସଙ୍ଗକୁ ନେଇ ସବୁ ମହଲରୁ ବର୍ତ୍ତମାନ ବହିକୁ ପ୍ରତ୍ୟାହାର କରି ସଂଶୋଧିତ ବହି ପ୍ରକାଶ କରିବାକୁ ଦାବି ହେଉଛି। ତେବେ ଏଭଳି ଏକ ସାଂଘାତିକ ତ୍ରୁଟି ଘଟଣାରେ ହଠାତ ଅବିଭାବକ ମହାସଂଘ ସ୍ୱର ପରିବର୍ତ୍ତନ କରିଛି। ଅବଶ୍ୟ ଅଭିଭାବକ ମହାସଂଘ କାହା ଚାପରେ ଚେପା ହୋଇଛି, ସେନେଇ କେହି ମୁହଁ ଖୋଲୁ ନ ଥିଲେ ବି ଶିକ୍ଷାବିତମାନେ ମହାସଂଘର ଯୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଜି ମହାସଂଘ ପୁରୁଣା ବହିରେ ପାଠ ପଢ଼ାଇବାକୁ ପ୍ରସ୍ତାବ ଦେଇଛି। ନୂଆ ବହି ଆସନ୍ତା ବର୍ଷରୁ ଛାପିବାକୁ ମହାସଂଘ ଏସସିଇଆରଟି ପ୍ରସ୍ତାବରେ ରାଜି ହୋଇଛି। ଖୋଦ୍ ମହାସଂଘ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହା କୁହାଯାଇଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ ଥିବା ବେଳେ ମହାସଂଘର ଏହି ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ନୂଆ ବିବାଦ ଛିଡ଼ା ହୋଇଛି। ତେବେ ମହାସଂଘ ନିଜର ଅନ୍ୟ ଦାବିକୁ ଏବେ ବି ବଳବତ୍ତର ରଖିଛି।

● ତ୍ରୁଟିପୂର୍ଣ୍ଣ ବହିରେ ପାଠପଢ଼ା ପ୍ରସ୍ତାବକୁ କଲା ସମର୍ଥନ

● ସନ୍ଦେହରେ ମହାସଂଘର ପରିବର୍ତ୍ତିତ ଯୁକ୍ତି



ଏହି ପ୍ରସଙ୍ଗରେ ଆଜି ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଞ୍ଜ ଓ ଅନ୍ୟମାନଙ୍କୁ ନେଇ ଏକ ପ୍ରତିନିଧି ଦଳ ଏସସିଇଆରଟି ନିର୍ଦ୍ଦେଶକ ମଧୁସ୍ମିତା ସାହୁଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ମହାସଂଘ କହିଛି ଯେ ବହି ଛାପି ପୁଣି ପ୍ରତି ସ୍କୁଲକୁ ଯୋଗାଇବାକୁ ଅନେକ ଦିନ ସମୟ ଲାଗିବ ଓ ଏହାଦ୍ୱାରା ପିଲାଙ୍କ ପାଠପଢ଼ା ବ୍ୟାଘାତ ହେବ। ତେଣୁ ଯେତିକି ନିନ୍ଦିତ ହେଲେଣି ଆଉ ତାକୁ ନ ବଢ଼ାଇ ଏବର୍ଷ ସେହି ପୁରୁଣା ବହିରେ ପାଠ ପଢ଼ାନ୍ତୁ। ଆସନ୍ତା ବର୍ଷକୁ ନିର୍ଭୁଲ ବହିରେ ପାଠ ପଢ଼ାଯିବା ଆବଶ୍ୟକ ବୋଲି ଅଭିଭାବକ ମହାସଂଘ କହିଛି। ତେବେ କିଛି ଶିକ୍ଷାବିତଙ୍କ କହିବାନୁଯାୟୀ, ବର୍ତ୍ତମାନର ବହିରେ ସଂଶୋଧନ କରି ନୂଆ ବହି ଛାପିବାକୁ ୩ରୁ ୪ମାସ ଲାଗିବ। ତେଣୁ ଷାଣ୍ମାର୍ଷିକ ପରୀକ୍ଷା ପୂର୍ବରୁ ନୂଆ ବହି ଆସିପାରିବ। କିନ୍ତୁ ମହାସଂଘ କାହିଁକି ଏସସିଇଆରଟି ସହ ସ୍ୱର ମିଳାଇଲା ସେନେଇ ଶିକ୍ଷାବିତମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ତେବେ ମହାସଂଘ ପୂର୍ବତନ ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ଏବଂ ସଚିବ ଶାଳିନୀ ପଣ୍ଡିତ ଏହି ଅବହେଳା ଓ ତ୍ରୁଟି ପାଇଁ ସିଧାସଳଖ ଦାୟୀ କରିଛି। ଏଥିସହ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧୀନରେ ନ୍ୟାୟିକ ତଦନ୍ତ ସକାଶେ ମଧ୍ୟ ମହାସଂଘ ଦାବି କରିଛି।



## ମହାବଳ ବାଘ ଛାଲ ଜବତଃ ୩ ଗିରଫ

ନବରଙ୍ଗପୁର,୨୨।୬(ସଂଚାର ବ୍ୟୁରୋ)ଃ କଲରାପତରିଆ ନୁହେଁ, ଏଥର ହେଉଥିଲା ମହାବଳ ବାଘ ଛାଲର ଡିଲ୍। ନିଜେ ଗ୍ରାହକ ସାଜି ମହାବଳ ଛାଲ ଚୋରାଚାଲାଣକାରୀଙ୍କୁ କାବୁ କରିଛନ୍ତି ବନ ବିଭାଗ ଅଧିକାରୀ। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେଞ୍ଜ ଅନ୍ତର୍ଗତ ପାତ୍ରୀ ସଂରକ୍ଷିତ ଜଙ୍ଗଲରେ ୧୦ ଲକ୍ଷ ଟଙ୍କାରେ ଡିଲ ହେଉଥିବା ସମୟରେ ମହାବଳ ଛାଲ ଜବତ ହୋଇଛି। ତେବେ ଚଢ଼ାଉ ସମୟରେ ଦୁଇ ଜଣ ଫେରାର ହୋଇଯିବାରେ ସକ୍ଷମ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ଡାବୁଗାଁ ଥାନା ପାତ୍ରୀ ଗାଁର ଶିବୁନ ଟାକ୍ରୀ ବୋଲି ଜଣାପଡ଼ିଛି। ଗତ କିଛି ଦିନ ହେଲା ଶିବୁନ ମହାବଳ ଛାଲ ବିକ୍ରି ପାଇଁ ଉଦ୍ୟମ କରୁଥିଲା। ଖବର ପାଇ ବନ ବିଭାଗ ଅଧିକାରୀମାନେ ଅଭିଯୁକ୍ତମାନଙ୍କୁ ଧରିବାକୁ ଜାଲ ବିଛାଇଥିଲେ। ଶିବୁନ ଓ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ବାଘ ଛାଲ ଧରି ଆସିବା ମାତ୍ରେ ସେମାନଙ୍କୁ ବନ ବିଭାଗର କର୍ମଚାରୀମାନେ ମାଡ଼ିବସିଥିଲେ। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

## ଦାମୀ କାରରେ ଗଞ୍ଜେଇ ଚାଲାଣ, ୩ ଗିରଫ



କଟକ,୨୨।୬(ସଂଚାର ବ୍ୟୁରୋ)ଃ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଛି ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ୍। ଦାମୀ କାର୍‌ରେ ଗଞ୍ଜେଇ ବେପାର ଚାଲିଥିଲା। କଟକ ସଦର ଥାନା ଅନ୍ତର୍ଗତ କାଜିପାଟଣା କୁଆଖାଇ ପୋଲ ନିକଟରେ ଏକ ଦାମୀ କାରରୁ ୭୦ କେଜି ଓଜନର ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ମୋଟ ୧୯ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଛି ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ୍। ଘଟଣାରେ ମୋଟ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ଅଛନ୍ତି। ସେହିପରି ଜଗତପୁର ଗୋଲେଇ ଛକରେ ଚଢ଼ାଉ କରି ଜଣେ ନିଶା ବେପାରୀକୁ ଧରିବା ସହ ତା' ନିକଟରୁ ୧୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତଠାରୁ ପୁଲିସ୍ ଏକ ବାଇକ ମଧ୍ୟ ଜବତ କରିଛି।

## ଜିଅନ୍ତା ଜଳିଗଲେ ସ୍ତ୍ରୀ, ସ୍ୱାମୀ ଗୁରୁତର

● ହତ୍ୟା ଅଭିଯୋଗ ଆଣି ବାପଘର ଲୋକେ

ଖଲ୍ଲିକୋଟ,୨୨।୬(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ମଥୁରା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ନିଆଁରେ ପୋଡ଼ି ହୋଇ ସ୍ତ୍ରୀ, ସ୍ୱାମୀ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଦୁହିଁଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରାଯାଇ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁଇ ଗୁରୁତର ହେଲେ ମଥୁରା ଗ୍ରାମର ରମେଶ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଅନିତା ପ୍ରଧାନ। ହେଲେ ସୋମବାର ଭୋର୍ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ଅନିତାଙ୍କ ମୃତ୍ୟୁ ଘଟିଥିବା ବେଳେ ରମେଶ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଅନିତାଙ୍କ ବାପଘର ଲୋକେ ଝିଅକୁ ହତ୍ୟା କରାଯାଇଥିବା ନେଇ ଖଲ୍ଲିକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

● ଜମିବାଡ଼ି ଓ ସମ୍ପତ୍ତିକୁ ନେଇ ହତ୍ୟାକାଣ୍ଡ

## ଖୁଡ଼ିର ଜୀବନ ନେଲା ପୁତୁରା

ଭଞ୍ଜନଗର,୨୨।୬(ସଂଚାର ବ୍ୟୁରୋ)ଃ ଖୁଡ଼ିକୁ ହତ୍ୟା କଲା ପୁତୁରା। ଖୁଡ଼ି ବେକରେ ଗାମୁଛା ବାନ୍ଧି, ହତ୍ୟା କଲା ପୁତୁରା। ହତ୍ୟାରେ ପୁତୁରା ବୋହୂ ବି ସାମିଲ ନେଇ ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଏକଘରିଆପଲ୍ଲୀ ଗାଁ ନିକଟରେ ଘଟିଛି ଏଭଳି ଘଟଣା। ମୃତକ ହେଉଛନ୍ତି ରେବତୀ ପ୍ରଧାନ। ଗାଁ ନିକଟସ୍ଥ ଏକ ନାଳକୁ କିଛି ପଥର ସଂଗ୍ରହ କରିବା ପାଇଁ ଯାଇଥିବା ଖୁଡ଼ିକୁ ଏକୁଟିଆ ଦେଖି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଘଟଣାସ୍ଥଳରେ ଜଗନ୍ନାଥପ୍ରସାଦ ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ପୁଲିସ। ଅଭିଯୁକ୍ତ ପୁତୁରା ଓ ପୁତୁରା ବୋହୂ ଫେରାର ହୋଇଯାଇଥିବା ବେଳେ ସେମାନେ ଜମିବାଡ଼ି ଓ ସମ୍ପତ୍ତିକୁ ନେଇ ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି।

## ପିଲାଚୋର ସନ୍ଦେହରେ ଯୁବକଙ୍କୁ ମାଡ଼, ୩ ଅଟକ



ସମ୍ବଲପୁର,୨୨।୬(ସଂଚାର ବ୍ୟୁରୋ)ଃ ସମ୍ବଲପୁର ସହରର କ୍ଷେତରାଜପୁର ଥାନା ଅନ୍ତର୍ଗତ ଧୋବାପଡ଼ା ଅଞ୍ଚଳରେ ରବିବାର ସକାଳେ ଜଣେ ବାହାର ରାଜ୍ୟର ଯୁବକଙ୍କୁ ପିଲା ଚୋର ଭାବି କେତେକ ସ୍ଥାନୀୟ ଯୁବକ ବର୍ବରତାର ସହ ମାଡ଼ ମାରିଛନ୍ତି। ଆହତ ଯୁବକ ଜଣଙ୍କ କେରଳର ଆଲେପି ଅଞ୍ଚଳର ବିଷ୍ଣୁ କୈସ (୩୧) ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ଆଡିସନାଲ୍ ଏସ୍‌ପି କହିଛନ୍ତି। ସେ ବରଗଡ଼ ଜିଲ୍ଲାର ଏକ ୱେଲ୍ଡିଂ ଗ୍ୟାରେଜରେ କାମ କରୁଥିଲେ। ତେବେ ସେ ସେଠାରେ କାମ ଛାଡ଼ି ରବିବାର ସକାଳେ ନୂତନ କାମ ସନ୍ଧାନରେ ସମ୍ବଲପୁର ଆସିଥିଲେ। ଧୋବାପଡ଼ା ଅଞ୍ଚଳରେ ବୁଲୁଥିବା ସମୟରେ ତାଙ୍କୁ ସ୍ଥାନୀୟ ଯୁବକମାନେ ପଚରାଉଚରା କରିଥିଲେ। ମାତ୍ର ଭାଷାଗତ ସମସ୍ୟା ଯୋଗୁ ତାଙ୍କ କଥାବାର୍ତ୍ତାରେ ତାଳମେଳ ରହି ନ ଥିଲା। ତେଣୁ ସ୍ଥାନୀୟ ଲୋକେ ସେ ଜଣେ ପିଲା ଚୋର ବୋଲି ସନ୍ଦେହ କରି ସ୍ଥାନୀୟ ଯୁବକମାନେ ତାଙ୍କୁ ତଳେ ପକାଇ ନିର୍ଦ୍ଦୟ ଭାବେ ମାଡ଼ ମାରିବା ସହ ଘୋଷାଡ଼ି ଘୋଷାଡ଼ି ନେଇଥିଲେ। ଖବର ପାଇ କ୍ଷେତରାଜପୁର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବିଷ୍ଣୁଙ୍କୁ ଉଦ୍ଧାର କରିବା ସହ ଡାକ୍ତରଖାନାରେ ଚିକିତ୍ସା କରାଇଛି। ସାମାନ୍ୟ ସୁସ୍ଥ ଅନୁଭବ କରିବାରୁ ବିଷ୍ଣୁଙ୍କୁ ପୁଲିସ ତାଙ୍କ ଘର ଆଲେପିକୁ ପଠାଇ ଦେଇଛି।

## ପର୍ଯ୍ୟଟକଙ୍କ ପାଇଁ ୨୯ରୁ ଶିମିଳିପାଳ ବନ୍ଦ



ବାରିପଦା,୨୨।୬(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଜାତୀୟ ଉଦ୍ୟାନ ପର୍ଯ୍ୟଟକ ଓ ଭ୍ରମଣକାରୀଙ୍କ ନିମନ୍ତେ ଆସନ୍ତା ୨୯ରୁ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ବିଭାଗୀୟ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏଥିସହ କେବେ ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ସକାଶେ ଖୋଲାଯିବ, ସେନେ ସମ୍ପର୍କରେ ଗଣମାଧ୍ୟମ ମାଧ୍ୟମରେ ସୂଚନା ଦିଆଯିବ ବୋଲି ମଧ୍ୟ ସେ କହିଛନ୍ତି। ତେବେ ତାଳବନ୍ଧ ଓ ଜାମୁଆଣି ଇକୋ ଟୁରିଜମ କମ୍ପ୍ଲେକ୍ସ ଭ୍ରମଣକାରୀଙ୍କ ପାଇଁ ଉଦ୍ୟାନ ଖୋଲା ରହିବ ବୋଲି ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି। ପ୍ରତିବର୍ଷ ବର୍ଷାଋତୁ ଆଗମନ ପୂର୍ବରୁ ଅଭୟାରଣ୍ୟକୁ ପର୍ଯ୍ୟଟକମାନଙ୍କ ପ୍ରବେଶକୁ ବନ୍ଦ କରାଯାଇଥାଏ। ଚଳିତ ବର୍ଷ ମୌସୁମୀର ଆଗମନ ସୂଚନା ପାଇ ଗତ ୧୫ ତାରିଖ ପରିବର୍ତ୍ତେ ଆସନ୍ତା ୨୯ରୁ ଶିମିଳିପାଳ ବନ୍ଦ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ସ୍ନାତକ ପାଠ୍ୟକ୍ରମରେ ପ୍ରଥମ ମେଧା ତାଲିକା ପ୍ରକାଶିତ

# କଳାରେ ରେଭେନ୍ସା ପାଇଁ ସର୍ବାଧିକ କଟ୍ ଅଫ୍ ୯୪.୫୦%



୨୩ରୁ ଫ୍ରିଜ ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀଙ୍କ ନାମଲେଖା

କଟକ/ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ଶିକ୍ଷାବର୍ଷ ୨୦୨୬-୨୭ ସ୍ନାତକ ପାଠ୍ୟକ୍ରମ ନାମଲେଖାର (ଫେଜ୍-୧ ଆଡମିଶନ) ପ୍ରଥମ ମେଧା ତାଲିକା ଆଜି ପ୍ରକାଶିତ ହୋଇଛି। ପ୍ରଥମ ମେଧା ତାଲିକାରେ ରାଜ୍ୟର ୧ ଲକ୍ଷ ୭୮ ହଜାର ୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମ ପାଇଁ ମୋଟ ୨ ଲକ୍ଷ ୮୭ ହଜାର ୩୨୭ଟି ଆସନ ରହିଥିବା ବେଳେ ୨ ଲକ୍ଷ ୩୭ ହଜାର ୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧ ଲକ୍ଷ ୭୮ ହଜାର ୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୬୯ ହଜାର ୧୮୨ ପୁଅ, ୧ ଲକ୍ଷ ୯ ହଜାର ୫୯୧ ଝିଅ ଓ ୯ ଟ୍ରାନ୍ସଜେଣ୍ଡର ଛାତ୍ରଛାତ୍ରୀ ଅଛନ୍ତି। ପ୍ରଥମ ମେଧା ତାଲିକାରେ କଳାରେ ୧ ଲକ୍ଷ ୧୨ ହଜାର ୮୨୨ ଜଣ, ବିଜ୍ଞାନରେ ୪୩ ହଜାର ୬୯୩ ଜଣ, ବାଣିଜ୍ୟରେ ୧୫ ହଜାର ୬୨୪ ଜଣ, ଶାସ୍ତ୍ରୀ ପାଠ୍ୟକ୍ରମରେ ୩ ହଜାର ୩୭୧ ଜଣ, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୩ ହଜାର ୨୪୫ ଜଣ ଓ ଲ' (ଆଇନ) ପାଠ୍ୟକ୍ରମ ପାଇଁ ୧୬୭ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି।

କଳା ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟର ୯୪.୫୦ ପ୍ରତିଶତ କଟ୍ ଅଫ ମାର୍କ ରହିଛି। ସେହିପରି ଫିଜିକାଲ ସାଇନ୍ସରେ ଫିଜିକ୍ସ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟର ୯୬.୫୦ ପ୍ରତିଶତ ଓ ବାୟୋଲୋଜିକାଲ ସାଇନ୍ସରେ ଜୁଲୋଜି (ପ୍ରାଣୀ ବିଜ୍ଞାନ) ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟର ୯୪.୮୩ ପ୍ରତିଶତ କଟ୍ ଅଫ ମାର୍କ ରହିଛି। ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୮୯.୧୭%, ଶାସ୍ତ୍ରୀ ପାଠ୍ୟକ୍ରମରେ ବ୍ରଜକିଶୋର ସଂସ୍କୃତି ଡିଗ୍ରୀ ମହାବିଦ୍ୟାଳୟ, ଗଡ଼ବିଷ୍ଣୁପୁର ପାଇଁ ୬୭.୫୭%, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) ମହାବିଦ୍ୟାଳୟ ପାଇଁ ୯୨%, ଆଇନ ପାଠ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ୮୯.୪୦% କଟ୍ ଅଫ ମାର୍କ ରହିଛି।

ପ୍ରଥମ ମେଧା ତାଲିକାରେ ମନୋନିତ ଓ 'ଫ୍ରିଜ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ ୨୫ ତାରିଖ ମଧ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଯାଇ ନିଜର ନାମଲେଖା ପ୍ରକ୍ରିୟା ସମ୍ପନ୍ନ କରିବେ। 'ସ୍ଲାଇଡ୍/ଫ୍ଲୋଟ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ନିଜର ଆବଣ୍ଟିତ ଆସନ ପାଇଁ ନାମଲେଖା ଶୁଳ୍କ ଜମା କରି ଦ୍ୱିତୀୟ ପର୍ଯ୍ୟାୟ ଚୟନ ତାଲିକାକୁ ଅପେକ୍ଷା କରିବେ। ପ୍ରଥମ ପସନ୍ଦର ଅନୁଷ୍ଠାନରେ ଆସନ ପାଇଥିଲେ ମଧ୍ୟ ନାମ ଲେଖାଇବାକୁ ଇଚ୍ଛୁକ ନ ଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ପ୍ରଚଳିତ 'ଅଲ୍ଟର' ବିକଳ୍ପ ମାଧ୍ୟମରେ ଓଟିପିଭିତ୍ତିକ ଯାଞ୍ଚ ଦ୍ୱାରା ନିଜ ପସନ୍ଦ ପରିବର୍ତ୍ତନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମହିଳାଙ୍କୁ ଧୋକ୍କା ଦେଇ ଦୁବାଇରେ ଡାକ୍ତରଙ୍କ ଅୟସ




ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ଚର୍ଚ୍ଚାରେ ଡାକ୍ତର ବାବୁଙ୍କ ଡାର୍ଟି ପିକଚର। ରସିଆନ୍ ଝିଅଙ୍କ ଭିତରେ ବର୍ଥ ଡେ' ସେଲିବ୍ରେସନର ସ୍ୱପ୍ନ ପୂରଣ କରିବାକୁ ମହିଳାଙ୍କୁ ଫସାଇଥିଲେ ଡାକ୍ତର। ମହିଳାଙ୍କୁ ଧୋକା ଦେଇ ଟଙ୍କା ଠକେଇ ଅଭିଯୋଗରେ ବନ୍ଧା ହେଲେ ଡାକ୍ତର ଅବିନାଶ ମହାନ୍ତି। ଦେହରୁ ମୁଣ୍ଡ ଯାଏ ବ୍ରାଣ୍ଡେଡ୍ ଜିନିଷ, କିନ୍ତୁ ନିଜ ପଇସାରେ ନୁହେଁ। ଅଭିଯୋଗ ଅନୁଯାୟୀ, ଜଣେ ମହିଳାଙ୍କୁ ସୋସିଆଲ ମିଡିଆରେ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇବା ସହ ବିବାହର ମିଛ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଲେ। ଅଚେତ ମହିଳାଙ୍କ ଅଶ୍ଳୀଳ ଫଟୋ ଆଉ ଭିଡିଓ ଉତ୍ତୋଳନ କରି ବ୍ଲାକମେଲ କଲେ ଡାକ୍ତର। ଦୁବାଇ ଯାଇ କ୍ରୁଜରେ ରସିଆନ ଯୁବତୀଙ୍କ ଭିତରେ ନିଜର ବର୍ଥ ଡେ' ପାର୍ଟି ପାଇଁ ଲକ୍ଷାଧିକ ଟଙ୍କା ନେଇଥିଲେ ଡାକ୍ତର ଅବିନାଶ ମହାନ୍ତି। ଅଭିଯୁକ୍ତ ଜଣକ ସାନଖେମୁଣ୍ଡି ବ୍ଲକ୍ ଡେଙ୍ଗାଉସ୍ତା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଥିଲେ ଡାକ୍ତର। ସେତିକି ନୁହେଁ ମହିଳାଙ୍କ ଠାରୁ ୨୫ ଲକ୍ଷ ଟଙ୍କା, ସୁନା ଚେନ, ଲକେଟ, ମୁଦି ଏବଂ ଗୋଲ୍ଡ ବ୍ରେସଲେଟ୍ ସହ ଆଇ ଫୋନ୍ ନେଇଥିଲେ। ପରେ ଅନ୍ୟ ଯୁବତୀଙ୍କ ସହ ବିବାହ ସ୍ଥିର କରି ମହିଳାଙ୍କ ଠାରୁ ଦୂରେଇ ଯାଇଥିଲେ।

## ଟ୍ରିବ୍ୟୁନାଲ୍‌ଙ୍କ ଗସ୍ତ ପାଇଁ ଅଢ଼େଇ କୋଟି ସ୍ୱାହା

ସରକାର ଜବାବ ଦେବାକୁ ଦାବି

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ଗତ ଫେବୃଆରୀ-ମାର୍ଚ୍ଚରେ ମହାନଦୀ ଟ୍ରିବ୍ୟୁନାଲଙ୍କ ପାରିବାରିକ ବିଳାସମୟ ଗସ୍ତରେ ଓଡ଼ିଶା ସରକାରଙ୍କ ତହବିଲରୁ ୨ କୋଟି ୪୧ ଲକ୍ଷ ଖର୍ଚ୍ଚ ହୋଇଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଆରଟିଆଇରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ମହାନଦୀର ଉପର ମୁଣ୍ଡରେ ଅର୍ଥାତ ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଅଞ୍ଚଳ ଗସ୍ତ ପାଇଁ ୧ କୋଟି ୪୫ ଲକ୍ଷ ୫୫ ହଜାର ୪୮୦ ଟଙ୍କା ଓ ତଳମୁଣ୍ଡରେ ଅର୍ଥାତ ଭୁବନେଶ୍ୱର, ପୁରୀ, ଚିଲିକା ଆଦି ବୁଲିବାରେ ୯୫ ଲକ୍ଷ ୫୮ ହଜାର ୭୪୦ ଟଙ୍କା ଖର୍ଚ୍ଚ ହୋଇଛି। ଏତେ ଟଙ୍କା କ'ଣ ପାଇଁ ଓ କେଉଁସବୁ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ ହୋଇଛି, ତା'ର ଜବାବ ଜଳ ସମ୍ପଦ ବିଭାଗ ଦେବାକୁ ସେ ଦାବି କରିଛନ୍ତି। ଏମଏମ ସଂସ୍ଥା କାହାର ଓ ସେହି ସଂସ୍ଥାକୁ କିଏ ଓ କାହିଁକି ନିୟୋଜିତ କରିଥିଲା, ତା'ର ଜବାବ ମଧ୍ୟ ଏହି ସମ୍ମିଳନୀରେ ମଗାଯାଇଛି। ପୂର୍ବରୁ ୨୦୨୩ରେ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତରେ ୫ କୋଟି ଟଙ୍କା ଓଡ଼ିଶା ସରକାରଙ୍କର ଖର୍ଚ୍ଚ ହୋଇଥିଲା। ମହାନଦୀ ଟ୍ରିବ୍ୟୁନାଲଙ୍କ ଗସ୍ତ ମହାନଦୀ ସ୍ଥିତି ଅନୁଧ୍ୟାନ ପାଇଁ ନୁହେଁ, ବରଂ ପିକନିକ ପାଇଁ ବୋଲି ସେତେବେଳେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଅଭିଯୋଗ କରିଥିଲା। କାରଣ ତାଙ୍କର ଗସ୍ତ ଅଞ୍ଚଳ ଦିବ୍ରୁଗଡ଼ ଜଙ୍ଗଲ, ପୁରୀ, କୋଣାର୍କ, ଲିଙ୍ଗରାଜ ଓ ଚିଲିକା ଆଦି ମହାନଦୀ ସମସ୍ୟା ପାଇଁ ଉଦ୍ଦିଷ୍ଟ ନ ଥିଲା। ଓଡ଼ିଆଙ୍କ ଟିକସ ପଇସା ସ୍ୱାହା ପାଇଁ ଅନୁମତି ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କ ଦରମାରୁ ଖର୍ଚ୍ଚ ଅସୁଲ କରିବାକୁ ଦାବି କରାଯାଇଛି।

● ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

## ପୁଲିସ ରିମାଣ୍ଡରେ ଗଲେ ଭୀମସେନ



ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ବହୁଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ଓଏଏସ୍ ଭୀମସେନ ଟୁଡୁଙ୍କୁ ଆଜି ରିମାଣ୍ଡକରେ ନେଇଛଇ ପୁଲିସ। ଜେଏମ୍‌ଏଫ୍‌ସି-୨ କୋର୍ଟ ଆଜି ଭୀମସେନଙ୍କୁ ୨ଦିନିଆ ରିମାଣ୍ଡରେ ନେବା ସକାଶେ ପୁଲିସ୍‌କୁ ଅନୁମତି ଦେଇଛନ୍ତି। ରିମାଣ୍ଡ ମିଳିବା ପରେ ଏବେ ଭୀମସେନକୁ ଅଧିକ ପଚରାଉଚରା କରିବ କମିଶନରେଟ ପୁଲିସ। ଗତ ୧୨ ତାରିଖରେ ଭୀମସେନଙ୍କୁ ମୟୂରଭଞ୍ଜରୁ ପୁଲିସ୍ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ ଗତ ୪ ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ମିଳିଥିଲା। ତେବେ ପ୍ରେମ ବ୍ୟାପାରକୁ ନେଇ ପୁରୁଷ ବନ୍ଧୁ ଭୀମସେନ ଜଣେ ଯୁବତୀଙ୍କ ସହ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ଚନ୍ଦ୍ରିକାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପରିବାର ଲୋକେ ଅଭିଯୋଗ କରିଥିଲେ ଯେ ଚନ୍ଦ୍ରିକାଙ୍କ ସହ ଦୀର୍ଘଦିନର ପ୍ରେମ ସମ୍ପର୍କ ଭିତରେ ଦ୍ୱିତୀୟ ଯୁବତୀ ଆସିବା ପରେ ଓଏଏସ୍ ତାଲିମ ନେଉଥିବା ଭୀମସେନ ମାନସିକ ନିର୍ଯାତନା ଦେଇ ଚନ୍ଦ୍ରିକାଙ୍କୁ ଚାପରେ ରଖିବା ଆରମ୍ଭ କରିଥିଲେ। ମାମଲାକୁ ଗୁରୁତର ଭାବେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଭୀମସେନଙ୍କୁ ଧରିବା ସକାଶେ ଏକାଧିକ ଟିମ୍ ମଧ୍ୟ ଗଠନ ହୋଇଥିଲା।

# ରାଜରାସ୍ତାରେ ଥାଳି ପିଟିଲେ ସ୍ୱାସ୍ଥ୍ୟମିତ୍ର



ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ)ଃ ଅଲ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଆଜି ଲୋୟର ପିଏମଜିରେ ବଡ଼ ଧରଣର ଧାରଣା ଦିଆଯାଇଛି। କାମ ବନ୍ଦ କରି ରାଜଧାନୀ ରାଜରାସ୍ତାରେ ଥାଳି ପିଟି ନିଜ ଦାବି ଜଣାଉଛନ୍ତି ସ୍ୱାସ୍ଥ୍ୟମିତ୍ର। ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଛଟେଇ ନିଷ୍ପତ୍ତିକୁ ପ୍ରତ୍ୟାହାର ସହ ଚାକିରିରେ ସୁରକ୍ଷା ଓ ଆଉଟସୋର୍ସିଂ ପରି ପ୍ରଥାକୁ ଉଚ୍ଛେଦ କରି ସିଧାସଳଖ ଡିପାର୍ଟମେଣ୍ଟ ଅଧୀନକୁ ନିଆଯିବା ସକାଶେ ସଂଘ ଦାବି କରିଛି।

ତିନି ଦଫା ଦାବି ନେଇ ଆନ୍ଦୋଳନ

ବେସରକାରୀ ହସ୍ପିଟାଲରେ ଗରିବ ରୋଗୀଙ୍କ ସାଥୀ ଥିଲେ ସ୍ୱାସ୍ଥ୍ୟମିତ୍ର। ହେଲେ ହଠାତ ଛଟେଇ ନୋଟିସ ପାଇବା ପରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ଏବେ ନିଜ ହକ୍ ପାଇଁ ସେମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦୀର୍ଘ ଦିନ ଧରି ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇବାରେ ଏମାନେ ସାଜିଥିଲେ ସାଥୀ। କିନ୍ତୁ ଗତ ୨୯ ତାରିଖରେ ସେମାନଙ୍କୁ ମିଳିଥିଲା ଛଟେଇର ଉପହାର। ନୋଟିସର ଠିକ ମାସକ ପରେ ଅର୍ଥାତ ଆସନ୍ତା ୩୦ ତାରିଖରେ ସରୁଛି କାର୍ଯ୍ୟକାଳ। ଆଉ ଏବେ ଚାକିରି ହରାଇବା ଭୟରେ ସେମାନେ ଆନ୍ଦୋଳନ ପନ୍ଥା ଆପଣାଇଛନ୍ତି। ତିନି ଦଫା ଦାବି ନେଇ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି ଛଟେଇ ନୋଟିସ୍ ପାଇଥିବା ସ୍ୱାସ୍ଥ୍ୟମିତ୍ର।

ଏହି ସ୍ୱାସ୍ଥ୍ୟମିତ୍ରମାନେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ଗରିବ ରୋଗୀଙ୍କୁ କ୍ୟାସଲେସ ଚିକିତ୍ସା, ଆଧାର ଲିଙ୍କ ଓ କେୱାଇସି ଯାଞ୍ଚରେ ସହାୟତା କରିଥାନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କହିବା କଥା ଯେ ସେମାନେ 'ଆରୋଗ୍ୟ ମିତ୍ର' ଭାବେ କାମ କରୁଛନ୍ତି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ମାତ୍ର ୪୦ ଜଣଙ୍କୁ ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନଙ୍କ ଭବିଷ୍ୟତ ଏବେ ଅନ୍ଧାରରେ। ଡିଏମଓ, ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଧାୟକ ଓ ସାଂସଦଙ୍କୁ ଗୁହାରୀ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କାର୍ଯ୍ୟ ବନ୍ଦ, ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଗରିବ ରୋଗୀମାନେ ବେସରକାରୀ ଚିକିତ୍ସାଳୟରେ ଶୋଷଣ ଓ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ଦୁର୍ଘଟଣାରେ ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଗଞ୍ଜାମ,୨୨।୬(ସଂଚାର ବ୍ୟୁରୋ)ଃ ଅଜଣା ଗାଡ଼ି ଧକ୍କାରେ ଗତ ଶନିବାର ଗଞ୍ଜାମ ଅଞ୍ଚଳର ଅନିଲ ମହାପାତ୍ର ନାମକ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଥିଲା। କୌଣସି ସୂତ୍ରରୁ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତ ଅନିଲଙ୍କ ପରିବାରକୁ ସୋସିଆଲ୍ ମିଡିଆ ଫେସବୁକ ଜରିଆରେ ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାରୁ ୪ ଲକ୍ଷର ସହାୟତା ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ରାଉଳ ସାହିର ବାଲାଜୀ ମହାପାତ୍ରଙ୍କ ପୁଅ ଅନିଲ (୩୫ ) କୌଣସି କାମରେ ବ୍ରହ୍ମପୁର ଯାଇଥିଲେ। ତେବେ ଫେରିବା ସମୟରେ ବ୍ରହ୍ମପୁର ନିକଟସ୍ଥ ଅମ୍ବପୁଆଠାରେ ରାସ୍ତାରେ ଏକ ଅଜଣା ଗାଡି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ଅନିଲଙ୍କୁ ବ୍ରହ୍ମପୁର ମେଡିକାଲରେ ସ୍ଥାନୀୟ ଲୋକେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ମେଡିକାଲରେ ପହଞ୍ଚି ମୃତ ଅନିଲଙ୍କ ପରିବାରଙ୍କୁ ଭେଟିଥିଲେ। ଛତ୍ରପୁର ବିଧାୟକଙ୍କ ଯୋଗୁଁ ଅନିଲଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ମିଳିପାରିଲା ବୋଲି ବିଜେଡି ଯୁବ ସଭାପତି କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ







# ଭାରତ ପାଖରୁ ୩ ବର୍ଷ ଯାଏଁ ଚିନି ପାଇବନି ନେପାଳ




ନୂଆଦିଲ୍ଲୀ,୨୨।୬: ଭାରତରୁ ଚିନି ରପ୍ତାନୀ ଉପରେ ଲାଗିଥିବା କଟକଣା ଯୋଗୁଁ ପଡ଼ୋଶୀ ଦେଶ ନେପାଳର ଚିନ୍ତା ବଢ଼ିବାରେ ଲାଗିଛି। ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ନେପାଳକୁ ଭାରତରୁ ଚିନି ମିଳିବା ସମ୍ଭାବନା ନାହିଁ। ଏହି ଖବର ନେପାଳ ସରକାର ଏବଂ ସେଠାକାର ପ୍ରମୁଖ ନେତା ବାଲେନ ଶାହଙ୍କ ପାଇଁ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ଭାରତ ସରକାର ପୂର୍ବରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚିନି ରପ୍ତାନୀ ଉପରେ ରୋକ ଲଗାଇ ସାରିଛନ୍ତି। ଅନ୍ତର୍ଜାତୀୟ ଗଣମାଧ୍ୟମ ରଏଟର୍ସ (Reuters) ର ଏକ ରିପୋର୍ଟ ଅନୁଯାୟୀ, ଭାରତ ଆଗାମୀ ୩ଟି ସିଜନ୍ (ବର୍ଷ) ପର୍ଯ୍ୟନ୍ତ ରପ୍ତାନୀ ପାଇଁ ବଳକା ଚିନି ରଖିବା ସ୍ଥିତିରେ ନାହିଁ। ଏହାର ଦୁଇଟି ମୁଖ୍ୟ କାରଣ ରହିଛି । ଏଲ୍ ନିନୋର ପ୍ରଭାବରେ ପାଣିପାଗର ଏହି ପରିବର୍ତ୍ତନ ଯୋଗୁଁ ଆଗାମୀ ଦିନରେ ଆଖୁ ଚାଷ ଓ ଉତ୍ପାଦନ ବହୁଳ ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଭାରତରେ ଜୈବ-ଇନ୍ଧନ ବା ବାୟୋଫ୍ୟୁଏଲ୍ ନୀତି ଯୋଗୁଁ ଆଖୁ ରସକୁ ଚିନି ବଦଳରେ ଇଥାନଲ୍ ପ୍ରସ୍ତୁତିରେ ଅଧିକ ବ୍ୟବହାର କରାଯାଉଛି, ଯାହା ଚିନିର ଉପଲବ୍ଧତାକୁ ହ୍ରାସ କରୁଛି।

ଏହି ଦୁଇଟି କାରଣ ଯୋଗୁଁ ବିଶ୍ୱ ବଜାରକୁ ଲକ୍ଷ ଲକ୍ଷ ଟନ୍ ଚିନି କମ୍ ଯିବ, ଯାହା ଦ୍ୱାରା ଏସିଆ, ଆଫ୍ରିକା ଏବଂ ମିଡିଲ୍ ଇଷ୍ଟ (ମଧ୍ୟ ପ୍ରାଚ୍ୟ) ର ଆମଦାନୀକାରୀ ଦେଶଗୁଡ଼ିକ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେବେ। ଏପରିକି ଆମେରିକା ଏବଂ ବ୍ରିଟେନ୍ (UK) ଭଳି ଦେଶରେ ମଧ୍ୟ ଚିନିର ମୂଲ୍ୟ ବୃଦ୍ଧି ପାଇବ। ଦୁନିଆର ଦ୍ୱିତୀୟ ସବୁଠାରୁ ବଡ଼ ଚିନି ରପ୍ତାନିକାରୀ ଦେଶ ଥିବା ଭାରତ ଯଦି ଦୀର୍ଘ ସମୟ ପର୍ଯ୍ୟନ୍ତ ବଜାରରୁ ଦୂରେଇ ରହେ, ତେବେ ଚାହିଦା ଓ ଯୋଗାଣ (Demand and Supply) ର ସନ୍ତୁଳନ ବିଗିଡ଼ିଯିବ। ପାଣିପାଗର ବିପଦ ଏବଂ ବାୟୋଫ୍ୟୁଏଲ୍ ନୀତି ଯୋଗୁଁ ବିଶ୍ୱ ସ୍ତରରେ ଚିନି ବ୍ୟାପାରର ଚିତ୍ର ବଦଳିବାକୁ ଯାଉଛି।

ଭାରତର ରପ୍ତାନୀ ବ୍ୟାନ୍ ଯୋଗୁଁ ନେପାଳରେ ଏବେଠାରୁ ଚିନି ସଙ୍କଟ ଦେଖାଦେଲାଣି। 'କାଠମାଣ୍ଡୁ ପୋଷ୍ଟ'ର ଏକ ରିପୋର୍ଟ ଅନୁସାରେ ନେପାଳର ଆଭ୍ୟନ୍ତରୀଣ ସ୍ଥିତି ସଙ୍ଗୀନ ରହିଛି । ନେପାଳରେ ପୂର୍ବରୁ ପ୍ରତିବର୍ଷ ପ୍ରାୟ ୧,୫୫,୦୦୦ ଟନ୍ ଚିନି ଉତ୍ପାଦନ ହେଉଥିଲା। ମାତ୍ର ଚିନି ମିଲ୍ ମାଲିକମାନଙ୍କ ଠାରୁ ଠିକ୍ ସମୟରେ ପେମେଣ୍ଟ ବା ଅର୍ଥ ନମିଳିବା ଯୋଗୁଁ ଚାଷୀମାନେ ଆଖୁ ଚାଷ କମାଇ ଦେଇଛନ୍ତି। ଫଳରେ ବର୍ତ୍ତମାନ ଉତ୍ପାଦନ ହ୍ରାସ ପାଇ ପ୍ରାୟ ୧,୨୦,୦୦୦ ଟନରେ ପହଞ୍ଚିଛି।

ନେପାଳରେ ବାର୍ଷିକ ଚିନିର ଚାହିଦା ପ୍ରାୟ ୩,୦,୦୦୦ ଟନ୍। ଅର୍ଥାତ, ନିଜର ମୋଟ ଚାହିଦାର ପ୍ରାୟ ୨/୩ ଭାଗ ଚିନି ନେପାଳକୁ ବାହାର ଦେଶରୁ (ମୁଖ୍ୟତଃ ଭାରତରୁ) ଆମଦାନୀ କରିବାକୁ ପଡ଼ିଥାଏ। ଭାରତୀୟ ଚିନି ଉପରେ କଟକଣା ଲାଗିବାର ମାତ୍ର ଏକ ମାସ ମଧ୍ୟରେ ନେପାଳ ବଜାରରେ ଚିନି କିଲୋ ପ୍ରତି ପ୍ରାୟ ୧୫ ନେପାଳୀ ଟଙ୍କା ବୃଦ୍ଧି ପାଇଛି। ପୂର୍ବରୁ ଯେଉଁ ଚିନି କିଲୋ ପ୍ରତି ୯୫ ନେପାଳୀ ଟଙ୍କାରେ ମିଳୁଥିଲା, ତାହା ଏବେ ଖୁଚୁରା ବଜାରରେ ପ୍ରାୟ ୧୧୦ ନେପାଳୀ ଟଙ୍କାରେ ବିକ୍ରି ହେଉଛି। ତେବେ ଭାରତର ଏହି ଦୀର୍ଘକାଳୀନ ରପ୍ତାନୀ କଟକଣା ନେପାଳର ଘରୋଇ ବଜାରରେ ମହଙ୍ଗା ପରିସ୍ଥିତି ସୃଷ୍ଟି କରିବା ସହ ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି।

## ଜୁଲାଇ ୪ରୁ ଆମାଜନ ଇଣ୍ଡିଆ ପ୍ରାଇମ ଡେ'ର ୧୦ମ ସଂସ୍କରଣ

ଭୁବନେଶ୍ୱର,୨୨।୬: ଆସନ୍ତା ଜୁଲାଇ ୪ରୁ ଆମାଜନ ଇଣ୍ଡିଆ ପକ୍ଷରୁ ପ୍ରାଇମ ଡେ'-୨୦୨୬ର ୧୦ମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି । ଏହା ୪ ଜୁଲାଇ ରାତି ୧୨ଟାରୁ ୬ ତାରିଖ ୧୧.୫୯ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ୭୨ ଘଣ୍ଟା ପର୍ଯ୍ୟନ୍ତ ଚାଲିବ । ଆମାଜନ ପ୍ରାଇମ ସଦସ୍ୟଙ୍କ ପାଇଁ '୧୦ମ ଆନିଭର୍ସାରି' ଡିଲ୍ ସହ ବିଭିନ୍ନ ବର୍ଗରେ ଉତ୍ସାହଜନକ ଅଫର ରହିଥିବା କୁହାଯାଇଛି। ଏହାବ୍ୟତୀତ ଏସ୍‌ବିଆଇ, ଆକ୍ସିସ କ୍ରେଡିଟ୍ କାଡର୍ ଓ ଇଏମ୍ଆଇ ପେମେଣ୍ଟ ଉପରେ ଅତିରିକ୍ତ ୧୦% ସଞ୍ଚୟ ପ୍ରଦାନ ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ପ୍ରାଇମ୍ ବିଭାଗର ନିର୍ଦ୍ଦେଶକ ଅଭିନବ ଅଗ୍ରୱାଲ ସୂଚନା ଦେଇ କହିଛନ୍ତି 'ନୂଆ ଲଞ୍ଚଠାରୁ ଆରମ୍ଭକରି ବ୍ଲକ୍‌ବଷ୍ଟର ଅଫର, ପ୍ରାଇମ ଡେ' ସବୁବେଳେ ଆମର ସଦସ୍ୟ, ସେଲର ଓ ବ୍ରାଣ୍ଡ ପାର୍ଟନରଙ୍କୁ ଅଧିକ ସୁବିଧା ଓ ସହଯୋଗ କରିଆସୁଛି । ସେହିପରି ଆମାଜନ ପେ', ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହ ପ୍ରାଇମ ସଦସ୍ୟମାନେ ଅସୀମିତ ୫% କ୍ୟାଶ୍‌ବ୍ୟାକ୍ ପାଇପାରିବେ ବୋଲି କୁହାଯାଇଛି। ଏହା ବ୍ୟତୀତ ସ୍ମାର୍ଟଫୋନ, ଲାପ୍‌ଟପ୍, ଫ୍ୟାଶନ, ହୋମ ଆଣ୍ଡ କିଚେନ, ବିୟୁଟି ପ୍ରଡକ୍ଟ, ଖେଳନା, ଦୈନନ୍ଦିନ ସାମଗ୍ରୀ ଭଳି ବର୍ଗରେ ରହାତି ପ୍ରଦାନ କରାଯିବ ବୋଲି ଆମାଜନ୍ ପକ୍ଷରୁ କୁହାଯାଇଛି ।



## ୨୦୩୦ ସୁଦ୍ଧା ଭାରତରେ ହେବେ ୨୬,୦୦୦ କୋଟିପତି ପରିବାର

ମୁମ୍ବାଇ,୨୨।୬: ଜାତୀୟ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତର ଫ୍ୟାମିଲ ଅଫିସ ଇକୋସିଷ୍ଟମ୍ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଅତି-ଧନୀ ବ୍ୟକ୍ତି ସୃଷ୍ଟି କରିବାରେ ଆମେରିକା ଏବଂ ଚୀନ୍ ପରେ ଭାରତ ଏବେ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ବର୍ତ୍ତମାନ ଦେଶରେ ୩୦୦ ରୁ ଅଧିକ 'ଫ୍ୟାମିଲି ଅଫିସ୍' ସକ୍ରିୟ ଅଛନ୍ତି, ଯେଉଁମାନେ ମୋଟ ୩୦ ବିଲିୟନ୍ ଡଲାରରୁ ଅଧିକ ସମ୍ପତ୍ତି ରହିଛି।

ରିପୋର୍ଟ ଅନୁଯାୟୀ, ୩୦ ମିଲିୟନ୍ ଡଲାରରୁ ଅଧିକ ସମ୍ପତ୍ତି ଥିବା ଧନୀ ଭାରତୀୟ ପରିବାର ସଂଖ୍ୟା ୨୦୨୫ ମସିହାରେ ୧୬,୦୦୦ ଥିବା ବେଳେ ୨୦୩୦ ସୁଦ୍ଧା ଏହା ୨୬,୦୦୦ କୁ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।

ଆଗାମୀ ଏକ ଦଶନ୍ଧି ମଧ୍ୟରେ ଭାରତରେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପ୍ରାୟ ୧.୩ ରୁ ୧.୫ ଟ୍ରିଲିୟନ୍ ଡଲାରର ସମ୍ପତ୍ତି ହସ୍ତାନ୍ତର ହେବାର ସମ୍ଭାବନା ରହିଛି। ଫ୍ୟାମିଲି ଅଫିସ୍‌ଗୁଡ଼ିକ ମୁଖ୍ୟତଃ ସମ୍ପତ୍ତି ଏବଂ ବିପଦ ପରିଚାଳନା, ନୂତନ ସମ୍ପତ୍ତି ସୃଷ୍ଟି ଏବଂ ଅନ୍ତର୍ଜାତୀୟ ବିନିଯୋଗରେ ସାହାଯ୍ୟ କରନ୍ତି।

ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ଆଭେଣ୍ଡସ୍'ର ଫ୍ୟାମିଲି ଅଫିସ୍ ମୁଖ୍ୟ ଅଶ୍ୱିନୀ ଚୋପ୍ରା କହିଛନ୍ତି ଯେ ଶାସନ ବିଧି, ଟିକସ ଯୋଜନା, ସେୟାର ହୋଲ୍ଡିଂ ଏବଂ ରେସିଡେନ୍ସି ପ୍ଲାନିଂ ଆଦି ବର୍ତ୍ତମାନ ସମ୍ପତ୍ତି ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ରିପୋର୍ଟର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି, ଭାରତର ୫୦ ପ୍ରତିଶତରୁ ଅଧିକ ଫ୍ୟାମିଲି ଅଫିସ୍ ଏବେ ବିନିଯୋଗ ନିଷ୍ପତ୍ତିରେ ସେମାନଙ୍କର ନୂଆ ପିଢ଼ିର ସଦସ୍ୟମାନଙ୍କୁ ସାମିଲ କରୁଛନ୍ତି। ପ୍ରାୟ ୩୦% ନୂଆ ପିଢ଼ିର ନିବେଶକମାନେ ଷ୍ଟାର୍ଟଅପ୍, ବିଶେଷ କରି ହେଲ୍ଥ-ଟେକ୍, ଫିନ୍-ଟେକ୍ ଏବଂ ଏଆଇ କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ପୂର୍ବରୁ ଧନୀ ପରିବାରଗୁଡ଼ିକ ସକ୍ରିୟ ଭାବେ ନିଜ ବ୍ୟବସାୟ ଚଳାଇବା ଉପରେ ଅଧିକ ଧ୍ୟାନ ଦେଉଥିଲେ। କିନ୍ତୁ ବର୍ତ୍ତମାନର ନୂଆ ପିଢ଼ି ପାରମ୍ପରିକ ବ୍ୟବସାୟ ଅପେକ୍ଷା ନିଜ ସମ୍ପତ୍ତିର ପରିଚାଳନା ଉପରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। 'ଦାନି' ଫ୍ୟାମିଲି ଅଫିସ୍‌ର ସିଏଫଓରିଙ୍କୁ ସୋମାନିଙ୍କ କହିବା ଅନୁଯାୟୀ, ଅନେକ ବଡ଼ ବଡ଼ ପରିବାର ଏବେ ସେମାନଙ୍କର ମୁଖ୍ୟ ବ୍ୟବସାୟଗୁଡ଼ିକୁ ପେସାଦାରମାନଙ୍କ ଦ୍ୱାରା ପରିଚାଳନା କରାଉଛନ୍ତି ଏବଂ ନିଜେ କେବଳ ପୁଞ୍ଜି ବିନିଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି।

### ରେ-ବ୍ୟାନ୍ ସାମ୍ରାଜ୍ୟରେ ପାରିବାରିକ ବିବାଦ

## ୧୧.୫ ବିଲିୟନ୍ ଡଲାରରେ ଭାଇଭଉଣୀଙ୍କ ଅଂଶଧନ କିଣିବେ ଉତ୍ତରାଧିକାରୀ

ନୂଆଦିଲ୍ଲୀ, ୨୨।୬:ରେ-ବ୍ୟାନ୍ ଏମ୍ପାୟାରର ପ୍ରତିଷ୍ଠାତାଙ୍କ ପୁଅ ତଥା ଉତ୍ତରାଧିକାରୀ ଲିଓନାର୍ଡୋ ମାରିଆ ଡେଲ୍ ଭେକିଓ ପରିବାରର ହୋଲ୍ଡିଂ କମ୍ପାନୀ ବିରୋଧରେ ଏକ ବଡ଼ ଚ୍ୟାଲେଞ୍ଜ କରିଛନ୍ତି। ଆସନ୍ତା ଜୁନ୍ ୩୦ ତାରିଖରେ ହେବାକୁ ଥିବା ଅଂଶୀଦାର ବୈଠକ ପୂର୍ବରୁ ସେ ନିଜର ଦୁଇ ଭାଇଭଉଣୀଙ୍କ ଅଂଶଧନ କିଣିବା ପାଇଁ ୧୦ ବିଲିୟନ ୟୁରୋ (ପ୍ରାୟ ୧୧.୫ ବିଲିୟନ ଡଲାର) ର ପ୍ରସ୍ତାବକୁ ସମର୍ଥନ କରିବାକୁ ବୋର୍ଡ ନିକଟରେ ଦାବି କରିଛନ୍ତି। ୩୧ ବର୍ଷୀୟ ଲିଓନାର୍ଡୋ ଶୁକ୍ରବାର ଦିନ ନିଜ ମାଲିକାନାରେ ଥିବା ଅନଲାଇନ୍ ଖବରକାଗଜ 'କୋଟିଡିଆନୋ ନାଜିଓନାଲେ'ରେ ଏକ ଖୋଲା ଚିଠି ପ୍ରକାଶ କରିଛନ୍ତି। ଏଥିରେ ସେ ପରିବାରର ଇନଭେଷ୍ଟମେଣ୍ଟ ବା ହୋଲ୍ଡିଂ କମ୍ପାନୀ 'ଡେଲଫିନ୍ ସାର୍ଲ' (Delfin Sarl) ର ବୋର୍ଡକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ବୋର୍ଡ ଏହି ବଡ଼ ଡିଲ୍ ପ୍ରସଙ୍ଗରେ ବାରମ୍ବାର ନିଜର ଆଭିମୁଖ୍ୟ ବଦଳାଉଛି ଏବଂ ଏହାର କୌଣସି ସ୍ପଷ୍ଟ କାରଣ ଦେଉନାହିଁ।

ପ୍ରତିଷ୍ଠାତା ତଥା ପିତା ଲିଓନାର୍ଡୋ ଡେଲ୍ ଭେକିଓଙ୍କ ୨୦୨୨ ରେ ଦେହାନ୍ତ ପରେ ପରିବାର ମଧ୍ୟରେ ସମ୍ପତ୍ତିକୁ ନେଇ ବିବାଦ ଲାଗିରହିଛି। ଏହି ବିବାଦର ଅନ୍ତ ଘଟାଇବା ପାଇଁ ଯୁବ ଲିଓନାର୍ଡୋ ନିଜର ଭାଇ ଲୁକା ଏବଂ ଭଉଣୀ ପାଓଲାଙ୍କ ପାଖରେ ଥିବା ମୋଟ୨୫% ଅଂଶଧନ (ଷ୍ଟେକ୍)କିଣିବାକୁ ଚାହୁଁଛନ୍ତି। ଯଦି ଏହି ଡିଲ୍ ସଫଳ ହୁଏ, ତେବେ ତାଙ୍କର ମୋଟ ଅଂଶଧନ୩୭.୫%କୁ ବୃଦ୍ଧି ପାଇବ ଏବଂ ସେ କମ୍ପାନୀର ସବୁଠାରୁ ବଡ଼ ଅଂଶୀଦାର ପାଲଟିଯିବେ। ଏହି ବିରାଟ ଅଧିଗ୍ରହଣ ଡିଲ୍ ପାଇଁ ୟୁନିକ୍ରେଡିଟ୍, ବିଏନପି ପରିବାସ୍ ଏବଂ କ୍ରେଡିଟ୍ ଏଗ୍ରିକୋଲ ଭଳି ବଡ଼ ବ୍ୟାଙ୍କରୁ ପ୍ରାୟ ୧୦ ବିଲିୟନ ୟୁରୋର ଏକ ଜଟିଳ ଋଣ ପ୍ୟାକେଜ୍ ଆବଶ୍ୟକ। ୟୁରୋପର ଇତିହାସରେ କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହା ହେଉଛି ଅନ୍ୟତମ ବୃହତ୍ ଅଧିଗ୍ରହଣ ଋଣ।

ଲିଓନାର୍ଡୋଙ୍କ ମତରେ ଏବେ ଏହି ସମସ୍ୟା କେବଳ ଆର୍ଥିକ ହୋଇ ରହିନାହିଁ, ବରଂ କମ୍ପାନୀ ପରିଚାଳନାର ପ୍ରସଙ୍ଗ ପାଲଟିଛି। ସେ ପ୍ରଶ୍ନ କରିଛନ୍ତି ଯେ ଯେତେବେଳେ ଅଂଶୀଦାରମାନେ ଏହି ପୁନର୍ଗଠନ ପ୍ରକ୍ରିୟାକୁ ସମର୍ଥନ ଜଣାଇସାରିଛନ୍ତି, ତେବେ ଏବେ ବୋର୍ଡ କାହିଁକି ଆପତ୍ତି ଉଠାଉଛି। ଋଣ ଦେଉଥିବା ବ୍ୟାଙ୍କଗୁଡ଼ିକ କମ୍ପାନୀର ଭବିଷ୍ୟତ ଲାଭାଂଶ, ପୁଞ୍ଜି ସ୍ଥିରତା ଏବଂ ଦୀର୍ଘମିଆଦୀ ରଣନୀତି ଉପରେ ସ୍ପଷ୍ଟୀକରଣ ମାଗିଛନ୍ତି, ଯାହାକି ଏକ ଯଥାର୍ଥ ଦାବି। କିନ୍ତୁ ଏହାର ସମାଧାନ ପାଇଁ ଡେଲଫିନ୍ ବୋର୍ଡ ଏକ ସ୍ପଷ୍ଟ ଏବଂ ସ୍ୱଚ୍ଛ ନିଷ୍ପତ୍ତି ନେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ ଚିଠିରେ ଦର୍ଶାଇଛନ୍ତି।



# ଭାରତର ସବୁଠାରୁ ଶସ୍ତା ୫ ଇଲେକ୍ଟ୍ରିକ୍ କାର୍

ନୂଆଦିଲ୍ଲୀ, ୨୨।୬: ଭାରତରେ ଇଭି ଅର୍ଥାତ୍ ଇଲେକ୍ଟ୍ରିକ୍ ଭେଇକିଲ୍ ଲୋକପ୍ରିୟ ହେବାରେ ରାଗିଛି। ଲଗାତାର ବଢ଼ୁଥିବା ପେଟ୍ରୋଲ-ଡିଜେଲ ଦର, କମ୍ ରନିଂ କଷ୍ଟ ଏବଂ ସହରଗୁଡ଼ିକରେ ବୃଦ୍ଧି ପାଉଥିବା ଚାର୍ଜିଂ ଷ୍ଟେସନ ଯୋଗୁଁ ଏବେ ଲୋକେ ଦୈନନ୍ଦିନ ବ୍ୟବହାର ପାଇଁ ଇଲେକ୍ଟ୍ରିକ୍ ଗାଡ଼ି ଅର୍ଥାତ୍ ଇଭିକୁ ଦ୍ରୁତ ଗତିରେ ଆପଣାଉଛନ୍ତି।

ଟାଟା ଟିଆଗୋ ଇଭି: ଏହା ଭାରତର ସବୁଠାରୁ ପପୁଲାର୍ ଏବଂ ଶସ୍ତା ଇଲେକ୍ଟ୍ରିକ୍ ହ୍ୟାଚବ୍ୟାକ୍ କାର୍ ମଧ୍ୟରୁ ଅନ୍ୟତମ। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟ ୬.୯୯ ଲକ୍ଷରୁ ଆରମ୍ଭ ହେଉଛି। ଏହା ମୋଟ ଚାରୋଟି ଭାରିଆଣ୍ଟ ଏବଂ ଦୁଇଟି ବ୍ୟାଟେରୀ ବିକଳ୍ପ ସହ ଆସିଥାଏ। ଏଥିରେ ୧୯.୨ କେଡବ୍ଲୁଏଚ ଏବଂ ୨୪କେଡବ୍ଲୁଏଚର ବ୍ୟାଟେରୀ ଅପ୍ସନ ମିଳିଥାଏ। ଏହାର ବଡ଼ ବ୍ୟାଟେରୀ ମଡେଲ୍ ପ୍ରାୟ ୨୦୫-୨୧୫ କିଲୋମିଟର ଏବଂ ଛୋଟ ବ୍ୟାଟେରୀ ପ୍ୟାକ୍ ପ୍ରାୟ ୧୬୦-୧୭୦ କିଲୋମିଟରର ରେଞ୍ଜ ଦେଇଥାଏ।

ଏମଜି କମେଟ୍ ଇଭି: ଯଦି ଆପଣ ସହରର ଟ୍ରାଫିକ୍ ଏବଂ ସଂକୀର୍ଣ୍ଣ ଗଳି ପାଇଁ ଏକ ଛୋଟ, ଷ୍ଟାଇଲିଶ୍ ଏବଂ ସ୍ମାର୍ଟ କାର୍ ଖୋଜୁଛନ୍ତି, ତେବେ ଏମଜି କମେଟ୍ ଏକ ଭଲ ବିକଳ୍ପ। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟ ୭.୬୦ ଲକ୍ଷରୁ ଆରମ୍ଭ ହେଉଛି ଏବଂ ଏହା ମୋଟ ୫ଟି ଭାରିଆଣ୍ଟରେ ଉପଲବ୍ଧ। ଏଥିରେ ୧୭.୩କେଡବ୍ଲୁଏଚର ବ୍ୟାଟେରୀ ପ୍ୟାକ୍ ମିଳିଥାଏ, ଯାହା ୪୨ଏଚପିର




ପାୱାର ଏବଂ ୧୧୦ଏନଏମର ଟର୍କ ପ୍ରଦାନ କରେ। ସିଙ୍ଗଲ୍ ଚାର୍ଜରେ ଏହି କାର୍ ୨୩୦ କିଲୋମିଟର ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିପାରିବ।

ଟାଟା ପଞ୍ଚ ଇଭି: ଯଦି ଆପଣଙ୍କୁ ଟିକେ ଉଚ୍ଚା ଏବଂ ମସ୍କୁଲାର ଏସୟୁଭି ଲୁକ୍ ଥିବା ଇଲେକ୍ଟ୍ରିକ୍ ଗାଡ଼ି ପସନ୍ଦ, ତେବେ ଟାଟା ପଞ୍ଚ ଇଭି ଆପଣଙ୍କ ପାଇଁ ବେଷ୍ଟ ହୋଇପାରେ। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟ ୯.୬୯ ଲକ୍ଷରୁ ଆରମ୍ଭ ହୋଇ ୧୨.୫୯ ଲକ୍ଷ ପର୍ଯ୍ୟନ୍ତ ଯାଇଥାଏ। ଏଥିରେ ୩୦ କେଡବ୍ଲୁଏଚ ଏବଂ ୪୦କେଡବ୍ଲୁଏଚର ଦୁଇଟି ବ୍ୟାଟେରୀ ବିକଳ୍ପ ରହିଛି। ଏହାର ବଡ଼ (୪୦କେଡବ୍ଲୁଏଚ) ବ୍ୟାଟେରୀକୁ ନେଇ କମ୍ପାନୀ ଦାବି କରିଛି ଯେ ଏହା ଗୋଟିଏ ଚାର୍ଜରେ ୪୬୮ କିଲୋମିଟର ରେଞ୍ଜ ଦିଏ, ଯଦିଓ ପ୍ରକୃତ ଦୁନିଆରେ ଏହା ସହଜରେ ୩୫୫ କିଲୋମିଟର ପର୍ଯ୍ୟନ୍ତ ଚାଲିଥାଏ।

ସିଟ୍ରୋଏନ୍ ଇ-ସି୩: ଫ୍ରାନ୍ସର ପ୍ରସିଦ୍ଧ କମ୍ପାନୀ ସିଟ୍ରୋଏନ୍ର ଏହି ଇଲେକ୍ଟ୍ରିକ୍ କାର୍ଟି ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ କାର୍ ଭିତରେ ଅଧିକ ସ୍ପେସ୍ ଏବଂ ବଡ଼ ଡିକି ଚାହୁଁଛନ୍ତି। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟ ୧୧.୯" ଲକ୍ଷରୁ ଆରମ୍ଭ ହେଉଛି। ଏଥିରେ ୨୯.୨କେଡବ୍ଲୁଏଚର ବଡ଼ ବ୍ୟାଟେରୀ ପ୍ୟାକ୍ ରହିଛି, ଯାହା ୫୬ଏଚପି ପାୱାର ଏବଂ ୧୪୩ଏନଏମର ଟର୍କ ଜେନେରେଟ୍ କରେ। ଏହି କାର୍ ଥରେ ଫୁଲ୍ ଚାର୍ଜ ହେଲେ ୩୨୦ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ।

ଟାଟା ଟିଗୋର ଇଭି: ଯଦି ଆପଣ ନିଜ ପରିବାର ପାଇଁ ଏକ ଭଲ ଇଲେକ୍ଟ୍ରିକ୍ ସେଡାନ କାର୍ କିଣିବାକୁ ଚାହୁଁଛନ୍ତି, ତେବେ ଟାଟା ଟିଗୋର ଇଭି ଏକ ଭଲ ଚଏସ୍। ଏହାର ଏକ୍ସ-ଶୋ'ରୁମ୍ ପ୍ରାଇସ୍ ୧୨.୫୦ ଲକ୍ଷରୁ ଆରମ୍ଭ ହେଉଛି। ଏଥିରେ ୨୬କେଡବ୍ଲୁଏଚର ବ୍ୟାଟେରୀ ପ୍ୟାକ୍ ଦିଆଯାଇଛି, ଯାହା ୭୫ଏଚପି ପାୱାର ଏବଂ ୧୭୦ଏନଏମର ଦମଦାର୍ ଟର୍କ ଦେଇଥାଏ। ଥରେ ଫୁଲ୍ ଚାର୍ଜ କଲେ ଏହି ସେଡାନ କାର୍ ୩୧୫ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଏହାସହ ଡିସି ଫାଷ୍ଟ ଚାର୍ଜର ସାହାଯ୍ୟରେ ଏହି କାର୍ ମାତ୍ର ୫୯ ମିନି ୧୦ ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ ହୋଇଯାଇଥାଏ।

# ଜବରଦସ୍ତି ଫାଇନାନ୍ସିଆଲ୍ ପ୍ରଡକ୍ଟ ବିକିଲେ ମିଳିବ ସମ୍ପୂର୍ଣ୍ଣ ରିଫଣ୍ଡ

ମୁମ୍ବାଇ, ୨୨।୬: ଗ୍ରାହକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦେଶର କେନ୍ଦ୍ରୀୟ ବ୍ୟାଙ୍କ 'ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ' ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆର୍ଥିକ ସେବା କ୍ଷେତ୍ରରେ ହେଉଥିବା 'ମିସ୍-ସେଲିଂ' ବା ଭୁଲ୍ ତଥ୍ୟ ଦେଇ ପ୍ରଡକ୍ଟ ବିକ୍ରି କରିବା ମାମଲା ଉପରେ ଆରବିଆଇ କଠୋର ନିୟମ ଜାରି କରିଛି। ଏହି ନୂଆ ନିୟମ ୧ ଜାନୁଆରୀ ୨୦୨୭ ରୁ ସାରା ଦେଶରେ ଲାଗୁ ହେବ। ଅନେକ ସମୟରେ ବ୍ୟାଙ୍କ, ଏନବିଏଫସି କିମ୍ବା ଏଜେଣ୍ଟମାନଙ୍କ ପ୍ରରୋଚନାରେ ପଡ଼ି ଗ୍ରାହକମାନେ ଏଭଳି ଆର୍ଥିକ ପ୍ରୋଡକ୍ଟ କିଣି ନିଅନ୍ତି, ଯାହା ସେମାନଙ୍କର ଆବଶ୍ୟକତା ସହ ମେଳ ଖାଇନଥାଏ। ଏଥିରେ ବୀମା ପଲିସି, ବିନିଯୋଗ ଯୋଜନା, କ୍ରେଡିଟ୍ କାର୍ଡ ଆଦି ସାମିଲ ଥାଏ। ଏଭଳି ପ୍ରକ୍ରିୟାକୁ 'ମିସ୍-ସେଲିଂ' କୁହାଯାଏ, ଯାହା ଉପରେ ଏବେ ଲଗାମ ଲଗାଇବାକୁ ଯାଉଛନ୍ତି ସରକାର। ଆରବିଆଇର ସ୍ପଷ୍ଟୀକରଣ ଅନୁଯାୟୀ, ମିସ୍-ସେଲିଂ କେବଳ ଭୁଲ୍ ସୂଚନା ଦେଇ କୌଣସି ପ୍ରୋଡକ୍ଟ ବିକ୍ରି କରିବା ନୁହେଁ। ଏହାଛଡ଼ା ଗ୍ରାହକଙ୍କ ପ୍ରୋଫାଇଲ୍, ଆୟ, ବିପଦ ସହିବାର କ୍ଷମତା କିମ୍ବା ଆବଶ୍ୟକତା ବାହାରେ କୌଣସି ପ୍ରଡକ୍ଟ ବିକ୍ରି କରିବା।




ଗ୍ରାହକଙ୍କ ସ୍ପଷ୍ଟ ସହମତି ବିନା ପ୍ରଡକ୍ଟ ବିକ୍ରି କରିବା। ଅଧାପନ୍ତରିଆ କିମ୍ବା ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିବା। ଗୋଟିଏ ପ୍ରଡକ୍ଟ ସହିତ ଅନ୍ୟ ଏକ ପ୍ରଡକ୍ଟକୁ ଜବରଦସ୍ତି ଯୋଡ଼ି ବିକ୍ରି କରିବା ମଧ ମିସ୍-ସେଲିଂ ପରିସରଭୁକ୍ତ ହେବ। ଏହି ନୂଆ ନିୟମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଯଦି କୌଣସି ମାମଲାରେ ମିସ୍-ସେଲିଂ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାକୁ ଗ୍ରାହକଙ୍କ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବାକୁ ପଡ଼ିବ। ଏହା ସହିତ ସେହି ପ୍ରୋଡକ୍ଟର ବିକ୍ରିକୁ ରଦ୍ଦ କରାଯିବ ଏବଂ ଏ ବିଷୟରେ ଗ୍ରାହକଙ୍କୁ ଲିଖିତ ଭାବେ ଜଣାଇବାକୁ ହେବ। ଭୁଲ୍ ପରାମର୍ଶ କିମ୍ବା ମିଥ୍ୟା ଦାବିର ଶିକାର ହେଉଥିବା ଗ୍ରାହକଙ୍କ ପାଇଁ ଏହା ଏକ ବଡ଼ ଆଶ୍ୱସ୍ତି ଆଣିଦେବ। ଆରବିଆଇ ନିର୍ଦ୍ଦେଶ ଦେଇଛି ଯେ, ଯେକୌଣସି ଆର୍ଥିକ ପ୍ରଡକ୍ଟ ବିକ୍ରି କରିବା ପୂର୍ବରୁ ଗ୍ରାହକଙ୍କ ସ୍ପଷ୍ଟ ସହମତି ନେବା ବାଧ୍ୟତାମୂଳକ। ଏହି ସହମତିର ରେକର୍ଡ ରଖାଯିବ। କୌଣସି ପୂର୍ବ-ନିର୍ଦ୍ଧାରିତ ବିକଳ୍ପ ବା ସ୍ୱୀକୃତିକୁ ଗ୍ରାହକଙ୍କ ସହମତି ବୋଲି ଧରାଯାଇପାରିବ ନାହିଁ। ଭିନ୍ନ ଭିନ୍ନ ପ୍ରୋଡକ୍ଟ ପାଇଁ ପୃଥକ୍ ଭାବେ ସହମତି ନେବାକୁ ହେବ। ଅନେକ ସମୟରେ ଦେଖାଯାଏ ଯେ, ବ୍ୟାଙ୍କରୁ ଲୋନ୍ ନେବା ସମୟରେ ଗ୍ରାହକଙ୍କ ଉପରେ ବୀମା କିମ୍ବା ଅନ୍ୟ କୌଣସି ପ୍ରଡକ୍ଟ କିଣିବା ପାଇଁ ଚାପ ପକାଯାଏ। ଆରବିଆଇ ଏଭଳି ବାଧ୍ୟତାମୂଳକ ବଣ୍ଡଲିଂ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଛି। ଯଦି କୌଣସି ଅତିରିକ୍ତ ପ୍ରଡକ୍ଟ ପାଇଁ ଅଲଗା ଶୁଳ୍କ ନିଆଯାଉଛି, ତେବେ ସେଥିପାଇଁ ଗ୍ରାହକଙ୍କୁ ବାଧ କରାଯାଇପାରିବ ନାହିଁ। ନୂଆ ନିୟମ କେବଳ ବ୍ୟାଙ୍କ ଶାଖା ମଧରେ ସୀମିତ ନାହିଁ। ସୋସିଆଲ ମିଡିଆ ଇନଫ୍ଲୁଏନ୍ସର୍ସ, ଡିଜିଟାଲ ମାର୍କେଟିଂ ପାର୍ଟନର୍ସ ଏବଂ ଏଜେଣ୍ଟମାନଙ୍କ ଦ୍ୱାରା କରାଯାଉଥିବା ପ୍ରଚାର ମଧ ଏହାର ଅଧୀନରେ ଆସିବ। ଯଦି କୌଣସି ଏଜେଣ୍ଟ କିମ୍ବା ଇନଫ୍ଲୁଏନ୍ସର୍ ଭ୍ରମାତ୍ମକ ସୂଚନା ଦିଅନ୍ତି, ତେବେ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ସମ୍ପୃକ୍ତ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା ଉପରେ ରହିବ। ଆରବିଆଇ ର ଏହି ଐତିହାସିକ ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ବ୍ୟାଙ୍କିଙ୍ଗ୍ ସେବା ଅଧିକ ସ୍ୱଚ୍ଛ ହେବ ଏବଂ ଗ୍ରାହକମାନେ ପ୍ରତାରଣାରୁ ରକ୍ଷା ପାଇପାରିବେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୮୬୦ଟଙ୍କା ରହିଛି ।ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୦୦ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୭୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୮୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୦୧୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୮,୦୪୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।

# ଜୀବିକା ପାଇଁ ସ୍ୱଦେଶୀ ଯୋଗାଡ଼ ଲୁଗା ମେସିନ

## ପାରମ୍ପରିକ କୌଶଳରେ ଚାଲିଛି ଜୀବନ ସଂଗ୍ରାମ | ଆର୍ଥିକ ସହାୟତା ପାଇଁ ଗ୍ରାମବାସୀଙ୍କ ଦାବି

**ନବରଙ୍ଗପୁର/ଝରୀଗାଁ, ୨୨।୬ (ସଂଚାର ବ୍ୟୁରୋ):** ଭାରତର ସ୍ୱାଧୀନତା ସଂଗ୍ରାମର କଥା ମନେପଡିଲେ ସର୍ବପ୍ରଥମେ ମନକୁ ଆସେ ମହାତ୍ମା ଗାନ୍ଧୀଙ୍କ ଚରଖା ଓ ସ୍ୱଦେଶୀ ଆନ୍ଦୋଳନର କଥା। ସେହି ସମୟରେ ଚରଖା କେବଳ ସୁତା କାଟିବାର ଏକ ଉପକରଣ ନଥିଲା, ଏହା ଥିଲା ସ୍ୱାବଲମ୍ବନ, ସ୍ୱଦେଶୀ ଚେତନା ଓ ଆର୍ଥିକ ସ୍ୱାଧୀନତାର ପ୍ରତୀକ। ଦେଶ ସ୍ୱାଧୀନ ହେବାର ପ୍ରାୟ ୭୯ ବର୍ଷ ପରେ ଆଜି ଆଧୁନିକତାର ଯୁଗରେ ସବୁକିଛି ବଦଳିଯାଇଥିଲେ ମଧ୍ୟ, ଆଜିବି କିଛି ପରିବାର ସେହି ପୁରୁଣା ପାରମ୍ପରିକ ବୁଣା କଳାକୁ ଆଶ୍ରୟ କରି ନିଜ ଜୀବନ ଜୀବିକା ଚଳାଇ ଆସୁଛନ୍ତି।

ସୂଚନାପ୍ରକାରେ ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ ଭିକ୍ଷା ଗ୍ରାମପଞ୍ଚାୟତର ରତ୍ନାକର ପନକାଙ୍କ ପରିବାର ଏହାର ଏକ ଜୀବନ୍ତ ଉଦାହରଣ। ଅର୍ଥନୈତିକ ଦୁର୍ବଳତା, ଶିକ୍ଷାର ଅଭାବ ଓ ନାନା ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମଧ୍ୟ ସେ ନିଜ ପୂର୍ବଜଙ୍କ ଠାରୁ ମିଳିଥିବା ପାରମ୍ପରିକ ହାତବୁଣା କଳାକୁ ଛାଡ଼ି ନାହାନ୍ତି। ବରଂ ଏହାକୁ ନିଜ ପରିବାରର ଜୀବିକାର ଏକମାତ୍ର ପନ୍ଥା ଭାବେ ଆପଣେଇ ଆସିଛନ୍ତି।

ରତ୍ନାକରଙ୍କ ପୂର୍ବଜଙ୍କ ଦ୍ୱାରା ପ୍ରସ୍ତୁତ କାଠ ନିର୍ମିତ ଲୁଗାବୁଣା ମେସିନ ଆଜି ତାଙ୍କ ପରିବାରର



ରୋଜଗାରର ମୁଖ୍ୟ ମାଧ୍ୟମ ହୋଇପାରିଛି। ପିଢ଼ି ପରେ ପିଢ଼ି ଧରି ଏହି କୌଳିକ ବୃତ୍ତି ପରିବାରକୁ ଜୀବନ ଜୀବିକା ଯୋଗାଇ ଆସୁଛି।

ଏହି ମେସିନରେ ବ୍ୟବହୃତ ପାରମ୍ପରିକ ଉପକରଣଗୁଡ଼ିକ ମଧ୍ୟରେ ଭରଣା, ତସର, ଭାଣ୍ଡି, ଭେଣ୍ଡିକି, ଡ଼ଙ୍ଗୀ, ମହାଦେବ ଖୁଣ୍ଟା, ଓଢ଼ ଖୁଣ୍ଟା, ନଚେନି ଓ ହାତା ଭଳି ଅନେକ ସାମଗ୍ରୀ ରହିଛି। ପ୍ରସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ପାରମ୍ପରିକ ବୁଣା ମେସିନରେ ପ୍ରସ୍ତୁତ ହେଉଥିବା ଡିଜାଇନ ଓ ନକ୍ସା ଆଧୁନିକ ଯନ୍ତ୍ରରେ ତିଆରି ବସ୍ତ୍ର ଠାରୁ କୌଣସି ଅଂଶରେ କମ ନୁହେଁ। ପ୍ରତିଟି ସୁତାର ହିସାବ ରଖି ହାତରେ ପ୍ରସ୍ତୁତ ହେଉଥିବା ଶାଢ଼ୀ ଓ ସାଲ ଦେଖିବାକୁ ଖୁବ ସୁନ୍ଦର ଓ ମଜବୁତ ହୋଇଥାଏ।

**ସମୟ ସହ କମିଛି ଚାହିଦା, ବଢ଼ିଛି ସମସ୍ୟା:** ଏକ ସମୟରେ ଏହି ହାତବୁଣା ବସ୍ତ୍ରର ଚାହିଦା ବହୁତ ଥିଲା। ଲୋକେ ଅର୍ଡର ଦେଇ ବସ୍ତ୍ର କିଣୁଥିଲେ ଓ ଏହା ଏକ ସମୃଦ୍ଧ ଶିଳ୍ପ ଭାବରେ ପରିଚିତ ଥିଲା। କିନ୍ତୁ ସମୟ ପରିବର୍ତ୍ତନ ସହିତ ଯନ୍ତ୍ର ନିର୍ମିତ ପୋଷାକ ବଜାରକୁ ଆସିବା ପରେ ଏହି ପାରମ୍ପରିକ ଶିଳ୍ପର ଚାହିଦା କମିବାରେ ଲାଗିଛି।

ଅର୍ଥ ଅଭାବ ଯୋଗୁଁ ରତ୍ନାକରଙ୍କ ପରିବାର ପୂର୍ବରୁ ବସ୍ତ୍ର ପ୍ରସ୍ତୁତ କରି ରଖିପାରୁନାହାନ୍ତି। ଆବଶ୍ୟକୀୟ କଞ୍ଚାମାଲ ଓ ସୁତା ଆଣିବା ପାଇଁ ଛତିଶଗଡ଼ର ଜଗଦଲପୁର ପର୍ଯ୍ୟନ୍ତ ଯିବାକୁ ପଡୁଛି, ଯାହା ଆର୍ଥିକ ବୋଝକୁ ଆହୁରି ବଢ଼ାଇ ଦେଉଛି। ରତ୍ନାକରଙ୍କ ପରିବାରରେ ଦୁଇଜଣ ଦିବ୍ୟାଙ୍ଗ ସନ୍ତାନ ରହିଛନ୍ତି। ଏହି ପରିସ୍ଥିତିରେ ପରିବାରର ଦାୟିତ୍ୱ ଓ ଜୀବନ ସଂଗ୍ରାମ ଆହୁରି କଷ୍ଟକର ହୋଇପଡିଛି। ତଥାପି ସ୍ୱାମୀ-ସ୍ତ୍ରୀ ଦିନ ତମାମ ପରିଶ୍ରମ କରି ନିଜ ଜୀବନକୁ ଆଗକୁ ନେବାରେ ଚେଷ୍ଟା କରୁଛନ୍ତି।

ସ୍ଥାନୀୟ ଲୋକଙ୍କ ମତରେ, ସରକାର ଯଦି ସମୟ ଥିବାବେଳେ ଏହି ଲୁପ୍ତପ୍ରାୟ କଳା ଓ ପ୍ରତିଭାକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନନେବେ, ତେବେ ଆଗାମୀ ଦିନରେ ଏହି ପାରମ୍ପରିକ ବୁଣା ଶିଳ୍ପ କେବଳ ସ୍ମୃତିରେ ସୀମିତ ହୋଇ ରହିଯିବ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**ଡେରାବିଶ,୨୧।୬(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମାଣିଖଣ୍ଡି ମହାପୁରୁଷ ପୀଠ, ବାଲିଆ ଠାରେ ରବିବାର ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପାଟକୁରାର ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଗୁରୁତ୍ୱ ଏବଂ ସୁସ୍ଥ ଜୀବନଶୈଳୀ ଗଠନରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ବାଲିଆ ପଞ୍ଚାୟତର ଯୁବ ସମାଜସେବୀ ଅକ୍ଷୟ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ବିପିନ ବିହାରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ଅନିରୁଦ୍ଧ ବେହେରା ଉପସ୍ଥିତ ରହି ଯୋଗାଭ୍ୟାସ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ବେହେରା, ବିଶ୍ୱମୋହନ ଦାସ, ସଞ୍ଜୟ ସାହୁ, ସୌମ୍ୟ ରଞ୍ଜନ ଚାନ୍ଦ, ପ୍ରଶାନ୍ତ ସାଠୁଆ, ସତ୍ୟବ୍ରତ ବେହେରା, ରଶ୍ମି ରଞ୍ଜନ ରାଉତରାୟ, ରବୀନ୍ଦ୍ର କୁମାର ରାଉତ, ପ୍ରଦୀପ ପାତ୍ର, ବିନୋଦ ସିଂହ, ଅଶୋକ ପ୍ରଧାନ, ସ୍ୱର୍ଣ୍ଣଲତା ମହାନ୍ତି, ବିଳାସିନୀ ରାଉତ ଏବଂ ମନୋରମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯଦୁପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ମାର୍ଶାଘାଇ,୨୧।୬(ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅଧିନ ଯଦୁପୁର ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ଏବଂ ଯଦୁପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଇଥିଲା । ଯଦୁପୁର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ବେଉରାଙ୍କ ଆବାହକତ୍ୱରେ ତଥା ଯଦୁପୁର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ଇନ୍ଦ୍ରମଣି ନାୟକ ଯୋଗଦେଇ ଯୋଗ ର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଯୁବ ସମାଜସେବୀ ଭିକାରୀ ବେହେରା,ଅଶୋକ କୁମାର ସାହୁ ଙ୍କ ସମେତ ୱାର୍ଡସଭ୍ୟସଭ୍ୟା, ଆଶାକର୍ମୀ ପ୍ରମୁଖ ଯୋଗଦେଇଥିଲେ । ସେହିଭଳି ଯଦୁପୁର ଜୟଦେବ ମହାପୁରୁଷପୀଠ ପରିସରରେ ସରକାରୀ ଆୟୁର୍ବେଦ ଦାତବ୍ୟ ଚିକିତ୍ସାଳୟ ଡାକ୍ତର ସନ୍ତୋଷୀ ଭଳଙ୍କ ଆବାହକତ୍ୱରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଅଛି। ଯୋଗଗୁରୁ ସଙ୍ଘମିତ୍ରା ପ୍ରଧାନ,କାଳନ୍ଦୀ ରାଉତ ଯୋଗ ଶିକ୍ଷା ଦେଇଥିଲେ । ପରିଚାଳନାରେ ଅଜୟ ନାଥ, ତ୍ରିବିକ୍ରମ ଦାସ,ଅଜୟ କୁମାର ବେହେରା,ମିନତୀ ବେହେରା, ସସ୍ମିତା ବେହେରା, ଶଶିକାନ୍ତ ରାଉତ ଓ ବିଶ୍ୱ ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୨।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଉପକଣ୍ଠସ୍ଥିତ କପାଳେଶ୍ୱର ପଞ୍ଚାୟତ ଗରାପୁରସ୍ଥିତ ଶିବାନନ୍ଦ ଯୋଗ ବିଦ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ମାଇଁ ଭାରତ ଯୁବା ଭାରତ କେନ୍ଦ୍ରାପଡ଼ାର ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୁପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡ଼ା ଯୋଗ ଦେଇ ଶରୀର ଓ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଡ. କାଳୀ ପ୍ରସନ୍ନ ଶତପଥୀ, ଅଧ୍ୟାପକ ଡ. ସୁରେନ୍ଦ୍ର ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ପ୍ରଧାନ, ଅଭିମନ୍ୟୁ ଗୋଛାୟତ,ସ୍ୱାମୀ ରାମଶରଣା ନନ୍ଦ ସରସ୍ୱତୀ ଓ ସମାଜସେବୀ ଶ୍ରୀଧର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଯୋଗଗୁରୁ କୈଳାଶ ରାଉତ ଯୋଗଦେଇ ସୂର୍ଯ୍ୟ ନମସ୍କାର ଓ ବିଭିନ୍ନ ଆସନ ଶିଖାଇଥିଲେ । ପରେ ପରେ ପିଲାମାନଙ୍କ ମଧ୍ୟରେ ଯୋଗ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା । କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଓ ମାଇଁ ଭାରତ ଯୁବା ଭାରତର କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ଜେନା ଓ ଆଶ୍ରମର ଅନ୍ତେବାସୀ ବ୍ରହ୍ମଚାରୀ ନୃସିଂହ ନାଥ ପ୍ରମୁଖ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ଜଗନ କୁମାର ଦାସ, ଜସ୍ମିନ୍ ଭୂୟାଁ, ଗଙ୍ଗାରାଣୀ ପରିଡ଼ା, କୈବଲ୍ୟ ବେହେରା, ରାଜା ମଳିକ, ଅଙ୍କିତା ମିଶ୍ର, ଜ୍ୟୋତିରେଖା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ମୟୁରଭଞ୍ଜ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



**ବାରିପଦା, ୨୨।୬ (ସଂଚାର ବ୍ୟୁରୋ):** ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ମୟୁରଭଞ୍ଜ ସେବା ସଂଗଠନ ଆନୁକୂଲ୍ୟରେ ସଂଗଠନର ପ୍ରତିଷ୍ଠାତା ଚିନ୍ମୟ ଦାସଙ୍କ ୨୩ତମ ଜନ୍ମଦିନ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଏହି ଶିବିରକୁ ଉଦଘାଟନ କରିବା ସହ ଯୁବପିଢ଼ି ମାନଙ୍କୁ ସମାଜସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ରାକେଶ ସିଂହ, ରୋଟାରୀ କ୍ଲବ ସମ୍ପାଦକ ତିମିର ଘୋଷ, ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଂଜନ ନାୟକ, ସମାଜସେବୀ ବିଶ୍ୱଜିତ ନାୟକ, ଡ଼ଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ରିଙ୍କୁ ପାଲ, ବିନୀତ ପୁରୀ, ଚିତ୍ତରଞ୍ଜନ ସ୍ୱାଇଁ ଓ ହିମାଂଶୁ ଶେଖର ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ଚିନ୍ମୟ ଦାସଙ୍କ ସମେତ ମୋଟ ୩୦ ଜଣ ରକ୍ତଦାନ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡ଼ାର ରଶ୍ମି ଚେରିଟେବଲ ଟ୍ରଷ୍ଟ, ଜଳେଶ୍ୱରର ହେଲପିଂ ହ୍ୟାଣ୍ଡସ, ଭୋଲାଘାଟିର ବିବେକାନନ୍ଦ ସେବା ଫାଉଣ୍ଡେସନ, ବାରିପଦାର ମାନବଧର୍ମ ସେବା ଟ୍ରଷ୍ଟ, ରେଡ ଗ୍ରୀନ ଫାଉଣ୍ଡେସନ, ମା ତୁଳସୀ ଫାଉଣ୍ଡେସନ, ନନ୍ଦଲାଲା ସେବା ଟ୍ରଷ୍ଟ, ସୋସିଆଲ ୱେଲଫେୟାର ଫୋରମ ଓ ବିଶିଷ୍ଟ ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଡିଜିଟାଲ୍ ଇଣ୍ଡିଆ ସ୍ୱପ୍ନ ସାକାର

## ଅଙ୍ଗନବାଡି ଦିଦିଙ୍କ ହାତକୁ ଆସିଲା ସ୍ମାର୍ଟଫୋନ୍

**କାକଟପୁର/ଅସ୍ତରଙ୍ଗ, ୨୨।୬ (ସଂଚାର ବ୍ୟୁରୋ):** "ବିକାଶ ଧାରା, ଓଡିଶା ସାରା" - ଏହି ସ୍ଲୋଗାନକୁ ସତରେ ପରିଣତ କରିବାରେ ଲାଗିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଙ୍ଗନବାଡି କର୍ମୀମାନେ। ଗ୍ରାମ ପଞ୍ଚାୟତ ସ୍ତରୀୟ "ସୁଭଦ୍ରା ଶକ୍ତି" ମହାସମାବେଶରେ ଐତିହାସିକ ମୁହୂର୍ତ୍ତ - ଅଙ୍ଗନବାଡି କର୍ମୀ ମାନଙ୍କ ହାତକୁ ଉଠିଲା ଡିଜିଟାଲ୍ ଶକ୍ତି।



ପୁରୀ ଜିଲ୍ଲା ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ଉପସ୍ଥିତିରେ ଅସ୍ତରଙ୍ଗ ସିଡିପିଓ ଲୋଚନା ସେଠୀ ଓ ସୁପରଭାଇଜର ଲକ୍ଷ୍ମୀ ନାୟକ ମିଶି ୨୨ ଜଣ ଅଙ୍ଗନବାଡି କର୍ମୀଙ୍କୁ ନୂଆ ସ୍ମାର୍ଟଫୋନ୍ ଉପହାର ଦେଲେ। ଅସ୍ତରଙ୍ଗ ପଞ୍ଚାୟତର ୧୨ ଜଣ ଓ ଆଳଙ୍ଗପୁର ପଞ୍ଚାୟତର ୧୦ ଜଣ କର୍ମୀ ଏହି "ଡିଜିଟାଲ୍ ବିପ୍ଳବ"ର ହିତାଧିକାରୀ ହେଲେ।

ପିଲାଙ୍କ ଓଜନ, ଉଚ୍ଚତା, ଟିକାକରଣ, ଗର୍ଭବତୀ ମା'ଙ୍କ ଯାଞ୍ଚ ସହ ମାସିକ ୧୦-୧୫ ପୃଷ୍ଠା ରିପୋର୍ଟ ଲେଖା ବନ୍ଦ। ଏବେ ମୋବାଇଲ୍ ଫଟୋ ଉଠାଇଲେ କାମ ସରିଲା। କୌଣସି ପିଲା ଅପୁଷ୍ଟିର ଶିକାର ହେଲେ ସିଧା ଆଲର୍ଟ ଯିବ ବ୍ଲକ ଅଫିସ୍‌କୁ। ସହାୟତା ୨୪ ଘଣ୍ଟା ଭିତରେ। ଏବେ ମା'ମାନେ ମଧ୍ୟ ଜାଣିପାରିବେ ସେମାନଙ୍କ ପିଲାଙ୍କ ତଥ୍ୟ କେଉଁଠି ଯାଉଛି। ଲୁଚାଛପା ନାହିଁ।

ଏ ନେଇ ସିଡିପିଓ ଲୋଚନା ସେଠୀ କହିଛନ୍ତି "ଏହା କେବଳ ମୋବାଇଲ୍ ବଣ୍ଟନ ନୁହେଁ, ଏହା ହେଉଛି ମହିଳା ସଶକ୍ତିକରଣର ନୂଆ ଅସ୍ତ୍ର। ଆମ ଦିଦିମାନେ ଏବେ କଲମ ଛାଡି ଆଙ୍ଗୁଳି ଛୁଇଁ ଦେଶ ଗଢ଼ିବେ। ପୋଷଣ ଆପ୍ ମାଧ୍ୟମରେ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ ହେବ। ଏହା ଡିଜିଟାଲ୍ ଇଣ୍ଡିଆର ସବୁଠୁ ତୃଣମୂଳ ସ୍ତର ବିଜୟ। "ଅନ୍ୟତମ ଅତିଥି ସୁପରଭାଇଜର ଲକ୍ଷ୍ମୀ ନାୟକ କହିଛନ୍ତି "ଟ୍ରେନିଂ ପରେ ଦିଦିମାନେ ଏବେ 'ଡିଜିଟାଲ୍ ସୈନିକ' ପାଲଟିଛନ୍ତି। ପୂର୍ବରୁ ଗୋଟେ ରିପୋର୍ଟ ଲେଖିବାକୁ ୨ ଘଣ୍ଟା ଲାଗୁଥିଲା, ଏବେ ୨ ମିନିଟ୍‌ରେ ସରୁଛି। ବଞ୍ଚିଥିବା ସମୟରେ ସେମାନେ ଅଧିକ ପିଲାଙ୍କୁ ସେବା ଦେଇପାରିବେ। ଗାଁ ଗାଁର ମା' ମାନେ ଏବେ ସିଧା ଲାଭ ପାଇବେ।"ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ସୂତ୍ରରୁ ଖବର -ଖୁବ ଶୀଘ୍ର ଅସ୍ତରଙ୍ଗ ବ୍ଲକର ଅବଶିଷ୍ଟ ସମସ୍ତ ପଞ୍ଚାୟତର କର୍ମୀଙ୍କୁ ଏହି ଡିଜିଟାଲ୍ ଉପହାର ମିଳିଯିବ। "ପ୍ରତି ପିଲା ଡିଜିଟାଲ୍ ନଜରରେ" ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ।

## ବସୁଧା ଉତ୍ପାଦିକା ଗୋଷ୍ଠୀ ତରଫରୁ ଚାରାରୋପଣ



**ନୀଳଗିରି, ୨୨।୬ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଅଧୀନସ୍ଥ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ସନ୍ତରାଗଡିଆ ଗ୍ରାମ ର ବସୁଧା ଉତ୍ପାଦିକା ଗୋଷ୍ଠୀ ତରଫରୁ ଜୁରିଆପାଟଣା ଗ୍ରାମ ର ଖୁମକୁଟ ଗୋଡ଼ିଖୋଳା ରାସ୍ତା ର ଉଭୟ ପାର୍ଶ୍ୱ ରେ ଉତ୍ପାଦିକା ଗୋଷ୍ଠୀ ର ସଦସ୍ୟା ତଥା ଜୁରିଆପାଟଣା ଗ୍ରାମ ର ଗ୍ରାମବାସୀ ଙ୍କ ସହାୟତା ରେ ବୃକ୍ଷ ରୋପଣ କରାଯାଇଛି, ଉତ୍ପାଦିକା ଗୋଷ୍ଠୀ ର ଏଲଏସପି ଅରୁଣା ବାରିକ, ସମ୍ପାଦିକା ସଂଯୁକ୍ତା ଦଳପତି କ୍ଷଣପ୍ରଭା ଜେନା, ସସ୍ମିତା ପରିଡା, କୌଶଲ୍ୟା ମଳିକ, ତାରାମାଣୀ ଜେନା, ଶୁଶିଳା ମଳିକ, ଜାନକୀ ମଳିକ, ତିଲୋତ୍ତମା ମଳିକ, ସଞ୍ଜୁଲତା ମଳିକ, ସୁମ ମଳିକ ବୃକ୍ଷ ରୋପଣ ରେ ସାମିଲ ଥିବା ବେଳେ ସହଯୋଗ କରିଥିଲେ ଜୁରିଆ ପାଟଣା ଗ୍ରାମ ର ମାନସ ମଳିକ । ବିଗତ ୩ ବର୍ଷ ଧରି ଜୁନ ମାସ ରେ ବୃକ୍ଷ ରୋପଣ କରି ଆସୁଥିବା ବେଳେ ଆଗାମୀ ବର୍ଷ ମାନଙ୍କ ରେ ଅଧିକ ବୃକ୍ଷ ରୋପଣ କରିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଛି ।

## ବଚସାକୁ ନେଇ ହତ୍ୟାକାଣ୍ଡ



**ଫୁଲବାଣୀ, ୨୨।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡୁ କୁମ୍ଭା ପଞ୍ଚାୟତର ଦଡମାସ୍କା ଗାଁରେ ରବିବାର ଅପରାହ୍ନରେ ଭୟାବହ ହତ୍ୟା କାଣ୍ଡ ଘଟିଛି। ଖବର ପାଇ ଘଟଣା ସ୍ଥଳରେ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ଏବଂ ଏସ .ଆଇ ସମ୍ବିତ୍ ବେହେରା ଏବଂ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହିତ ଗୁରୁତର ମାନଙ୍କୁ ଚିକିତ୍ସା ପାଇଁ ଫୁଲବାଣୀ ମେଡିକାଲ ନେଇ ଭର୍ତ୍ତି କରିଛି । ଘଟଣାସ୍ଥଳରେ ପୁଲିସ ତଦନ୍ତ ଜାରି ରଖିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାତିଆମ୍ବା ନିକଟସ୍ତ ଦଳ ପଡା ଗାଁର ଆକୁର ବେହେରାଙ୍କ ପୁଅ ସହିତ ଦଡମାସ୍କା ଗାଁର କିଛି ଯୁବକଙ୍କ ସହିତ କଥା କଟି ହୋଇ କିଛି ଦିନ ତଳେ ବଚସା ହୋଇଥିଲା। ଯାହାର ପଚରା ଉଚରା ପାଇଁ ଆଜି ଅପରାହ୍ନ ବେଳେ ଅକୁର ବେହେରା, ବାଇଧର ବେହେରା, ଗାୟତ୍ରୀ ବେହେରା, ସୁଜାତା ବେହେରା ଦଡମାସ୍କାକୁ ଯାଇଥିଲେ । ସେଠାରେ ବୁଝାମଣା ଅଭାବରୁ ଗଣ୍ଡଗୋଳ ଉଗ୍ର ରୂପ ନେଇ ହତ୍ୟା କାଣ୍ଡ ଘଟିଛି। ଘଟଣା ସ୍ଥଳରେ ଅକୁର ବେହେରା (୫୦) ମୃତ ହୋଇଥିବା ବେଳେ ଗାୟତ୍ରୀ, ସୁଜତା ଏବଂ ବାଇଧର ଗୁରୁତ୍ୱର ଅବସ୍ଥାରେ ଫୁଲବାଣୀ ମେଡିକାଲରେ ଚିକିତ୍ସା ହେଉଛନ୍ତି ।

## ଜନ କଲ୍ୟାଣ ଶିବିର ଅନୁଷ୍ଠିତ

**ହିଞ୍ଜିଳିକାଟୁ,୨୨।୬ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ବଡଖଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜନ କଲ୍ୟାଣ ଶିବିର ଅନୁଷ୍ଠିତ ହୋଇଯାଇଛି |ଏଥିରେ ସ୍ୱାସ୍ଥ୍ୟ, ଗ୍ରାମୀଣ ଗୃହ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ନୂତନ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା |ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ଝୁନୁ ନାଇକ,ସମିତିସଭ୍ୟା କାପଲ ନର୍ମଦା, ୱାର୍ଡ ସଭ୍ୟା ମଞ୍ଜୁଳା ରଣା,ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ର,ଏଡିଇଓ ଆରତୀ ପଟ୍ଟନାୟକ,ଯୋଗାଣ ସହାୟକ ରଶ୍ମିତା ମହାନ୍ତି, ମହିଳା ସ୍ୱାସ୍ଥ୍ୟ କର୍ମୀ କବିତା କୁମାରୀ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମମତା ସେଠି,ମମତା ରେଡି ସମେତ ଗାଁ ସାଥି, ୱାର୍ଡ ସଭ୍ୟ / ସଭ୍ୟା ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ |

## ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼, ୨୨।୬ (ସଂଚାର ବ୍ୟୁରୋ):** ରାଜଗାଙ୍ଗପୁର ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଉପସ୍ଥିତ ରହି ଜନ ସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୨୫ ଗୋଟି ଅଭିଯୋଗ ମଧ୍ୟରୁ ୫୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୭ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୯ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ରାଜଗାଙ୍ଗପୁର ବିଧାୟକ ଡ଼ା ସି. ଏସ. ରାଜେନ ଏକ୍କା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ବିଭିନ୍ନ ପଞ୍ଚାୟତରେ ଓଡ଼ିଶା ସାରା ବିକାଶ ଧାରା କାର୍ଯ୍ୟକ୍ରମ



**ଗରଦପୁର, ୨୨।୬ (ସଂଚାର ବ୍ୟୁରୋ):** "ବିକାଶ ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ହେଉଛି ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ଜନସମ୍ପର୍କ ଏବଂ ପ୍ରଗତି ସମୀକ୍ଷା ଅଭିଯାନ। ଏହାର ମୂଳ ଲକ୍ଷ୍ୟ ହେଉଛି ରାଜ୍ୟର ପ୍ରତିଟି ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ଏବଂ ସରକାରୀ ଯୋଜନାଗୁଡ଼ିକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବା।

ଏହି କାର୍ଯ୍ୟକ୍ରମ ପଞ୍ଚାୟତ ସ୍ତରରେ ଆୟୋଜନ କରାଯାଇଅଛି। ରାଜ୍ୟ ସରକାରଙ୍କ ଓଡିଶା ସାରା ବିକାଶ ଧାରାକୁ ସଫଳ ଭାବେ ରୂପାୟନ କରିବା ପାଇଁ ଗରଦପୁର ବ୍ଲକର ତଳକୁସୁମା ପଞ୍ଚାୟତ,ତେଣ୍ଡାକୁଡା ପଂଚାୟତ ଓ ବଡବେତରା ପଞ୍ଚାୟତ ରେ ପଂଚାୟତ ବାସୀଙ୍କୁ ନେଇ ପଞ୍ଚାୟତରେ ସୁଶାସନ ଓ ଗ୍ରାମାଞ୍ଚଳରେ ପରିବର୍ତନ ହୋଇ ପାରିବ ସେଥିପ୍ରତି ଦୃଷ୍ଟି ରଖି ସଫଳ ରୂପାୟନ କରିବା ପାଇଁ ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ତେଣ୍ଡାକୁଡା ସମିତି ସଭ୍ୟ ବାସୁଦେବ ବେହେରା ଏବଂ ବଡବେତାର ସରପଞ୍ଚ ସଂଯୁକ୍ତା ମହାପାତ୍ର ଉପସ୍ଥିତ ରହି ପଞ୍ଚାୟତରୁ ଆସିଥିବା ହିତାଧିକାରୀ ମାନଙ୍କୁ ଅନ୍ତୋଦୟ ଗୃହ, ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମିଶନ ଶକ୍ତି,ମୁଖ୍ୟମନ୍ତ୍ରୀଙ୍କ ଅନ୍ନପୂର୍ଣ୍ଣା ଯୋଜନା,ଶୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ ମାଧ୍ୟମରେ ସଭିଙ୍କୁ ନିୟୋଜିତ କରାଯାଇ କାର୍ଯ୍ୟାଦେଶ ଦିଆ ଯାଇଅଛି। ପ୍ରଦର୍ଶନୀ ଓ ସଚେତନତା ଭାବେ ବିଭିନ୍ନ ବିଭାଗ ଯଥା: କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମିଶନ ଶକ୍ତି ପକ୍ଷରୁ ଷ୍ଟଲ୍ ମାନ ପକାଯାଇ ଲୋକଙ୍କୁ ନୂତନ ଯୋଜନା ବିଷୟରେ ଅବଗତ କରାଯାଇ ଅଛି।

## ପ୍ରକଳ୍ପ ସ୍ତରୀୟ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ



**ଯୋଡ଼ା, ୨୨।୬ (ସଂଚାର ବ୍ୟୁରୋ):** ଯୋଡ଼ା ବ୍ଲକ ଅନ୍ତର୍ଗତ ପଶ୍ଚିମ ଯୋଡ଼ା ଅଡିଟୋରିୟମ୍‌ଠାରେ ପ୍ରକଳ୍ପ ସ୍ତରୀୟ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଯୋଡ଼ା ବ୍ଲକ ସିଡିପିଓ ସୁକାନ୍ତି ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କିଶୋରୀ ସୁରକ୍ଷା, ସଚେତନତା ଓ ସଶକ୍ତିକରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଲ୍ୟ ବିବାହ, ଶିଶୁ ସୁରକ୍ଷା, କିଶୋରୀ ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଛାତ୍ରୀମାନେ ନାଟକ ଏବଂ ସଚେତନତାମୂଳକ ପ୍ରଦର୍ଶନ ମାଧ୍ୟମରେ ନିଜ ମତ ଉପସ୍ଥାପନ କରିଥିଲେ। ଏହା ମାଧ୍ୟମରେ ବାଲ୍ୟ ବିବାହର କୁପ୍ରଭାବ, ଶିଶୁ ସୁରକ୍ଷାର ଆବଶ୍ୟକତା ଓ କିଶୋରୀମାନଙ୍କ ଅଧିକାର ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରସାରିତ ହୋଇଥିଲା।

ଅତିଥିମାନେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, "ଝିଅ ପାପ ନୁହେଁ, ଝିଅ ବୋଝ ନୁହେଁ; ନାରୀ ହେଉଛି ଶକ୍ତିର ପ୍ରତୀକ।" ପ୍ରତ୍ୟେକ କିଶୋରୀ ନିଜ ଅଧିକାର, ସମ୍ମାନ ଓ ସୁରକ୍ଷା ପ୍ରତି ସଚେତନ ରହିବା ସହ ଆତ୍ମବିଶ୍ୱାସୀ ହୋଇ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଉଚିତ ବୋଲି ସେମାନେ ମତପ୍ରକାଶ କରିଥିଲେ। ଏଥିସହ କିଶୋରୀମାନଙ୍କ ଶାରୀରିକ ବିକାଶ, ଦକ୍ଷତା ବୃଦ୍ଧି ଓ ସାମଗ୍ରିକ ସଶକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

କାର୍ଯ୍ୟକ୍ରମ ଶେଷରେ ଯୋଗଦେଇଥିବା ଛାତ୍ରୀ ଓ ଅଙ୍ଗନୱାଡି କର୍ମୀମାନଙ୍କ ସକ୍ରିୟ ସହଭାଗିତାକୁ ପ୍ରଶଂସା କରାଯାଇଥିଲା। କିଶୋରୀ ସୁରକ୍ଷା, ବାଲ୍ୟ ବିବାହ ରୋକଥାମ, ଶିଶୁ ଅଧିକାର ଓ ନାରୀ ସଶକ୍ତିକରଣ ଭଳି ବିଷୟରେ ସମାଜକୁ ସଚେତନ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଫଳପ୍ରଦ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ ପାଇଥିଲା।

## ଟ୍ରାନ୍ସଫର୍ମର ବସାଇବାକୁ ଜିଲ୍ଲାପାଳଙ୍କୁ ନିବେଦନ

**ଢେଙ୍କାନାଳ, ୨୨।୬ (ସଂଚାର ବ୍ୟୁରୋ):** ଓଡାପଡା ବ୍ଲକ୍ ଅନ୍ତର୍ଗତ ଦୀନବନ୍ଧୁପୁର ଗ୍ରାମର ବିଦ୍ୟୁତ୍ ଉପଭୋକ୍ତାମାନେ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା ନିମନ୍ତେ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।



ପ୍ରକାଶ ଯେ, ଦୀନବନ୍ଧୁପୁର ଗ୍ରାମରେ ପୂର୍ବରୁ ୧୦ କେ.ଭି.ର ଏକ ଟ୍ରାନ୍ସଫର୍ମର ବସିଥିଲା। ୪ବର୍ଷ ପୂର୍ବେ ଘଡଘଡି ଓ ବିଜୁଳି ମାରିବାରୁ ଉକ୍ତ ଟ୍ରାନ୍ସଫର୍ମରଟି ପୋଡିଯାଇଥିଲା । ସେତେବେଳେ ଅନ୍ୟ ଏକ ଟ୍ରାନ୍ସଫର୍ମରରୁ ଉକ୍ତ ସାହିକୁ ବିଦ୍ୟୁତ୍ ସଂଯୋଗ କରାଯିବା ଫଳରେ ସମସ୍ତ ଗ୍ରାହକଙ୍କର ଲୋ-ଭୋଲ୍ଟେଜ୍ ସୃଷ୍ଟି ହୋଇଥିଲା । ଏହି ବିଷୟରେ ସ୍ଥାନୀୟ ବିଧାୟିକା ସୀମାରାଣୀ ନାୟକଙ୍କୁ ଅବଗତ କରାଇଥିଲେ। ବିଧାୟିକା ମହାଶୟା ତା.୨୪.୦୬.୨୦୨୬ରିଖରେ ଟ୍ରାନ୍ସଫର୍ମର ବସାଇବା ପାଇଁ ଏକଜୁକ୍ୟୁଟିଭ୍ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାହା କିନ୍ତୁ ଫଳପ୍ରଦ ହୋଇପାରିଲା ନାହିଁ। ଆଜକୁ ୨ବର୍ଷ ବିତିଯାଇଥିଲେ ମଧ୍ୟ ଟ୍ରାନ୍ସଫର୍ମର ବସିପାରିଲା ନାହିଁ । ଏହି ସାହିରେ ୧୮୦ ଜଣ ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି।

ଏଣୁ ଉକ୍ତ ସାହିରେ ଏକ ୧୦୦ କେ.ଭି. ଟ୍ରାନ୍ସଫର୍ମର ବସାଇବାକୁ ବିଦ୍ୟୁତ୍ ଉପଭୋକ୍ତାମାନେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ନିକଟରେ ନିବେଦନ କରିଛନ୍ତି। ଯଦି ଏହା ୭ଦିନ ମଧ୍ୟରେ ନହୁଏ ତେବେ ବିଦ୍ୟୁତ୍ ଉପଭୋକ୍ତାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଭୁବନଠାରେ ନିର୍ମିତ କେନାଲ ପୋଲରେ ସଂଯୋଗୀକରଣ ରାସ୍ତା ନାହିଁ

### ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



**ନିଶ୍ଚିନ୍ତକୋଇଲି, ୨୨।୬ (ସଂଚାର ବ୍ୟୁରୋ):** କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନସ୍ଥ ୮ନଂ କେନାଲର ଭୁବନ ଠାରେ ନିର୍ମିତ ହୋଇଥିବା ପୋଲକୁ ରାସ୍ତା ସଂଯୋଗୀକରଣ ନହେବାରୁ ଉକ୍ତ ପୋଲଟି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏହି ପୋଲରେ ସ୍ଥାନୀୟ ବୁହାଲୋ ପଞ୍ଚାୟତ ସମେତ କେନ୍ଦୁପାଟଣା ପଞ୍ଚାୟତର ଲୋକମାନେ ଯାଆସ କରିବାରେ ନିର୍ଭର କରିଥାନ୍ତି। ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ଗୃହପାଳିତ ପଶୁ ଗାଈ, ଗୋରୁ, ଛେଳି, ମେଣ୍ଢା ଆଦିଙ୍କୁ ଘାସ ଚରାଇବା ପାଇଁ ପୋଲର ଆରପଟ କେନାଲ ବନ୍ଧକୁ ନେଇପାରୁନାହାଁନ୍ତି।

ଦୀର୍ଘ ବର୍ଷ ହେବ ଏହି ପୋଲର ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କଣ ପାଇଁ ଏହାର ସଂଯୋଗୀକରଣ ରାସ୍ତା ହୋଇପାରୁନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲ ନିର୍ମାଣ ସମୟରେ ରାଜ୍ୟରେ ବିଜୁ ଜନତା ଦଳର ସରକାର ଥିଲା। ବର୍ତ୍ତମାନର ଭାରତୀୟ ଜନତାପାର୍ଟିର ସରକାର ରାଜ୍ୟରେ ଶାସନ କରୁଛି। ସରକାର ବଦଳିଲା ହେଲେ ଏହି ପୋଲର ଭାଗ୍ୟ ବଦଳିଲା ନାହିଁ। ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ପକ୍ଷରୁ ଦୁଇ ବର୍ଷରେ ରାଜ୍ୟରେ ଦୁଇଗୁଣା ବିକାଶ ହୋଇଥିବା କଥା କହୁଥିବା ବେଳେ ଏଠାରେ କିନ୍ତୁ ବିକାଶର ଧାରା ଅଟକି ଯାଇଛି। ତୁରନ୍ତ ଏହି ପୋଲର ଉଭୟ ପାର୍ଶ୍ୱରେ ରାସ୍ତା ସଂଯୋଗୀକରଣ କରାଯାଇ ଗମନାଗମନ ଉପଯୋଗୀ କରିବା ପାଇଁ ମାହାଙ୍ଗା ବିଧାୟକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।










# ଫେସ୍ ମେକ୍ଅପ୍

ମୁହଁ ବ୍ୟକ୍ତିତ୍ୱର ଦର୍ପଣ। ଏହା ମନର ଭାବ ପରିପ୍ରକାଶ କରେ। ଅସୁନ୍ଦରୀ ଝିଅ ହେଉ ବା ସୁନ୍ଦରୀ, ଆହୁରି ଅଧିକ ସୁନ୍ଦର ଦେଖାଯିବାକୁ ସମସ୍ତଙ୍କ ମନ। ଏଥିପାଇଁ ଝିଅମାନେ ସବୁବେଳେ ଦର୍ପଣ ଆଗରେ ଲାଖି ରହି ସଜେଇ ହେଉଥାନ୍ତି। ଯେତେ ସଜେଇ ହୋଇ ସୁନ୍ଦର ଦେଖାଗଲା ପରେ ସେମାନେ ଚାହାନ୍ତି ଆହୁରି ସୁନ୍ଦର ଦେଖା ହେବା ପାଇଁ। ସେମିତି ହେବ କେମିତି ?

**ମୁହଁର ମେକ୍ଅପ୍:** ପ୍ରଥମେ ମୁହଁକୁ ସଜାଇବା ପୂର୍ବରୁ ହାତକୁ ଭଲ ଭାବେ ଧୋଇ ଦିଅନ୍ତୁ। ତୁଳାରେ କିଛି କ୍ଲିନ୍ଜିଙ୍ଗ୍ ମିଲ୍କ ନେଇ ମୁହଁ ସଫା କରି ଦିଅନ୍ତୁ। ଯଦି ଆପଣଙ୍କ ମୁହଁରେ ବ୍ରଣ ହେଉଥାଏ ତା’ହେଲେ ଆପଣ ଆଣ୍ଟି ବେକ୍ଟେରିଆଲ୍ ସାବୁନ୍ ବ୍ୟବହାର କରନ୍ତୁ। ଏହାପରେ ଆପଣ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ଓ ଏକ ପରିଷ୍କାର ଟାୱେଲ ସାହାଯ୍ୟରେ ମୁହଁ ପୋଛି ହୁଅନ୍ତୁ। ମୁହଁକୁ ଭଲ ଭାବେ ଶୁଖାଇ ତୁଳାରେ କିଛି ଟୋନ୍ର ନେଇ ମୁହଁରେ ଲଗାଇ ଦିଅନ୍ତୁ। ଏବେ ମଷ୍ଟରାଇଜର୍ ଲଗାଇ ୩ରୁ ୪ ମିନିଟ୍ ପର୍ଯ୍ୟନ୍ତ ମସାଜ କରନ୍ତୁ କିନ୍ତୁ ମନେ ରଖନ୍ତୁ ଏହାକୁ ଆଖି ଠାରୁ ଦୂରରେ ରଖିବେ। ମସାଜ୍ କରି ସାରିବା ପରେ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ ଯେପରି ମଷ୍ଟରାଇଜର ଆପଣଙ୍କ ମୁହଁରେ ଠିକ୍ ଭାବେ ଲାଗିଯିବ। ଆପଣଙ୍କ ଚର୍ମର ରଙ୍ଗ ଅନୁସାରେ ଏବେ ଫାଉଣ୍ଡେସନ ଲଗାନ୍ତୁ। ଫାଉଣ୍ଡେସନକୁ ଭଲ ସ୍ପଞ୍ଜ ନଚେତ୍ ବ୍ରସ୍ ମାଧ୍ୟମରେ ଲଗାନ୍ତୁ।

**ଆଖିର ମେକ୍ଅପ୍:** ମୁହଁର ସୌନ୍ଦର୍ଯ୍ୟ ଆଖି ବଢ଼ାଇଥାଏ। ସେଥିପାଇଁ ଆପଣ ମୁହଁର ମେକ୍ଅପ୍ କଲାବେଳେ ଆଖିର ମେକ୍ଅପ୍ କରିବା ନିହାତି ଜରୁରୀ। ପ୍ରଥମେ ଆଖିପତା ତଳକୁ ଆଖିରେ କିଛି ପାଉଡ଼ର ଲଗାନ୍ତୁ। ଆଇବ୍ରୋ ପେନ୍ସିଲ ଦ୍ୱାରା ଆଖିପତାକୁ ଭଲ ଆକାର ଦିଅନ୍ତୁ। ଏହାପରେ ଆଖିରେ କାଜଲ୍ ଓ ଆଇ ଲାଇନ୍ର ଲଗାନ୍ତୁ, ଆପଣ ଆପଣଙ୍କ ଆଖିର ଗଠନ ଦେଖି ଲାଇନ ଲଗାନ୍ତୁ। ଯଦି ମୋଟ ଦରକାର ମୋଟ ଲଗାନ୍ତୁ ନଚେତ୍ ପତଳା ଆକାରରେ ଲଗାନ୍ତୁ। ହାଲ୍କା ରଙ୍ଗର ଆଇ ସେଡୋ ଲଗାନ୍ତୁ।

**ଓଠର ମେକ୍ଅପ୍:** ମୁହଁର ସୌନ୍ଦର୍ଯ୍ୟ ବଢ଼ାଇବାରେ ଓଠର ମେକ୍ଅପ୍ ନିହାତି ଜୁରିରୀ। ଓଠର ମେକ୍ଅପ୍ ନେବା ପୂର୍ବରୁ ପ୍ରଥମେ ଓଠରେ କିଛି ଲିପ୍ ବାମ୍ ଲଗାନ୍ତୁ। କିଛି ସମୟ ପରେ ଟିସୁ ପେପର ମାଧ୍ୟମରେ ଏହାକୁ ବାହାର କରି ଦିଅନ୍ତୁ। ଏହାପରେ ଲିପ୍ ଲାଇନର ଲଗାନ୍ତୁ। ଏହାଦ୍ୱାରା ଆପଣ ଓଠର ଆକାର ଜାଣିପାରିବେ। ଲାଇନ୍ର ଲଗାଇବା ସମୟରେ ଏହା ଯେପରି ବାହାରକୁ ବାହାରି ନଆସେ। ଆପଣଙ୍କ ପସନ୍ଦର ଲିପ୍ଷ୍ଟିକ୍ ଲଗାନ୍ତୁ, ଲିପ୍ଷ୍ଟିକ୍ ଲଗାଇ ସାରିବା ପରେ ଏବେ ଲିପ୍ଗ୍ଲସ୍ ବା ଲିପ୍ ଜେଲ ଲଗାନ୍ତୁ। ଏହା ଆପଣଙ୍କ ଓଠକୁ ଅଧିକ ସାଇନିଙ୍ଗ୍ କରିଥାଏ।

ଅସଲ କଥା ହେଉଛି ମୁହଁ ହିଁ ଜଣଙ୍କର ଅନେକ କିଛି ପରିଚୟ ହେଉ ବା ବ୍ୟକ୍ତିତ୍ୱ ସବୁକିଛିର ଭାବନାକୁ ପ୍ରତିଫଳିତ କରିଥାଏ। ତେଣୁ ମୁହଁ ମେକ୍ଅପ୍ କ୍ଷେତ୍ରରେ ଆଦୌ କମ୍ପ୍ରୋମାଇଜ କରନ୍ତୁ ନାହିଁ। ସୋସିଆଲ ମିଡ଼ିଆରୁ ଦେଖି, ଭଲ ଭାବେ ନ ବୁଝି ମୁହଁ ମେକ୍ଅପ ସାମଗ୍ରୀ ବ୍ୟବହାର କରନ୍ତୁ ନାହିଁ, ଏହା ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ।

ଅପର୍ଣ୍ଣା ନାୟକ
ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ
ଡିପାର୍ଟମେଣ୍ଟାଲ ଷ୍ଟୋର
ନୂଆଦିଲ୍ଲୀ, ପିନ-୧୧୦୦୪୬



# ସିଜନାଲ ଆଫେକ୍ଟିଭ ଡିଜ୍ଅର୍ଡର

ଶୀତ ତ ଦିନକୁ ଦିନ ବଢ଼ିଲାଣି। ସେ ଦିନ କୁହୁଡ଼ି ଭରା ଶୀତୁଆ ସକାଳୁ କ୍ଷୀପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି। ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ। ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃତ୍ତିଗତ ଦାୟିତ୍ୱରେ ଅଛନ୍ତି। ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି। ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ। କାରଣ ବାସ୍ତବ କଥା ହେଉଛି ଶୀତ ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ। ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ। ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ। ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ। ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଳାନ୍ତ ତଥା କମ ଶକ୍ତି ସମ୍ପନ୍ନ ମନେହୁଏ। ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ। ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ। ଆଗରୁ ଭରପୁର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ। କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଲାଗେ। ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ। କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ। ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ।

ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ। ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ। ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ୍ୟ ଜରୁରୀ। ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ। ସନ୍ତୁଳିତ ଆହାର ମଧ୍ୟ ଉପଶମ ଆଣିବାରେ ସହାୟକ ହୁଏ। ବିଶେଷକରି ଓମେଗା-୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର ସମ୍ପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ। ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ। ଚିତ୍ର ଆଙ୍କିବା, ବହି ପଢ଼ିବା କି ସଙ୍ଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ୍ୟ ଏ ଦିଗରେ ଉପାଦେୟ। ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ। ଯଦି ଯାବତୀୟ ପତ୍ରିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ। ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ। ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ,
ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ

# ମୁଣ୍ଡବିନ୍ଧାର କାରଣ କାନ



ଶୀତ ବଢ଼ିଲାଣି, ଶୀତର ପ୍ରକୋପରେ ଅନେକଙ୍କର କାନବିନ୍ଧା ସମସ୍ୟା ଦେଖାଦେଇଥାଏ। ବିଶେଷକରି କାନ ପାଇଁ ମୁଣ୍ଡବିନ୍ଧା ଏକ ଅନ୍ୟତମ ଯନ୍ତ୍ରଣାଦାୟକ ଅନୁଭୂତି। କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ। ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ। ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି। ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ। ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା। ଅନ୍ୟୂନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି। କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ଼ର ବ୍ୟବହାର କରନ୍ତି। ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ। କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍କାରେ ନିଅନ୍ତି। ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ। ଫଳରେ ମୁଣ୍ଡ ବୁଲାଇଥାଏ। କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମି କରି ହେଉ। ଏହାପରେ କାନକୁ ଭଲ ଶୁଣାଯାଏନା। କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ। ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ। ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ। ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ। କାନ କୁଣ୍ଡାଇହୁଏ। ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ। ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ। ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ। ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।




# ରୁମ ହିଟର୍ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ

ଅଧିକାଂଶ ଅଛନ୍ତି ଯେଉଁମାନେ ଘଣ୍ଟା ଘଣ୍ଟା ଧରି ରୁମ ହିଟର ବ୍ୟବହାରରେ ଅଭ୍ୟସ୍ତ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଦୀର୍ଘ ସମୟର ବନ୍ଦ ରୁମ ଭିତରେ ହିଟର ବ୍ୟବହାର ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏକ ସ୍ୱାସ୍ଥ୍ୟ ଭିତ୍ତିକ ଅଧ୍ୟୟନର ରିପୋର୍ଟ ମୁତାବକ ଅଧିକ ସମୟ ଧରି ରୁମ ହିଟର ବ୍ୟବହାର ଦ୍ୱାରା ମସ୍ତିଷ୍କ ସହ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇଥାଏ। ତେବେ ବଡ଼କଥା ହେଉଛି ଏହା ଜଣଙ୍କର ଶାରୀରିକ ଅଭିବୃଦ୍ଧି, ପାଚନ ପ୍ରକ୍ରିୟା, ନିଦ୍ରା ବ୍ୟବସ୍ଥା ଓ ଶାରୀରିକ ସନ୍ତୁଳନକୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥାଏ। ରୁମ ହିଟର ଚଳାଇବା ଦ୍ୱାରା କୋଠରୀରେ ଅମ୍ଳଜାନ ମାତ୍ରା ହ୍ରାସ ପାଏ। ମସ୍ତିଷ୍କକୁ ସଠିକ ମାତ୍ରାର ଅମ୍ଳଜାନ ମିଳିପାରୁ ନଥିବାରୁ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଥକ୍କାପଣ ଆଦି ସମସ୍ୟା ହୋଇଥାଏ। ହୃଦଘାତର କାରଣ ହୋଇପାରେ। ଦୀର୍ଘ ସମୟ ଧରି ଅମ୍ଳଜାନ କମ ଯୋଗୁଁ ମସ୍ତିଷ୍କର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇପାରେ। ସ୍ମୃତିଶକ୍ତି ହ୍ରାସ ପାଇବା ସହ ନିର୍ଣ୍ଣୟ ନେବା କ୍ଷମତା ଉପରେ ପ୍ରଭାବ ପଡ଼େ। ତ୍ୱଚା ଏବଂ ଦୃଷ୍ଟିଶକ୍ତି ଉପରେ ଏହା ପ୍ରଭାବ ପକାଇଥାଏ। ରୁମ ହିଟର ଜଳାଇବା ଦ୍ୱାରା କୋଠରୀର ଆର୍ଦ୍ରତା ନିୟନ୍ତ୍ରଣରେ ରହେନାହିଁ। ଏହାଦ୍ୱାରା ଚର୍ମକୁ କ୍ଷତି ପହଞ୍ଚିଥାଏ। ରୁମକୁ ଉଷୁମ ରଖିବା ପାଇଁ ଆବଶ୍ୟକୀୟ ପ୍ରାକୃତିକ ବ୍ୟବସ୍ଥା ଆପଣାନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ।

## ଖୋଲା ଆକାଶ ତଳେ ପଡ଼ିରହିଛି ଚାଷୀର ପରିଶ୍ରମ

# ମଣ୍ଡିକୁ ଗାଡ଼ି ପଠାଉନାହାନ୍ତି ମିଲର୍ସ

**ବଲାଙ୍ଗୀର,୨୨।୬(ସଂଚାର ବ୍ୟୁରୋ):** ଜିଲ୍ଲା ଦେଓଗାଁରେ ମିଲରଙ୍କ ମର୍ଜିରେ ଚାଲିଛି ରବିଧାନ କିଣା । ଟାର୍ଗେଟ ଆସିଛି ସତ, ହେଲେ ମଣ୍ଡିକୁ ଗାଡ଼ି ପଠାଉ ନାହାନ୍ତି ମିଲର। ଫଳରେ ଖୋଲା ଆକାଶ ତଳେ ପଡ଼ି ରହିଛି ହଜାର ହଜାର ବସ୍ତା ଧାନ। ବଲାଙ୍ଗୀରରେ ରବିଧାନ କିଣାରେ ଘୋର ଅବ୍ୟବସ୍ଥା। ଆରମ୍ଭରୁ ଟାର୍ଗେଟ ନଥିବାରୁ ଧାନ ଉଠିପାରୁନଥିଲା, ଟାର୍ଗେଟ ଆସିବା ପରେ ମିଲର୍‌ଙ୍କ ମନମାନୀ ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଇଛି। ଦେଓଗାଁର ୧୩ଟି ମଣ୍ଡିରେ ୨,୦୭୧ ଜଣ ଏବଂ ଗୁଡ଼ଭେଳାର ୮ଟି ପ୍ୟାକ୍ସରେ ୧,୭୬୦ ଜଣ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକରଣ କରିଛନ୍ତି। ଏଯାଏଁ ଅଧାରୁ ଅଧିକ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି।

ଦେଓଗାଁ ଗୌଡ଼ଗୋଠ କୃଷି ସମବାୟ ସମିତିରେ ୫୦୬ ଜଣ ଚାଷୀ ୨୪ ହଜାର କ୍ୱିଣ୍ଟାଲ୍ ଧାନ ବିକିବାକୁ ପଞ୍ଜୀକରଣ କରିଥିଲେ । ଜୁନ୍ ୨୦ ସୁଦ୍ଧା ୧୩ ହଜାର ୪୨୦ କ୍ୱିଣ୍ଟାଲ୍‌ର ଟାର୍ଗେଟ୍ ଆସିଛି ।



ବର୍ତ୍ତମାନ ସୁଦ୍ଧା ମାତ୍ର ୨୫୦ ଚାଷୀଙ୍କ ୯ ହଜାର ୬୭୦ କ୍ୱିଣ୍ଟାଲ୍ ଧାନ କିଣା ହୋଇଛି । ଏବେ ବି ଖୋଲା ଆକାଶ ତଳେ ପଡ଼ିରହିଛି ୨୫ ଶହ ବସ୍ତା ଧାନ। ଗୌଡ଼ଗୋଠ ପ୍ୟାକ୍ସରୁ ଧାନ ଉଠାଇବା ଦାୟିତ୍ୱ ପାଇଥିବା ମିଲର୍ସ ସ୍ଥାନୀୟ ମଣ୍ଡିକୁ ଅଣଦେଖା କରି ପଡ଼ୋଶୀ କଳାହାଣ୍ଡିରୁ ଅଧିକ ପରିମାଣର ଧାନ ଉଠାଉଥିବା ଅଭିଯୋଗ ହୋଇଛି। ଧାନ ବିକ୍ରି ନହେଲେ ଚାଷୀ କେମିତି ଖରିଫ୍ ଚାଷ ଆରମ୍ଭ କରିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଜୁନ୍ ୩୦ରେ ଧାନ କିଣା ଅବଧି ଶେଷ ହେଉଥିବାରୁ ଚାଷୀଙ୍କୁ ଟୋକନ ଲେପ୍ସର ଭୟ ଘାରିଛି । ଅନ୍ୟପଟେ କୃଷି ସମବାୟ ସମିତିର ସମ୍ପାଦକ କହିଛନ୍ତି, ମିଲର୍ସ ଧାନ ଉଠାଉନଥିବାରୁ ବସ୍ତା ପଡ଼ିରହିଛି । ଚାଷୀଙ୍କ ସମସ୍ୟା ପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମିଲରଙ୍କ ମନମାନୀ ଉପରେ ରୋକ୍ ଲଗାଇବା ସହ ଜୁନ୍ ୩୦ ସୁଦ୍ଧା ଧାନ ଉଠାଇବାକୁ ଦାବି ହୋଇଛି ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ



**ରିଷିଡା,୨୨।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ୍ଥିତ ସୁଭଦ୍ରା ଶକ୍ତି କେନ୍ଦ୍ରଠାରେ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନମିତା ରାଣୀ ସାହୁ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କୁନି ସାହୁ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚରିତା ମୁଗ୍ରୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ଭୋଇ ଯୋଗଦେଇଥିବା ବେଳେ ପୁଷ୍ପକାନ୍ତି କୁମାର ଓ କର୍ଲାମୁଣ୍ଡା ମଣ୍ଡଳ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ବବିତା ମଞ୍ଜରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବକ୍ତାମାନେ ମହିଳା ସଶକ୍ତିକରଣ, ସୁଭଦ୍ରା ଯୋଜନା, ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ଯୋଜନାଗୁଡ଼ିକର ସୁଫଳକୁ ଗ୍ରାମାଞ୍ଚଳର ମହିଳାମାନଙ୍କ ନିକଟରେ ପହଞ୍ଚାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଡିପିଓଙ୍କ ସମେତ ମିଶନ ଶକ୍ତି, ଅଙ୍ଗନୱାଡ଼ି, ଏସ୍‌ଏଚ୍‌ଜି ଏବଂ ବିଭିନ୍ନ ବିଭାଗର ମହିଳା କର୍ମୀମାନେ ଉପସ୍ଥିତ ଥିଲେ। କର୍ଲାମୁଣ୍ଡା ବ୍ଲକର ୧୧ଟି ପଞ୍ଚାୟତରୁ ପ୍ରାୟ ୧୦୦ରୁ ଅଧିକ ମହିଳା ଏହି ସମାବେଶରେ ଯୋଗଦେଇଥିଲେ।

## ବକ୍ସାଇଟ ଖଣି ସମ୍ପ୍ରସାରଣ ପାଇଁ ଜନଶୁଣାଣି

# ୩.୬ ମିଲିୟନ ଟନରୁ ୬ ମିଲିୟନ ଟନ ଉତ୍ପାଦନ ବୃଦ୍ଧି ପ୍ରସ୍ତାବ; ସ୍ଥାନୀୟ ଲୋକଙ୍କ ସମର୍ଥନ



**ରାୟଗଡ଼ା,୨୨।୬ (ସଂଚାର ବ୍ୟୁରୋ):** ରାୟଗଡ଼ା ଓ କୋରାପୁଟ ଜିଲ୍ଲାର କାଶୀପୁର ଏବଂ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୋଡିଙ୍ଗାମାଳି ବକ୍ସାଇଟ ଖଣିର ବାର୍ଷିକ ଉତ୍ପାଦନ କ୍ଷମତାକୁ ୩.୬ ମିଲିୟନ ଟନରୁ ୬ ମିଲିୟନ ଟନକୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ଶନିବାର ରାୟଗଡ଼ା ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣିରେ ପ୍ରଭାବିତ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ନିଜ ମତାମତ ଉପସ୍ଥାପନ କରିଥିଲେ। ରାୟଗଡ଼ାର ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଓ ଅଶୋକ ଭୋଇଙ୍କ ଉପସ୍ଥିତିରେ ଆୟୋଜିତ ଏହି ଜନଶୁଣାଣିରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଏବଂ ଓଏମସିର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କାଶୀପୁର ବ୍ଲକର ବାଙ୍କାମ୍ବା ଓ ପୁଡ଼ାପାଡ଼ି ପଞ୍ଚାୟତର ପ୍ରାୟ ୮୦୦ ରୁ ୧୦୦୦ ଜଣ ସ୍ଥାନୀୟ ବାସିନ୍ଦା ଖଣି ସମ୍ପ୍ରସାରଣ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଜନଶୁଣାଣିରେ ଅଂଶଗ୍ରହଣ କରିଥିବା ବକ୍ତାମାନେ କହିଥିଲେ ଯେ, ଖଣିର ସମ୍ପ୍ରସାରଣ ଦ୍ୱାରା ଅଞ୍ଚଳରେ ରୋଜଗାର ସୁଯୋଗ ବୃଦ୍ଧି ପାଇବା ସହ ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଭଳି ମୌଳିକ ସୁବିଧାର ଅଧିକ ବିକାଶ ସମ୍ଭବ ହେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଜନଶୁଣାଣିରେ ଉପସ୍ଥାପିତ ସମସ୍ତ ମତାମତ ଓ ଅଭିଯୋଗକୁ ଲିଖିତ ଆକାରରେ ଗ୍ରହଣ କରାଯିବା ସହ ସମଗ୍ର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଥିଲା। ସଂଗୃହୀତ ରିପୋର୍ଟ ଓ ତଥ୍ୟ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ସୂଚନା ଦେଇଛନ୍ତି।

# ଯୁଗ୍ମ ଅଭିଯୋଗ ଶୁଣାଣିରେ ୭୧ଟି ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୨୨।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକର କ୍ଷେମାଲୋଏ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତାପ କୁମାର ରଣା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୭୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅଭିଯୋଗ ପାଇଁ ଆସୁଥିବା ଲୋକଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଛୁଆଠୁ ନେଇ ବୃଦ୍ଧମାନଙ୍କ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଉଲୁଣ୍ଡା ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ ଓ କ୍ଷେମାଲୋଏ ସରପଞ୍ଚ ଯଶୋବନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ଦିଲ୍ଲୀପ ବାରାଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଭୀମ ଭୋଇ ସମାଧି ପୀଠରେ ବିଶ୍ୱ ଯୋଗ ଦିବସ ପାଳନ

**ସୁବର୍ଣ୍ଣପୁର,୨୨।୬ (ସଂଚାର ବ୍ୟୁରୋ):** ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ର ସୋନପୁର ବ୍ଲକ ର ଭୀମ ଭୋଇ ସମାଧି ପୀଠ ଖଲିଆପାଲି ଠାରେ ବ୍ଲକ୍ ସ୍ତରୀୟ ୧୨ ତମ ଯୋଗ ଦିବସ ପାଳନ ହୋଇଯାଇଛି। ଯୋଗ ସମିତି ସଦସ୍ୟ, ସ୍କୁଲ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଙ୍ଗନବାଡି କର୍ମୀ, ସୁପର ଭାଇଜର, ବରିଷ୍ଠ ନାଗରିକ, ରାଜ ନେତା ଙ୍କ ସମେତ ଏ ଅଞ୍ଚଳ ର ୩୦୦ ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇ ଯୋଗା ଭ୍ୟାସ କରି ଶପଥ ପାଠ କରି ଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ବିଡିଓ ଶ୍ରୀ ପ୍ରତୀକ କର ଙ୍କ ଅଧ୍ୟକ୍ଷତା ରେ ଓ ତତ୍ୱାବଧାନ ରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟ କ୍ରମ ପରିଚାଳନା ରେ ଏଇଇ ବୈଜୟନ୍ତି କର୍ଣ୍ଣ, ଏଇ ରାଜେନ୍ଦ୍ର ମଣ୍ଡଳ, ଡବ୍ଲୁଇଓ ସୌରଭ ଦାନୀ, ଜେଇ ସୁପ୍ରିୟା ଗୁରୁ, ଏମ୍‌ଆଇ ପ୍ରତ୍ୟାସା ମିଶ୍ର, ଈଚଗ ସୁବ୍ରତ ମେହେର, ପିଇଓ ଅଞ୍ଜଳି ପାଣିଗ୍ରାହୀ, ବ୍ଲକ୍ ର ସମସ୍ତ କର୍ମଚାରୀ, ସି ଆର୍ ପି, ଏମ୍ ବି କେ, ଆଶା କର୍ମୀ ସମସ୍ତେ ସହଯୋଗ କରିଥିଲେ। ଅଞ୍ଜଳି ପାଣିଗ୍ରାହୀ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବିଶ୍ୱ ଯୋଗ ଦିବସ ପାଳିତ



**ଲାଞ୍ଜିଗଡ଼,୨୨।୬(ସଂଚାର ବ୍ୟୁରୋ):** ଆଜି ବିଶ୍ୱ ଯୋଗ ଦିବସ।ଜୀବନରେ ଅନେକ ଆବଶ୍ୟକତା ଭିତରୁ ଯୋଗ, ବ୍ୟାୟାମ ଅନ୍ୟତମ। ପ୍ରତ୍ୟୋକ ଦିନ ଯୋଗ ବା ବ୍ୟାୟାମ କଲେ ଦେହ ସୁସ୍ଥ ଓ ମନ ନିର୍ମଳ ରହେ।ତେଣୁ କଥାରେ ଅଛି ନିୟମିତ ଯିଏ ଯୋଗ କରେ ସେହି ଲୋକ ନୀରୋଗ ରହେ। ଚଳିତ ବର୍ଷ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ବିଶ୍ୱ ବ୍ୟାପୀ ପାଳିତ ହେଉଥିବା ବେଳେ ଏହି ଅବସରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ବେନଗାଁ ଠାରେ ଯୋଗାଭ୍ୟାସ ସହ ଯୋଗ ଦିବସ ପାଳନ କରାଯାଇଅଛି। ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡ଼ ସଚିନନ୍ଦନ ସେନାପତି ଓ ସ୍ୱାସ୍ଥ୍ୟ ସମ୍ପର୍କ ସଂଯୋଜକ କର୍ଣ୍ଣ ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରି ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଅଂଶଗ୍ରହଣ କାରୀମାନେ ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବାର ଉପକାରିତା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ 'ଯୋଗ କରନ୍ତୁ, ସୁସ୍ଥ ରୁହନ୍ତୁ' ବାର୍ତ୍ତା ଦିଆଯାଇଥିବା ବେଳେ ଯୋଗକୁ ସାମିଲ କରି ସୁସ୍ଥ ସମାଜ ଗଠନରେ ସହଯୋଗ କରିବା ପାଇଁ ଶପଥ ନେଇଥିଲେ। ବିଭିନ୍ନ ପ୍ରାଣାୟାମ ଓ ସୂକ୍ଷ୍ମ ବ୍ୟାୟାମ କରାଯିବା ପରେ ଶାନ୍ତି ପାଠ ଶହ ଯୋଗାଭ୍ୟାସ ସମାପନ ହୋଇଥିଲା।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗର୍ଭିଣୀ ଗାଈ ମୃତ



**ସୁବର୍ଣ୍ଣପୁର,୨୨।୬ (ସଂଚାର ବ୍ୟୁରୋ):** ଟାଟା ପାୱାରର ଖାମଖିଆଲି ନୀତି ଯୋଗୁଁ ଏକ ଗର୍ଭିଣୀ ଗାଈର ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ସହର ଉପକଣ୍ଠ ସୋନପୁର ବିନିକା ରାସ୍ତା ର ପାଣିସିଆଲି ପେଟ୍ରୋଲ ପମ୍ପ ସାମ୍ନାରେ ଟାଟା ପାୱାର କମ୍ପାନୀର ଖାମଖିଆଲି ନୀତି ଯୋଗୁଁ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଯାଇଛି। ଦୀର୍ଘଦିନ ହେବ ଖୁଣ୍ଟରୁ ଛିଣ୍ଡି ତଳେ ପଡ଼ିଥିବା କେବୁଲ ର ସଂସ୍ପର୍ଶ ରେ ଆସି ଗର୍ଭିଣୀ ଗାଈ ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୋନପୁର ସୂତାକଳ ନିକଟସ୍ଥ ଡି କଲୋନୀର ରାମଗୋପାଳ ସାହୁ ଙ୍କ ଏକ ଗର୍ଭିଣୀ ଗାଈ ସହ ଆଉ କିଛି ଗାଈ ଚରୁଥିବା ସମୟରେ ଟାଟା ପାୱାର ଦ୍ୱାରା ଲଗାଯାଇଥିବା ବିଦ୍ୟୁତ ଖୁଣ୍ଟରୁ ଛିଣ୍ଡି ପଡ଼ିଥିବା ତାର ସଂସ୍ପର୍ଶରେ ଆସିଯାଇ ଛଟପଟ ହୋଇଥିଲେ। ସୌଭାଗ୍ୟବସତଃ ଘଟଣାସ୍ଥଳରୁ ୨ଟିଗାଈ ଛିଟିକି ପଡ଼ି ବଞ୍ଚିଯାଇଥିବାବେଳେ ଏକ ଗର୍ଭିଣୀ ଗାଈ ମୃତ୍ୟୁବରଣ କରିଛି।

## ମୁରିବାହାଲରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

# ଜିଲ୍ଲାପାଳଙ୍କ ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଆକସ୍ମିକ ଗସ୍ତ

**ବଲାଙ୍ଗିର,୨୨।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ମୁରିବାହାଲ ପଞ୍ଚାୟତ ସମିତି ବୈଠକ ଗୃହ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ଓ ଆପତ୍ତିଗୁଡ଼ିକର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୧୦୦ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ ୨୧ଟି ସାମୁହିକ ଏବଂ ୭୯ଟି ବ୍ୟକ୍ତିଗତ ଦରଖାସ୍ତ ସାମିଲ ଥିଲା। ସେଥିମଧ୍ୟରୁ ୧୨ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା, ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନଶୁଣାଣି କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ଜିଲ୍ଲାପାଳ ଶ୍ରୀ ଇସଲୱାର ମୁରିବାହାଲ ସଦର ମହକୁମାରେ ଥିବା ବିଭିନ୍ନ ସରକାରୀ ପ୍ରତିଷ୍ଠାନର କାର୍ଯ୍ୟକାରିତା ଅନୁଧ୍ୟାନ ପାଇଁ ଆକସ୍ମିକ ଗସ୍ତ କରିଥିଲେ। ସେ ମୁରିବାହାଲ ସ୍ୱାସ୍ଥ୍ୟ କେନ୍ଦ୍ରର ବହିର୍ବିଭାଗ (ଓପିଡି) ଓ ଅନ୍ତର୍ବିଭାଗ ପରିଦର୍ଶନ କରି ରୋଗୀଙ୍କ ସ୍ୱାସ୍ଥ୍ୟ ସେବା, ମାଗଣା ଔଷଧ ଯୋଗାଣ ବ୍ୟବସ୍ଥା ଓ ପରିସରର ସ୍ୱଚ୍ଛତାର ସମୀକ୍ଷା କରିଥିଲେ। ରୋଗୀମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇବାକୁ ମେଡିକାଲ ଅଫିସର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ସରକାରୀ ପଞ୍ଚାୟତି ଉଚ୍ଚ ବିଦ୍ୟାଳୟ, ମୁରିବାହଲ ପରିଦର୍ଶନ କରି ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ସହ ଶୈକ୍ଷିକ ଆଲୋଚନା କରିଥିଲେ।



## ସାମାଜିକ ବାସନ୍ଦରୁ ମୁକ୍ତି, ପରିବାରକୁ ଗାଁ ସହ ଯୋଡ଼ିଲା ପୁଲିସ

**ପିପିଲି,୨୨।୬ (ସଂଚାର ବ୍ୟୁରୋ):** ସାମାଜିକ ବାସନ୍ଦ ବ୍ୟକ୍ତିଙ୍କୁ ଗାଁ ଲୋକଙ୍କ ସହ ମିଶାଇଲା ପୁରୀ ପୁଲିସ । ୧୦ ବର୍ଷ ହେଲା ବାସନ୍ଦ ଥିବା ଏକ ପରିବାରକୁ ଗାଁ ଲୋକଙ୍କ ସହ ମିଶାଇଛି ପୁରୀ ପୁଲିସ। ପୁରୀ ଜିଲାରେ ସାମାଜିକ ବାସନ୍ଦ ପରି କୁସଂସ୍କାର ଏକ ବ୍ୟାଧି ପାଲଟି ଯାଇଛି। ଜିଲ୍ଲାର ୭ଟି ଥାନା ଅଧୀନରେ ୧୦୦ ରୁ ଅଧିକ ଗାଁରେ ସାମାଜିକ ବାସନ୍ଦର ଶିକାର ହୋଇଛନ୍ତି ଅନେକ ପରିବାର। ପୁରୀ ପୁଲିସ ପ୍ରଚେଷ୍ଟାରେ ଏହି କୁସଂସ୍କାରକୁ ଦୂରକରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗ୍ରାମରୁ ଏହି କୁପ୍ରଥାକୁ ଉଠାଇଛି ପୁଲିସ। ଏହି ଗାଁର ବିଶ୍ୱରଂଜନ ନାୟକ ୧୦ ବର୍ଷ ହେଲାଣି ସାମାଜିକ ବାସନ୍ଦ ଥିଲେ। ଗ୍ରାମସଭା ନିଷ୍ପତ୍ତି ଅନୁଯାୟୀ ବିଶ୍ୱରଂଜନଙ୍କୁ ଏକ ଘରିଆ କରି ରଖାଯାଇଥିଲା ।

## 'ବିକାଶ ଧାରା ଓଡ଼ିଶା ସାରା' ସଚେତନତା କାର୍ଯ୍ୟକ୍ରମ



**ଥୁଆମୂଳ ରାମପୁର,୨୨।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଭାଜପା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ସିନ୍ଧିପଦର, ଡୁମେରପଦର ଓ ଥୁଆମୂଳ ପଞ୍ଚାୟତଠାରେ 'ବିକାଶ ଧାରା ଓଡ଼ିଶା ସାରା' ଜନସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସିନ୍ଧିପଦର ସରପଞ୍ଚ ଗୀତାଞ୍ଜଳି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଗା ଶିବିରରେ ଭାଜପା ବରିଷ୍ଠ ନେତା ବାଜ୍ରା ଭୋଇ, ବାମୁନୁ ନାଏକ ଓ ଅଭିମନ୍ୟୁ ନାଏକ ଯୋଗଦେଇ ସରକାରଙ୍କ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିଥିଲେ। ସରକାରୀ ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୨୫୭ ଜଣ, ଆୟୁଷ୍ମାନ ବୟୋବନ୍ଦନ ଯୋଜନାରେ ୮୩ ଜଣ, ସୁଭଦ୍ରା ଶକ୍ତି ସମାବେଶରେ ୧୯୬ ଜଣ ଏବଂ ଆଇଇସି କାର୍ଯ୍ୟକ୍ରମରେ ୪୦୧ ଜଣ ସାମିଲ ହୋଇଥିଲେ। ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୩ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ନାଏବ ସରପଞ୍ଚ ଲୁଦ୍ରା ମାଝୀ, ସିଏଚଓ କମଳିନୀ ସବର ଓ ପିଇଓ ବିଶିଷ୍ଟ ଶବର ପ୍ରମୁଖ ଉପସ୍ଥିତ ଥିଲେ। ସେଭଳି ଡୁମେରପଦର ସରପଞ୍ଚ ରାଏମତୀ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଲକ୍ଷ୍ମୀଧର ନାଏକ, ହରେକୃଷ୍ଣ ନାଏକ, ନିରଞ୍ଜନ ନାଏକ, ଚନ୍ଦନ ନାଏକ ଓ ଟେକାରାମ ନାଏକ ଯୋଗଦେଇଥିଲେ।

## ଜୁଲାଇ ୧୨ରେ ଓଜେୟୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ସୁବର୍ଣ୍ଣପୁର,୨୨।୬ (ସଂଚାର ବ୍ୟୁରୋ):** ଓଡ଼ିଶା ସାମ୍ବାଦିକ ସଂଘ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତଥା ଜିଲ୍ଲା ର ବାର୍ଷିକ ଉତ୍ସବ ଆସନ୍ତା ଜୁଲାଇ ୧୨ତାରିଖରେ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଜ୍ୟର ୩୦ଟି ସାଙ୍ଗଠନିକ ଜିଲ୍ଲା ରୁ ଶତାଧିକ ସଂଘ କର୍ମକର୍ତ୍ତା ଏହି ବୈଠକରେ ଯୋଗ ଦେବାକୁ ଥିବାରୁ ବର୍ତ୍ତମାନ ଠାରୁ ଆୟୋଜକ ଜିଲ୍ଲା ଓଜେୟୁ କର୍ମକର୍ତ୍ତା ତଥା ଜିଲ୍ଲାର ସାମ୍ବାଦିକ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଆଲୋଚନା ଚକ୍ରରେ ଅନେକ ରାଜନେତା, ବରିଷ୍ଠ ପ୍ରଶାସନିକ ଅଧିକାରୀ ଅତିଥି ଭାବରେ ଥିବାବେଳେ ଏ ଉପଲକ୍ଷେ ଜିଲ୍ଲାର ବିଭବ ତଥା କଳା ସଂସ୍କୃତି ଓ ପର୍ଯ୍ୟଟନ ସଂବନ୍ଧିତ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଇବ। ଏଣୁ ରାଜ୍ୟ ର ସମସ୍ତ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ, ଗବେଷକ ମାନଙ୍କୁ ଚଳିତ ଜୁନ୨୮ତାରିଖ ମଧ୍ୟରେ ସମସ୍ତ ଲେଖା ନିମ୍ନ ଲିଖିତ ଇ ମେଲ୍ ojusubarnapur@gmail.com ରେ ପଠାଇବାକୁ ଅନୁରୋଧ କରାଯାଇଛି।

## ଶ୍ରୀହୀନ ହେବାକୁ ବସିଲାଣି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର



**ବୈଶିଙ୍ଗା,୨୨।୬ (ସଂଚାର ବ୍ୟୁରୋ):** ଶହେବର୍ଷ ତଳେ ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା କଦଳିଆ ପ୍ରଗଣା ଅଧିନ ୫୦ଖଣ୍ଡ ରାଜସ୍ୱ ଗ୍ରାମ ର ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଏହାର କେନ୍ଦ୍ରସ୍ଥଳ ଭାବେ ବୈଶିଙ୍ଗା ଠାରେ ଏକ ଆଞ୍ଚଳିକ ଡାକ୍ତରଖାନା ସ୍ଥାପନା କରିଥିଲେ।ଶହେ ବର୍ଷ ପରେ ମଧ୍ୟ ଆଜି ବି ସେହି ଆଞ୍ଚଳିକ ଡାକ୍ତରଖାନା ଭାବେ ପରିଗଣିତ ହେଉଛି। ଆବଶ୍ୟକୀୟ ଅଭିଜ୍ଞ ଡାକ୍ତର, ନର୍ସ, ଫାର୍ମାଶିଷ୍ଟ, ଡ୍ରେସର, ସ୍ୱିପର ନଥିବା ଆସୁଥିବା ରୋଗୀମାନେ ପ୍ରକାଶ କରିଛନ୍ତି। ଦୈନିକ ୨୫୦ ରୁ ୩୦୦ ରୋଗୀ ଆସୁଥିବା ବେଳେ ଖରା ବର୍ଷାରେ ଘଣ୍ଟା ଘଣ୍ଟାଧରି ସେମାନଙ୍କୁ ବାହାରେ ଠିଆ ହୋଇ ରହିବାକୁ ପଡୁଛି। ଡାକ୍ତର ଙ୍କର ସିଫ୍ଟ ଟାଇମ ନ ହେଲେ ଡ୍ୟୁଟିରେ ଆସନ୍ତି ନାହିଁ। ଆଉଟଡୋର ରେ ସିକ୍ୟୁରିଟି ରୋଗୀ ଙ୍କ ନାମ ସିରିୟାଲ କରୁ ଥିବାର ରୋଗୀମାନେ ପ୍ରକାଶ କରିଛନ୍ତି। ସେହିଭଳି ମେଡିସିନ ଦେବାପାଇଁ ଜଣେ ଫାର୍ମାସିଷ୍ଟ କାର୍ଯ୍ୟେ ଚଳାଇଥିବା ଜଣାଯାଇଛି। ଫଳରେ ଜଣେ ଫାର୍ମାସିଷ୍ଟ ମନୋରଞ୍ଜନ ମିଶ୍ର ଙ୍କୁ ଏକୁଟିଆ ମେଡିସିନ ଡିଷ୍ଟ୍ରିବ୍ୟୁଟ କରିବା ପାଇଁ ହଇରାଣ ହେବାକୁ ପଡୁଛି। ଏଥିସହିତ କୁକୁର କାମୁଡା ରୋଗୀ ମଧ୍ୟ ଅଧିକ ସଂଖ୍ୟାରେ ଆସୁଥିବା କାରଣରୁ ଜଣେ ଫାର୍ମାସିଷ୍ଟ କୁ ନାକେଦମ ହେବାକୁ ପଡୁଛି।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



**ବାଲିକୁଦା,୨୨।୬(ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୭୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଟି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୫ ଟି, ଆବାସ ସମ୍ପର୍କୀୟ ୨୫ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ ଟି, ପୋଲିସ ସହାୟତା ପାଇବା ପାଇଁ ୧ ଟି, ଭତ୍ତା ପାଇବା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜଗତସିଂହପୁର ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ବିଡ଼ିଓ ବାଲିକୁଦା ବିଦ୍ୟାଧର ଦଣ୍ଡପାଟ, ତହସିଲଦାର ବାଲିକୁଦା ବିକାଶ ରଞ୍ଜନ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ତେଲନଦୀ ବ୍ରିଜ ଓ କେସିଙ୍ଗା- ଟିଟଲାଗଡ଼ ରାସ୍ତାର ସୁରକ୍ଷା ଉପରେ ଚିନ୍ତା ପ୍ରକାଶ କଲା ସିଟିଜେନ୍ ଫୋରମ୍

# ଚୋରା ବାଲି ଚାଲାଣ ସହ ତୁର୍କେଲ ବ୍ରିଜ ଭୁଶୁଡ଼ିବାରୁ ବିପଦରେ ତେଲ ବ୍ରିଜ



**କଳାହାଣ୍ଡି,୨୨।୬(ସଂଚାର ବ୍ୟୁରୋ):** ଜିଲ୍ଲାର କେସିଙ୍ଗା ସହରର ଓ ଆଖ ପାଖ ଅଞ୍ଚଳ ର ପାରିପାର୍ଶିକ ବିକାଶ ପାଇଁ ଦୀର୍ଘ ବର୍ଷ ଧରି ସଦା ସର୍ବଦା ନିଃସ୍ୱାର୍ଥର ସହିତ ଅଞ୍ଚଳ ବିକାଶ ନିମନ୍ତେ ନିଜ ଦାୟିତ୍ୱ ତୁଲାଇ ଚାଲିଥିବା କେସିଙ୍ଗା ସିଟିଜନ ଫୋରମ୍ ପକ୍ଷରୁ ରବିବାର ଦିନ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଠାରୁ ଟିଟଲାଗଡ଼ ରାସ୍ତା ଓ ତେଲନଦୀ ଉପରେ ହୋଇଥିବା ନୂତନ ବ୍ରିଜ ର ସୁରକ୍ଷା କୁ ନେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହରେ ଫୋରମ୍ ସଭାପତି ଡାକ୍ତର ହେମସାଗର ସାହା ଓ ଅନ୍ୟାନ୍ୟ ସଦସ୍ୟ ଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରାଯାଇ ପୋଲ ଓ ରାସ୍ତା ର ସୁରକ୍ଷା ସମ୍ପର୍କରେ ଫୋରମ୍ ର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଗତ ଦୁଇ ତିନି ଦିନ ତଳେ ସହର ର ପ୍ରାୟ ସମସ୍ତ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ମାନେ ଉକ୍ତ ରାସ୍ତା ବିଷୟରେ ଖବର ପ୍ରସାରଣ କରି ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଥିଲେ।ହେଲେ ପ୍ରଶାସନ ପକ୍ଷରୁ ଖବର ପ୍ରସାରଣ ପରେ ତରବରିଆ ଭାବରେ ଖାଲ ମାନଙ୍କୁ ମରାମତି କରାଯାଇଥିଲା। ହେଲେ ଫୋରମ୍ ପକ୍ଷରୁ ଉକ୍ତ ରାସ୍ତା ଟି କାହିଁକି ବାରମ୍ବାର ଖରାପ ହେବା ସହିତ ନୂତନ ଭାବରେ ତିଆରି ହୋଇଥିବା ପୋଲ କୁ କିପରି ସୁରକ୍ଷା ଦିଆଯିବ ସେହି ବିଷୟରେ ସଭାପତି ସାମ୍ବାଦିକ ମାନଙ୍କୁ ଅବଗତ କରାଇଥିଲେ। ସୂଚନା ଅନୁଯାୟୀ ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲା ର ମହଦା ଅଞ୍ଚଳରୁ ବାଲିଘାଟ କରି କିଛି ଠିକାଦାର ସରକାରୀ ନିୟମ ଉଲଙ୍ଘନ କରି ଅଧିକ ବାଲି ଚୋରା ଚାଲାଣ କରୁଥିବା ବେଳେ ସହ ସହ ହାଇୱା ମାଧ୍ୟମରେ କେସିଙ୍ଗା ସହର ମଧ୍ୟ ଦେଇ ବାଲି ସହିତ ଅନେକ ଭାରି ଯାନ କେସିଙ୍ଗା ରୁ ଟିଟିଲାଗଡ଼ ରାସ୍ତା ଦେଇ ଯାଇଥିବାରୁ କେସିଙ୍ଗା ତେଲ ନଦୀ ପୋଲ ର ଅବସ୍ଥା ଦିନକୁ ଦିନ ଖରାପ ହୋଇ ବସିଲାଣି। ଫୋରମ୍ ପକ୍ଷରୁ କହିବାନୁଶାରେ ସେହି ପୋଲ ଟି ଭାରି ଯାନ ଯିବା ନିମନ୍ତେ ତିଆରି କରାଯାଇନଥିବା ବେଳେ କିନ୍ତୁ ସେହି ପୋଲ ଦେଇ ଦିନକୁ ସହ ସହ ଭାରି ଯାନ ଯାତାୟାତ କରୁଛି। ବର୍ତ୍ତମାନ୍ କଳାହାଣ୍ଡି ଜିଲ୍ଲା ତୁର୍କେଲ ପୋଲ ଭଗ୍ନ ଅବସ୍ଥାରେ ପଡ଼ି ରହିଥିବା ବେଳେ ଜିଲ୍ଲା ର ସବୁତକ ଗାଡ଼ି କେସିଙ୍ଗା ଟିଟିଲାଗଡ଼ ପୋଲ ଦେଇ ଯାତାୟାତ କରୁଥିବାରୁ ଦୁଇ ସହର ର ଗମନାଗମନ ସୁବିଧା କୁ ସିଧା ସଳଖ ଯୋଡ଼ିଥିବା ଆମ ତେଲ ନଦୀ ପୋଲ ର ମଧ୍ୟ ଭାଙ୍ଗି ଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କହିଛନ୍ତି।